

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୫ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 July 2024

Vol.No. 35 ■ No.199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନେପାଳରେ ଭୟଙ୍କର ବିମାନ ଦୁର୍ଘଟଣା: ୧୮ ମୃତ



ନୂଆଦିଲ୍ଲୀ, ୨୪/୭ : ଦୁର୍ଘଟଣାଗ୍ରସ୍ତ ହେଲା ଯାତ୍ରୀବାହୀ ବିମାନ। ଟେକ୍ ଅଫ୍ ବେଳେ ବିମାନରେ ଲାଗିଲା ନିଆଁ। ଏଥିରେ ୧୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ନେପାଳରେ ଏହି ଦୁର୍ଘଟଣା ଘଟିଛି। ଆଜି କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୧୯ଜଣ ଯାତ୍ରୀଙ୍କୁ ନେଇ ଉଡ଼ାଣ ଆରମ୍ଭ କରିଥିଲା ବିମାନ। ଉଡ଼ାଣ ବେଳେ ବିମାନଟି କ୍ରାଶ ହୋଇଯାଇଥିଲା। ଟେକ୍ଅଫ୍ କରିବା ବେଳେ ରନ୍‌ୱେରୁ ଖସିଯାଇଥିଲା ବିମାନ। ଏହାପରେ ବିମାନରେ ନିଆଁ ଲାଗିଥିଲା। ଏହି ଦୁର୍ଘଟଣା ପରେ ୧୮ ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ମିଡିଆ ରିପୋର୍ଟ ମୁତାବକ, ଉକ୍ତ ବିମାନଟି ସୌର୍ଯ୍ୟ ଏୟାରଲାଇନ୍ସର ଥିଲା। ଏହା ଆଜି ସକାଳ ୧୧ଟାରେ ୧୯ ଜଣ ଯାତ୍ରୀଙ୍କୁ ନେଇ ବିମାନଟି ପୋଖରା ଯାଉଥିବାବେଳେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣା ସ୍ଥଳରୁ ଏକ ଭିଡିଓ ସାମ୍ନାକୁ ଆସିଛି। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ବିମାନବନ୍ଦରରୁ ପ୍ରବଳ ଧୂଆଁ ବାହାରିବା ସହି ରନ୍‌ୱେରେ ଭୟଙ୍କର ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି। ବିମାନ ବନ୍ଦରେ ନିୟୋଜିତ ଜଣେ ସୁରକ୍ଷା ଅଧିକାରୀଙ୍କ କହିବା ମୁତାବକ, ବିମାନର ପାଇଲଟ ଜୀବିତ ଅଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଓ ଅଗ୍ନିଶମ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବିମାନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି।

## ୨୦ ହଜାର ଲାଞ୍ଚ ନେଉଥିଲେ ସରପଞ୍ଚ: ମାଡ଼ି ବସିଲା ଭିଜିଲାନ୍ସ

ଅନୁଗୋଳ, ୨୪/୭ (ନି.ପ୍ର): ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସୁସୁବା ପଞ୍ଚାୟତର ସରପଞ୍ଚ ମାମାଲି ସାମଲ। ଭିଜିଲାନ୍ସ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ସରପଞ୍ଚଙ୍କ ଅଫିସ ଓ ଘରେ ଚଢ଼ାଉ କରିଛି। 'ମୋ ପୋଖରୀ' ଯୋଜନାର ବିଲ୍ ପାସ କରାଇ ଦେବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୨୦ ହଜାର ଲାଞ୍ଚ ମାଗିଥିଲେ ସରପଞ୍ଚ।

▶▶ପୃଷ୍ଠା ୭

## ଅବଦୁଲ କଲାମ ଦ୍ୱୀପରୁ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ସଫଳ ବ୍ୟାବହାରିକ ପରୀକ୍ଷଣ



ବାଲେଶ୍ୱର: ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ବଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷଣ ହୋଇଛି। ଆଜି ଅପରାହ୍ନ ୪ଟା ୧୫ ମିନିଟ ସମୟରେ ଏହାର ବ୍ୟାବହାରିକ ପରୀକ୍ଷଣ ହୋଇଛି। ପ୍ରଥମେ ଚାନ୍ଦିପୁରର ୩ ନଂ ଲଞ୍ଚପ୍ୟାଡରୁ ପୃଥ୍ୱୀ -୨ ଉତ୍ ?କ୍ଷେପଣ କରାଯାଇଥିଲା। ଏହାର କିଛି ସମୟ ପରେ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ହୋଇଥିଲା। ଏହି ପରୀକ୍ଷଣରେ ୫୦୦୦ କିଲୋମିଟର ଶ୍ରେଣୀର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରୁ ରକ୍ଷା କରିବା ପାଇଁ ଜାତିର ସ୍ୱଦେଶୀ ଦକ୍ଷତା ପ୍ରଦର୍ଶନ କରାଯାଇଛି। ଅନ୍-ବୋର୍ଡ ଜାହାଜ

▶▶ପୃଷ୍ଠା ୭

## ଭବାନୀ ଶଙ୍କର ଭୋଇ ହେଲେ ଉପବାଚସ୍ପତି

ଭୁବନେଶ୍ୱର, ୨୪/୭ (ନି.ପ୍ର): ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ସପ୍ତଦଶ ଓଡ଼ିଶା ବିଧାନସଭାରେ ଉପବାଚସ୍ପତି ହୋଇଛନ୍ତି। ବାଚସ୍ପତି ସୁରମା ପାଢ଼ୀ ବୁଧବାର ଅପରାହ୍ଣରେ ତାଙ୍କର ନାମକୁ ଗୃହରେ ଘୋଷଣା କରିଛନ୍ତି। ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ଶାସକ ଦଳ ସମେତ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସର ନେତା ରାମଚନ୍ଦ୍ର କାଡ଼ାମ ସମର୍ଥନ ଜଣାଇଛନ୍ତି। ଶ୍ରୀ ଭୋଇ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲା ପରେ ତାଙ୍କୁ ବିଧାୟକମାନେ ଶୁଭେଚ୍ଛା ଜଣାଇଛନ୍ତି। ଉପବାଚସ୍ପତି ହେଲା ପରେ ଶ୍ରୀ ଭୋଇ ଗୃହର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ, ମନ୍ଦିର ରୂପକ ବିଧାନସଭାକୁ ଶାନ୍ତି ଶୃଙ୍ଖଳାର ସହିତ

▶▶ପୃଷ୍ଠା ୭

## ଯାଞ୍ଚ ଆରମ୍ଭ କଲାଣି ଏସଟିଏ: ଧରା ପଡ଼ିଲେ ଗାଡ଼ି ଜବତ, ମାମଲା



ଭୁବନେଶ୍ୱର, ୨୪/୭ (ନି.ପ୍ର): ବିନା ଫିଟନେସ୍ ଓ ରେଜିଷ୍ଟ୍ରେସନରେ ଗାଡ଼ି ଗଡୁଥିଲେ, ହେବ କାର୍ଯ୍ୟାନୁଷ୍ଠାନ। ଦରକାର ପଡ଼ିଲେ ଗାଡ଼ି ଜବତ ହେବ। ମାଲିକଙ୍କ ନାଁରେ ମାମଲା ରୁଜୁ ହେବ। ରାଜ୍ୟ ପରିବହନ ବିଭାଗର ଏ ନିଷ୍ପତ୍ତି ନେବା ପରେ ଚାରିଆଡ଼େ ପଶିଛି ଛନକା। ଏମିତିକି ଏ ନେଇ ରାଜ୍ୟବ୍ୟାପୀ ଧରପଗଡ଼ ଆରମ୍ଭ କରିବାକୁ ସବୁ ଆରଟିଓଙ୍କୁ ନିର୍ଦ୍ଦେଶନାମା ଜାରି ହେଲାଣି। କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୮ ଅନୁଯାୟୀ, ବାଣିଜ୍ୟିକ ଗାଡ଼ିଗୁଡ଼ିକ ନିମନ୍ତେ ବୈଧ ପଞ୍ଜୀକରଣ

▶▶ପୃଷ୍ଠା ୭

## ବଜେଟ୍ ପୂର୍ବରୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

### ଓଡ଼ିଶାରେ ମୁଣ୍ଡପିଛା ଆୟ ୧, ୬୪, ୪୩୭ ଟଙ୍କା



ଭୁବନେଶ୍ୱର, ୨୪/୭ (ନି.ପ୍ର): ଓଡ଼ିଶାରେ ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱ ସରକାରଙ୍କ ବଜେଟ୍ ଆସନ୍ତାକାଲି (ଗୁରୁବାର) ଆସିବ। ମୋହନ ଚରଣ ମାଝୀଙ୍କ ସରକାରରେ ଏହା ପ୍ରଥମ ବଜେଟ୍ ହେବ। ୨୪ ବର୍ଷ ପରେ ସରକାର ପରିବର୍ତ୍ତନ ହୋଇଥିବାରୁ ରାଜ୍ୟବାସୀ ଏକ ଭଲ ବଜେଟ୍ ଆଶା କରୁଥିବା ବେଳେ ବୁଧବାର ଅପରାହ୍ଣରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଓଡିଶାର ଅର୍ଥନୀତି ୮.୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି। ଗତ ଥର ଅର୍ଥାତ ଆର୍ଥିକ ବର୍ଷ ୨୦୨୨-୨୩ରେ ୭.୯ ପ୍ରତିଶତ ଥିଲା। ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶାର ମୁଣ୍ଡପିଛା ଆୟ ୧,୬୧,୪୩୬ ଟଙ୍କା ରହିଛି। ଏହା ଭାରତର ମୁଣ୍ଡପିଛା ଆୟଠାରୁ ୧୨.୪% କମ୍। ତେବେ ଶିଳ୍ପ ଓ ସେବା କ୍ଷେତ୍ରରେ ଉଚ୍ଚ ଅଭିବୃଦ୍ଧି ଯୋଗୁଁ ଏହା ସମ୍ଭବ ହେଇପାରିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଆର୍ଥିକ ବର୍ଷ ୨୦୧୫-୧୬ ପରଠାରୁ ଓଡିଶାର ମୁଣ୍ଡପିଛା ଆୟ ୧୨.୧ ପ୍ରତିଶତ ସିଏଜିଆରରେ ବୃଦ୍ଧି ପାଇଥିବାବେଳେ, ୧୭ଟି ପ୍ରମୁଖ ରାଜ୍ୟ ତାଲିକାରେ ଓଡିଶା ୨୦୨୨-୨୩ରେ ୧୧ ତମ ସ୍ଥାନରେ ରହିଛି। ନୀତି ଆୟୋଗ ଅନୁଯାୟୀ ବହୁବିଧ ଦାରିଦ୍ର୍ୟ ଅନୁପାତ ୨୦୧୫-୧୬ରେ ୨୯.୩ ପ୍ରତିଶତ ଥିବାବେଳେ ୨୦୧୯-୨୧ ବେଳକୁ ଏହା ୧୫.୭ ପ୍ରତିଶତକୁ ହ୍ରାସ ପାଇଛି। ଏହି ବର୍ଷ ଭିତରେ

▶▶ପୃଷ୍ଠା ୭

## କାଳିଆ ଯୋଜନା ସମ୍ପର୍କରେ ବିଚାର ଚାଲିଛି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୭ (ନି.ପ୍ର): ରାଜ୍ୟରେ କାଳିଆ ଯୋଜନା ସମ୍ପର୍କରେ ଉଚ୍ଚସ୍ତରରେ ଆଲୋଚନା ଓ ବିଚାର ଚାଲିଛି। ଏହାର ନିଷ୍ପତି ହେଲା ପରେ ସମସ୍ତ ତଥ୍ୟ ବିଧାୟକଙ୍କୁ ଜଣାଇ ଦିଆଯିବ ବୋଲି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉତର ରଖିଛନ୍ତି। ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନରେ କନକବର୍ଦ୍ଧନ ସିଂହ ଦେଓ ଏହି ଉତର ରଖିଛନ୍ତି। କନକବର୍ଦ୍ଧନ ସିଂହ ଦେଓ କହିଛନ୍ତି ରାଜ୍ୟରେ କାଳିଆ ଯୋଜନାରେ ମୋଟ ୪୫ଲକ୍ଷ ୬୭ହଜାର ୫୨୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୯ ଲକ୍ଷ ୧୨ହଜାର ୧୨୨ ଜଣ ଭୂମିହୀନ କୃଷି ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଗତ ଜୁନ୍ ୧୮ ତାରିଖରେ ପ୍ରଦାନ କରାଯାଇଥିବା ପିଏମ କିସାନ ସମ୍ମାନନିଧି ଯୋଜନାର ୧୭ ତମ କିସ୍ତିରେ ରାଜ୍ୟର ୨୯ଲକ୍ଷ ୭୩ ହଜାର ୯୮୦ ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି।

## ଖୁବଶୀଘ୍ର କୋଷ୍ଟାଲ ହାଇୱେ ଏବଂ କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ କାମ ଆରମ୍ଭ: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୭ (ନି.ପ୍ର): ଓଡ଼ିଶାରେ 'କୋଷ୍ଟାଲ ହାଇୱେ' ଏବଂ କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ ପ୍ରମୁଖ ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏ ସମ୍ପର୍କରେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ୨୩,୮୮୨ କୋଟି ଟଙ୍କା ବ୍ୟୟରେ ୪୧୩ କିମି ଲମ୍ବ ଚାରି ଲେନ୍ ବିଶିଷ୍ଟ 'କୋଷ୍ଟାଲ ହାଇୱେ' ନିର୍ମାଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଭାରତମାଳା ପରିଯୋଜନାରେ ଏହି ପ୍ରସ୍ତାବିତ ରାଜପଥ ତିନୋଟି ସେକ୍ସନରେ ରାମେଶ୍ୱରରୁ ରତନପୁର, ରତନପୁରରୁ ଦୀଘା ଏବଂ ଜାମୁଝାଡିରୁ ଧାମରା ପର୍ଯ୍ୟନ୍ତ ନିର୍ମାଣ ହେବ ।

▶▶ପୃଷ୍ଠା ୭

## ରେଳ ପାଇଁ ଓଡ଼ିଶାକୁ ୧୦ ହଜାର ୫୮୬ କୋଟି ଟଙ୍କା



ଭୁବନେଶ୍ୱର, ୨୪/୭ (ନି.ପ୍ର): ରେଳ ବଜେଟ୍‌ରେ ଓଡ଼ିଶା ପାଇଁ ରେକର୍ଡ ପରିମାଣରେ ଅର୍ଥ ଦିଆଯାଇଛି। ଏଥର ବଜେଟରେ ୧୦ ହଜାର ୫୮୬ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ଏଥିସହ ୫୯ ରେଳ ଷ୍ଟେସନ୍ ?କୁ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ସାମିଲ୍ କରାଯାଇଛି। ଆଜି ଏନେଇ ଘୋଷଣା କରିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳମନ୍ତ୍ରୀ କହିଛନ୍ତି, ପୂର୍ବରୁ ଅର୍ଥାତ ୟୁପିଏ ସମୟରେ ଓଡ଼ିଶାକୁ ୮୩୮ କୋଟି ଟଙ୍କା ମିଳୁଥିଲା। ଅଧିକ ଟଙ୍କା ଦେବା ପାଇଁ ବାରମ୍ବାର ଅନୁରୋଧ କରାଯାଉଥିଲା। ହେଲେ ମୋଦିଜୀ ୟୁପିଏ ତୁଳନାରେ ୧୨ ଗୁଣ ଅଧିକ ଟଙ୍କା ଦେଉଛନ୍ତି। ଓଡ଼ିଶାରେ ପ୍ରାୟ ୪୦ରୁ ଅଧିକ ପ୍ରକଳ୍ପ କାମ ଚାଲିଛି। ଯେଉଁଥିରେ ୫୪୪୩୪ କୋଟି ଟଙ୍କା ଇନ୍‌ଭେଷ୍ଟମେଣ୍ଟ ହୋଇଛି। ଓଡ଼ିଶାରେ ୧୦୦% ବିଦ୍ୟୁତି କରଣ ହୋଇଯାଇଛି। ୫୯ ଷ୍ଟେସନ୍‌କୁ ଅମୃତ ଭାରତ ଷ୍ଟେସନ୍‌ରେ ଯୋଜନାରେ ନବୀକରଣ କରାଯାଉଛି। ସେଥିପାଇଁ ଦ୍ରୁତ ଗତିରେ ଚାଲିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ସେ କହିଛନ୍ତି, ଅମୃତ ଭାରତ ଷ୍ଟେସନ୍‌ରେ ଯୋଜନାରେ ସାମିଲ୍ ହୋଇଥିବା ଷ୍ଟେସନ୍ ଗୁଡ଼ିକ ହେଲା ଅନୁଗୋଳ, ବାଦାମ ପାହାଡ଼, ବଲାଙ୍ଗିର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ୍, ବରଗଡ଼ ରୋଡ୍, ବାରିପଦା, ପରବାଲି, ବେଲପାହାଡ଼, ବେତନଟୀ, ଭଦ୍ରକ, ଭବାନୀପେଟଣା, ଭୁବନେଶ୍ୱର, ନୂଆ ଭୁବନେଶ୍ୱର, ବିମଳାଗଡ଼, ବ୍ରହ୍ମପୁର, ବ୍ରଜରାଜ ନଗର, ଛତ୍ରପୁର, କଟକ, ଦାମନ ଯୋଡ଼ି, ଢେଙ୍କାନାଳ, ଗୁଣୁପୁର, ହରିଶଙ୍କର ରୋଡ୍, ହିମ୍‌ଗିରି, ହୀରାକୁଦ, ଯାଜପୁର-କେନ୍ଦୁଝର ରୋଡ୍, ଜଳେଶ୍ୱର, ଜରୁଲି, ଜୟପୁର, ଝାରସୁଗୁଡ଼ା ଜଂସନ୍, ଝାରସୁଗୁଡ଼ା ରୋଡ୍, କଣ୍ଟାବାଞ୍ଜି, କେନ୍ଦୁଝର ଗଡ଼, କେସିଙ୍ଗା, ଖରିଆଳ ରୋଡ୍, ଖୋର୍ଦ୍ଧାରୋଡ୍ ଜଂସନ୍, କୋରାପୁଟ ଜଂସନ୍, ଲିଙ୍ଗରାଜ, ମଞ୍ଚେଶ୍ୱର, ମେରାମଣ୍ଡଳୀ, ମୁନିଗୁଡ଼ା, ପାନ୍‌ପୋଷ୍,

▶▶ପୃଷ୍ଠା ୭

## ଅଜଣା ଗାଡି ଧକ୍କାରେ ଜଣେ ମୃତ

ଭୁବନେଶ୍ୱର/ଆନନ୍ଦପୁର, ୨୪/୭ (ନି.ପ୍ର): ଅଜଣା ଗାଡି ଧକ୍କାରେ ଜଣେ ମୃତ । ୫୩ ନମ୍ବର ରାଜ୍ୟ ରାଜପଥ ଆନନ୍ଦପୁର ଥାନା ବଞ୍ଚୋ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଅକରୁଆ ଗ୍ରାମର ଅଜୁ ଜେନା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ମାନସିକ ଭାରସାମ୍ୟ ହରାଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କ ଉପରେ ଗାଡ଼ି ଚଢ଼ି ଯାଇଥିବା ସୂଚନା ମିଳିଛି ।

## ଏବେ ମିଳିବନି ନୂଆ ରାସନକାର୍ଡ : ପୁରୁଣା ହିତାଧିକାରୀଙ୍କ 'ଆଧାର' ଯାଂଚ କରିବେ ସରକାର



ଭୁବନେଶ୍ୱର, ୨୪/୭ (ନି.ପ୍ର): ରାଜ୍ୟରେ ଅନେକ ଭୂତ ହିତାଧିକାରୀ ରାସନ କାର୍ଡରେ ସାମିଲ ଥିବାର ଅଭିଯୋଗ ପରେ ରାଜ୍ୟ ସରକାର ସବୁ ରାସନ କାର୍ଡଧାରୀଙ୍କ ତଥ୍ୟକୁ ଯାଂଚ କରିବାକୁ ନିଷ୍ପତ୍ତି ନେଇଛନ୍ତି । ହିତାଧିକାରୀଙ୍କ ତଥ୍ୟକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ସେମାନଙ୍କ ଆଧାର କାର୍ଡ ସହାୟତାରେ ଅନଲାଇନରେ ଇକେୱାଇସି ଯାଂଚକରିବେ । ଏହି ପ୍ରକ୍ରିୟା ଶେଷ ହେବାପରେ ହିଁ ରାଜ୍ୟରେ ରାସନ କାର୍ଡ ପାଇଁ ଆବେଦନ କରିଥିବା ପ୍ରାୟ ୬.୧୯ଲକ୍ଷ ପରିବାରକୁ ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ଯୋଜନାରେ ସେମାନଙ୍କ ଯୋଗ୍ୟତାକୁ ଦୃଷ୍ଟିରେ ରଖି ସାମିଲ କରାଯିବ ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି । ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ

▶▶ପୃଷ୍ଠା ୭

## ବଜେଟ୍‌କୁ ବିରୋଧ: ନୀତି ଆୟୋଗ ବୈଠକକୁ ଯିବେନି ୪ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୨୪/୭ : ସାଂସଦରେ ଉପସ୍ଥାପନ ହୋଇସାରିଛି ସାଧାରଣ ବଜେଟ। ତେବେ ଏହି ବଜେଟ୍‌କୁ ନେଇ ବିରୋଧୀ ଅସନ୍ତୋଷ ଅଛନ୍ତି। ଏହାକୁ ବିରୋଧ କରି ଇଣ୍ଡିଆ ବ୍ଲକର ସାଂସଦମାନେ ଆଜି ସଂସଦ ଭବନ ପରିସରରେ ବିରୋଧ ପ୍ରଦର୍ଶନ କରିବେ। ଏଥିସହ ନୀତି ଅୟୋଗ ବୈଠକକୁ ବହିଷ୍କାର କରିବାକୁ ସେମାନେ ଘୋଷଣା କରିଛନ୍ତି। ସାଧାରଣ ବଜେଟ୍‌ରେ ଅଣ ବିଜେପି ଶାସିତ ରାଜ୍ୟଗୁଡ଼ିକୁ ଅଣଦେଖା କରାଯାଇଥିବାରୁ ରାଗି ଯାଇ ଇଣ୍ଡିଆ ମିଳିତ ମଞ୍ଚର ଦଳଗୁଡିକ ନୀତି ଆୟୋଗ ବୈଠକକୁ ବହିଷ୍କାର କରିବାକୁ ଘୋଷଣା କରିଛି। ଅତିକମ୍‌ରେ ଚାରୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ

▶▶ପୃଷ୍ଠା ୭

# ଫୁଲବାଣୀଠାରେ ଭାରତୀୟ ମଜଦୂର ସଂଘର ୭୦ତମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ, ୨୪/୦୭ (ନି.ପ୍ର): ଦେଶର ସର୍ବବୃହତ ଶ୍ରମିକ ସଂଗଠନ ଭାରତୀୟ ମଜଦୂର ସଂଘ(ବିଏମ୍ଏସ୍)ର ୭୦ତମ ପ୍ରତିଷ୍ଠା ଦିବସ ଫୁଲବାଣୀ ଠାରେ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ଶ୍ରମ ଅଧିକାରୀ ତେଜ କୁମାର ବାଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଶ୍ରମନୀତି ଓ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ୧୯୫୫ ମସିହାରେ ଦତ୍ତୋପନ୍ତ ଠେଙ୍ଗଡେଜୀ ଦ୍ୱାରା ଏହା ଗଠନ କରାଯାଇଥିଲା। ସେ ଏହାର ସ୍ରଷ୍ଟା ଓ ସଂସ୍ଥାପକ ଥିଲେ। ସେ ଦୁଇ ଦୁଇଥର ସାଂସଦ ହୋଇଥିଲେ। ଜାତୀୟ ଶ୍ରମ ଇତିହାସରେ ପ୍ରଥମ ଥର ଶ୍ରମିକମାନଙ୍କ ହିତ ପାଇଁ ଏକ ଦାବିପତ୍ର ୧୯୬୯ରେ ତତ୍କାଳୀନ ରାଷ୍ଟ୍ରପତିଙ୍କୁ ପ୍ରଦାନ କରି ଶୋଷଣମୁକ୍ତ ଓ ସମତାଯୁକ୍ତ ସମାଜ ପାଇଁ ଦାବି ରଖିଥିଲେ। ଅଣ ରାଜନୈତିକ ଶ୍ରମିକ ସଂଗଠନ ଭାବେ ବିଏମ୍ଏସ୍ ଆନ୍ତର୍ଜାତୀୟ ସ୍ତରରେ ସର୍ବବୃହତ ସଂଗଠନର ମାନ୍ୟତା ପାଇଛି। ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଆସ୍ଥା ଓ ବିଶ୍ୱାସକୁ ପାଥେୟ କରି ବିଏମ୍ଏସ୍ ଆଗେଇ ଚାଲିଛି। ବିଏମ୍ଏସ୍‌ର ସ୍ଲୋଗାନ ହେଲା ରାଷ୍ଟ୍ରହିତ, ଉଦ୍ୟୋଗ ହିତ ଓ ଶ୍ରମିକ ହିତ। ରାଷ୍ଟ୍ର ହିତମେ କରେଙ୍ଗେ କାମ-କାମକେ ଲିୟେ ଲେଙ୍ଗେ ପୁରେ ଦାମ। ଶ୍ରମିକ ନିଷ୍ଠାପର ଭାବେ ରାଷ୍ଟ୍ର ହିତରେ କାର୍ଯ୍ୟକରିବାକୁ ହେବ। ଉଦ୍ୟୋଗର ଉନ୍ନତି ହେଲେ ଶ୍ରମିକର ଉନ୍ନତି ହେବ। ତେଣୁ ଉଦ୍ୟୋଗପତି ଓ ସରକାର ଉଭୟେ ଶ୍ରମିକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ। କନ୍ଧମାଳ ଜିଲ୍ଲା ଭାରତୀୟ ମଜଦୂର ସଂଘ(ବିଏମଏସ)ର ସଭାପତି ଅଶୋକ ପରିଡ଼ାଙ୍କ ପରାମର୍ଶ କ୍ରମେ ଜିଲା ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, କୃଷି ଓ ନିର୍ମାଣ ଶ୍ରମିକମାନଙ୍କୁ ନେଇ ୭୦ତମ ପ୍ରତିଷ୍ଠା ଦିବସ ଫୁଲବାଣୀ ଠାରେ ପାଳନ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ କମାଣ୍ଡାଂଟ ନବୀନ କିଶୋର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରମିକଙ୍କ ହିତ ପାଇଁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ପଣ୍ଡା ଦେଶ ବିକାଶରେ ଶ୍ରମିକ ସର୍ବାଗ୍ରେ ବୋଲି କହିଥିଲେ। ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଜିଲା ଆଶାକର୍ମୀ ସଂଘ ସଭାନେତ୍ରୀ ଅମ୍ବିକା ବେହେରା, ଅଙ୍ଗନବାଡ଼ି କର୍ମୀ ସଂଘ ଉପସଭାନେତ୍ରୀ ଆରତୀ ବେହେରା ପ୍ରମୁଖ ମଂଚାସୀନ ହୋଇ ସଂଘ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟମାନେ ବିଏମ୍ଏସ୍ ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଗୋପାଳ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ପ୍ରଧାନ, ପ୍ରମୋଦ ସାହୁ, ରାଜକିଶୋର ପାଢ଼ୀ, ଉମେଶ ପାତ୍ର, ଜୟସେନ ପରିଡ଼ା, କାହ୍ନୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଫାଇଭ-ଟି ନାମରେ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ହରିଲୁଟ୍ ଅଭିଯୋଗ

ମାଲକାନଗିରି, ୨୪/୦୭ (ନି.ପ୍ର): ଫାଇଭ-ଟି ନାଁ ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ଶ୍ରେଣୀ ଗୃହରେ ବର୍ଷା ପାଣି ଲହଡ଼ି ମାରୁଛି, ସାମାନ୍ୟ ପବନ ହେଲେ ଶ୍ରେଣୀ ଗୃହର ଛପର ଉଡ଼ିଯାଉଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ବେଜାଙ୍ଗିବାଡ଼ା ପଂଚାୟତର ଏମପିଭି ୨୧ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ । ସ୍କୁଲରେ ପ୍ରଥମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତେବେ ସ୍କୁଲର ଏହିଭଳି ଅବସ୍ଥାରେ ପିଲା ମାନଙ୍କର ଭବିଷ୍ୟତ କ'ଣ ହେବ ତାହା ଅଭିଭାବକ ମାନଙ୍କର ପ୍ରଶ୍ନ। ତେବେ ଏହି ଉଚ୍ଚ ମାଧମିକ ବିଦ୍ୟାଳୟ ଉପରେ କାଲିମେଳା ବ୍ଲକର ବେଜାଙ୍ଗିବାଡା, ଗମ୍ପାକୋଣ୍ଡା, କାଙ୍ଗୁରୁକୋଣ୍ଡା, ଚିନ୍ତଲୱାର୍ଡକ୍ଷ, ବଦିଲି ପଂଚାୟତର ଛାତ୍ରଛାତ୍ରୀ ମାନେ ନିର୍ଭର କରନ୍ତି। ସରକାର ଏହି ଉଚ୍ଚ ମାଧମିକ ବିଦ୍ୟାଳୟରେ ପ୍ରାୟ ୮୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଏବେ ଏହାର ଭିତିଭୂମି ବିପର୍ଯ୍ୟସ୍ତ ହୋଇପଡିଛି । ସମସ୍ତ ଶ୍ରେଣୀଗୃହରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଗୃହର ଛପର ସାମାନ୍ୟ ପବନରେ ଉଡ଼ିଯାଇଛି। ବିଦ୍ୟାଳୟ ଗେଟ୍ ରେ ନାମ ଫଳକ ଭାଙ୍ଗି ପଡ଼ିଛି। ପରିସ୍ରାଗାର ନିମ୍ନମାନର କାମ ଯୋଗୁଁ ଭାଙ୍ଗି ଯାଇଛି ହେଲେବି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇ ନାହିଁ। ବିଦ୍ୟାଳୟ ପରିସରରେ ରୋଡ଼ ନିର୍ମାଣ ନିମ୍ନ ମାନର ସାଙ୍ଗକୁ ବ୍ୟୟ ବରାଦ ହୋଇଥିବା ୯ ଲକ୍ଷ ୯୦ ହଜାର ଟଙ୍କା ପ୍ରକୃତ ପକ୍ଷେ ତାହା ଖର୍ଚ୍ଚ କରାଯାଇ ନଥିବା ଅଭିଯୋଗ ହେଉଛି । ସେହିପରି ସ୍ମାର୍ଟ କ୍ଲାସ, ବିଜ୍ଞାନଗାର, ପାଠାଗାର, ଖେଳ ଉପକରଣ ଗୃହରେ ପାଣି ପଡିବା ଦ୍ୱାରା ସମସ୍ତ ଉପକରଣ ନଷ୍ଟ ହେବାକୁ ବସିଲାଣି । ଖାଲି ଏତିକି ନୁହେଁ ଗତ ଶିକ୍ଷା ବର୍ଷରୁ ଏଠାରେ ଦ୍ୱାଦଶ ଶ୍ରେଣୀ ଖୋଲା ଯାଇଥିବାବେଳେ ଏଠାରେ କେତେକ ଠିକା କର୍ମଚାରୀ ନିଯୁକ୍ତି କରି ଶିକ୍ଷାଦାନ କରାଯାଉଥିବା ବେଳେ ଏଯାଏ ସ୍ଥାୟୀ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି ହୋଇନାହାନ୍ତି । ତାଙ୍କ ପାଇଁ ଡେସ୍କ ବେଂଚ ନାହିଁ କି ଶ୍ରେଣୀଗୃହ ବି ନାହିଁ । ଏହାଛଡ଼ା ବହୁ ଦୂର ଦୁରାନ୍ତରୁ ଛାତ୍ରଛାତ୍ରୀ ମାନେ ଆସୁଥିବା ବେଳେ ଛାତ୍ରାବାସ ନାହିଁ । ଛାତ୍ରଛାତ୍ରୀ ମାନଙ୍କ ଶାରୀରିକ ବିକାଶ ଖେଳ କୁଦ ପାଇଁ ଖେଳ ପଡିଆ ନାହିଁ ଯାହାକି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଠିକାଦାର ନିମ୍ନମାନର କାର୍ଯ୍ୟ କରି ଟଙ୍କା ଲୁଟି ନେବାରେ ସଫଳ ହୋଇଛନ୍ତି । ଏଥିପାଇଁ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

# ପୁନର୍ବାସ ଦ୍ୱାରା ପୁସ୍ତକ ପାଠକାର୍ପଣ, ୱେବସାଇଟ୍ ଉନ୍ମୋଚନ ଓ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): ପୁନର୍ବାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ 'ଦି ଡେଷ୍ଟିନେସନ', ପରିସରରେ ବିଶିଷ୍ଟ କଥାକାର ଡ. ବିରଜା ରାଉତରାୟଙ୍କ ପରିବର୍ଦ୍ଧିତ ପୁସ୍ତକ, ଭିନ୍ନକ୍ଷମ ପୂର୍ଣ୍ଣ ଥଇଥାନ ଅଧିନିୟମ-୨୦୧୬ (ସଂକ୍ଷିପ୍ତ ସାର)କୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠକାର୍ପଣ କରିଥିଲେ। ଏହାକୁ ବରଷ୍ଠ ସାମ୍ବାଦିକ ମାତୃଦତ ମହାନ୍ତି ସଂଯୋଜନା କରିଥିଲେ। ପୁନର୍ବାସର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ନନ୍ଦ କିଶୋର ପରିଡା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧି କାରିଣୀ ରୂପାଲି ପ୍ରିୟଦର୍ଶିନୀ ନାୟକ, ପ୍ରାକ୍ତନ୍ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମ୍ମିଳିତ ଭାବେ ଆଗେଇ ଆସିବାକୁ ଅନୁରୋଧ କରିବା ସହ ଏ କ୍ଷେତ୍ରରେ ପୁନର୍ବାସ ଯଥେଷ୍ଟ ଆଗକୁ ଯାଇଥିବାରୁ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁନର୍ବାସ ପକ୍ଷରୁ. ରଚିତା ଜେନା, ଗୁଞ୍ଜନ ସ୍ମିତା ବେହେରା ଅତିଥି ମାନଙ୍କୁ ସବୁଜ ଭେଟି ପ୍ରଦାନ କରିଥିଲେ। ପରେ ପରେ ଅତିଥିମାନେ 'ପୁନର୍ବାସ ସମାଚାର' ସ୍ୱତନ୍ତ୍ର କଳେବରରେ ରଙ୍ଗାୟିତ ସମ୍ବାଦପତ୍ରର ପାଠକାର୍ପଣ କରିଥିଲେ। ପରେ ପରେ ଚଳତ୍‌ଶକ୍ତି ବାଧିତ ପାରା ଜାତୀୟ ସନ୍ତରଣକାରୀ ମୋନାଲି ସ୍ୱାଇଁ ଓ ମେଧାବୀ ଛାତ୍ର ଦିପକ କୁମାର ଜେନାଙ୍କୁ ପୁନର୍ବାସ ପକ୍ଷରୁ ଉପଢୌକନ, ଟ୍ରଫି, ଫୁଲ ଗଛ ଓ ପୁନର୍ବାସ ସମାଚାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ଲବ୍ଧ ପ୍ରତିଷ୍ଠିତ କବି ନବଜ୍ୟୋତି ରାୟ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ପୁନର୍ବାସ ୱେବ୍ ସାଇଟ୍‌ର ଶୁଭାରମ୍ଭ କରିଥିଲେ। ମହମ୍ମଦ ଜାହିଦ ଖାଁ, ଜ୍ୟୋତି ରଞ୍ଜନ ନାୟକ, ନାରାୟଣ ପତି, ପୁନର୍ବାସ ସଂଯୋଜକ ସଂଜୀବ କୁମାର ଜେନା, ରଞ୍ଜନ କୁମାର ସ୍ୱାଇଁ, ରଞ୍ଜନ ବାରିକ୍, ଶେଷଦେବ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସବୁ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ, ସବୁ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ପୁନର୍ବାସର କର୍ମଚାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସର୍ବଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଘର ଆଗରେ ବାଡ଼: ବାହାରି ପାରୁନାହାଁନ୍ତି ପରିବାର

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ତିଲୋତମା ଦେଇପୁର ଗ୍ରାମର ଏକ ପରିବାର ଘରେ ବନ୍ଦୀ ହୋଇ ରହିଛନ୍ତି । ଏହି ଗରିବ ଅସହାୟ ପରିବାର ଦୁଃଖ କଷ୍ଟରେ ଘର କରିଥିବା ବେଳେ ଜଣେ ସେବାୟତ ତାଙ୍କ ଘର ଆଗରେ ବାଡ ଦେବା ସହିତ ବିଦ୍ୟୁତ୍ ସଂଯୋଗ କରାଇ ଦେଉ ନଥିବା ଅଭିଯୋଗ ହୋଇଛି । ଏହି ପରିବାରର ଦୁଇଜଣ ଝିଅ ଦୀର୍ଘ ଚାରିମାସରୁ ଉର୍ଦ୍ଧ୍ୱ ହେବ ଘରେ ବିଦ୍ୟୁତ୍ ସଂଯୋଗ ନଥିବାରୁ ଏମାନଙ୍କର ପାଠପଢା ଠପ୍ ହେବା ସହିତ ସ୍କୁଲ ଯାତାୟତ କରିପାରୁ ନାହାଁନ୍ତି । ଘଟଣାରୁ ପ୍ରକାଶ ଯେ, ଦୋହରା (ତିଲୋତମାଦେଇପୁର) ଗ୍ରାମର ଲିଲି ପାତ୍ର ସ୍ୱାମୀ-ସୁଶାନ୍ତ ପାତ୍ର ଦିନ ମଜୁରିଆ ଭାବେ କାମ କରନ୍ତି । ଏମାନେ ଦୁଃଖ କଷ୍ଟରେ ନିଜର ସ୍ଥିତିବାନ ସତ୍ୱ ଦୋହରା ଖାତା ନଂ-୨୭୬/୧୩୫, ପ୍ଲଟ୍ ନଂ-୧୬୩, ରକବା-ଏ୦.୦୫୦ ଡିସିମିଲ ରେ ଘର କରି ରହି ଆସୁଥିଲେ। କିନ୍ତୁ ଦୀର୍ଘ ୪ ମାସ ହେବ ତାଙ୍କର ଯାତାୟତ ରାସ୍ତାକୁ କପିଳେଶ୍ୱର ମହାଦେବ ବିଜେ ନିଜ ଗାଁ ସେବାୟତ ଏହା ଠାକୁରଙ୍କର ରାସ୍ତା ଏହି ରାସ୍ତାରେ ତୁମେ ଯାତାୟତ କରିପାରିବ ନାହିଁ ବୋଲି କହି ଘର ଆଗରେ ବାଡ ଦେବା ଦ୍ୱାରା ପରିବାର ଲୋକ ଘୋର ଅସୁବୀଧାର ସମ୍ମୁଖୀଣ ହୋଇ ବନ୍ଦୀ ହିସାବରେ ଜୀବନ ଯାପନ କରୁଛନ୍ତି । ଏଥିସହିତ ବିଦ୍ୟୁତ୍ ସଂଯୋଗ କରାଇ ନଦେବାରୁ ପରିବାର ଅସହାୟ ଅବସ୍ଥାରେ ଘରେ ପଡି ରହିଛନ୍ତି। ଏ ବିଷୟରେ ସଦର ଥାନା, ତହସିଲଦାର, ଆରକ୍ଷୀ ଅଧିକ୍ଷକ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପାଇଁ ଭିକ୍ଷା କରିଛନ୍ତି । ଏହି ପରିବାର ଲୋକଙ୍କ ପାଇଁ ନ୍ୟାୟ ଦେବାକୁ ସ୍ଥାନୀୟ ଅଂଚଳ ବାସୀ ଦାବି କରିଛନ୍ତି ।

# ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୨୪/୦୭ (ନି.ପ୍ର): ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ସ୍ୱଚ୍ଛସାଥୀ ଓ ସୁପରଭାଇଜର ବର୍ଦ୍ଧିତ ଦରମା ସମେତ ଅନ୍ୟାନ୍ୟ ଦାବି ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି ଓଡିଶା ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ । ରାଜ୍ୟର ବିଭିନ୍ନ ମହାନଗର ନିଗମ, ପୌରପରିଷଦ ଓ ବିଜ୍ଞାପିତ ପରିଷଦ ଅଂଚଳରେ ଦୀର୍ଘ ୪ ବର୍ଷରୁ ଅଧିକ ସମୟ ଧରି ସରକାରଙ୍କ ବିଭିନ୍ନ ଯୋଜନାରେ ନାଗରିକ ମାନଙ୍କୁ ସେବା ପ୍ରଦାନ କରୁଛନ୍ତି । କିନ୍ତୁ ପରିତାପର ବିଷୟ ଯେ, ଏତେ ବର୍ଷ ଧରି ନିଷ୍ଠାପର ଭାବରେ କର୍ତବ୍ୟ ସମ୍ପାଦନ କରୁଥିଲେ ହେଁ ସ୍ୱଚ୍ଛସାଥି ଓ ସୁପରଭାଇଜରକ ମାନେ ସମ୍ପୂର୍ଣ୍ଣ ଭାବରେ ଅବହେଳାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ସ୍ୱଚ୍ଛସାଥି ମାନଙ୍କ ଦରମା ବୃଦ୍ଧି ଘୋଷଣା କରିଛନ୍ତି ସତ କିନ୍ତୁ ସେଥିରେ ଉତ୍କୃଷ୍ଟ କାର୍ଯ୍ୟ ପ୍ରଦର୍ଶନର ସର୍ତ ଲଗାଇଛନ୍ତି । ଦରମା ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ନକରି ୟୁଏଲବି ଅଧୀନରେ ଛାଡ଼ିଦେବା ଫଳରେ ସେମାନେ ସ୍ୱଚ୍ଛସାଥି ଓ ସୁପରଭାଇଜରଙ୍କ ଦରମାରେ ୟୁଜର୍ସ ଫିଜ୍ ଆଦାୟର ସର୍ତ ରଖିଛନ୍ତି । ଏଭଳି ପରିସ୍ଥିତିରେ ନିଜର ମୌଳିକ ଅଧିକାର ଏବଂ ସର୍ବନିମ୍ନ ମଜୁରୀରୁ ଏମାନେ ବଂଚିତ ହୋଇଛନ୍ତି । ସ୍ୱଚ୍ଛସାଥି ଓ ସୁପରଭାଇଜର ମାନେ ନିଜର ଭବିଷ୍ୟତକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି । ତେଣୁକରି ସେମାନେ ଦରମା ବୃଦ୍ଧି ଦାବି କରିବା ସହିତ ଅନ୍ୟାନ୍ୟ ୧୦ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରିଥିଲେ । ଆସନ୍ତା ଜୁଲାଇ ମାସ ୨୯ ତାରିଖ ଦିନ ବିଧାନସଭା ଘେରାଉ କରିବେ ବୋଲି ସୂଚନା ଦେଇଥିଲେ ।

# ପୂଜ୍ୟପୂଜା ସେବା ସଂଗଠନର ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର, ୨୪/୦୭ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନ ଓ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ନିକଟସ୍ଥ କଡେଲ ଗ୍ରାମର ଜୟ ଜଗନ୍ନାଥ ଆଶ୍ରମର ମିଳିତ ଉଦ୍ୟମରେ ଜୟ ଜଗନ୍ନାଥ ଆଶ୍ରମରେ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଭୟ ସଂଗଠନର କର୍ମକର୍ତାମାନେ ୫୦ ଗୋଟି ଆମ୍ବ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଷ୍ଣୁ ମୋହନ ଦାଶକର୍ମୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।

### ଗାଳ୍ପିକ ରାମଚରଣ ଗୁରୁଙ୍କ ବିୟୋଗରେ ସେତୁ ପକ୍ଷରୁ ଶୋକସଭା

ସମ୍ବଲପୁର, ୨୩ ଜୁଲାଇ (ହି.ସ.)- ସାହିତ୍ୟିକ ରାମଚରଣ ଗୁରୁଙ୍କ ବିୟୋଗରେ 'ସେତୁ' ଅନୁଷ୍ଠାନ ପକ୍ଷରୁ ଡା. ରମାବଲ୍ଲଭ ମିଶ୍ରଙ୍କ ଅଧକ୍ଷତାରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ସଭାରେ ସ୍ୱର୍ଗତ ଗୁରୁଙ୍କ ଆତ୍ମାର ସଦଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। 'ସେତୁ'ର ପୂର୍ବତନ କୋଷାଧକ୍ଷ ସ୍ୱର୍ଗତ ଗୁରୁ ଜଣେ ପ୍ରତିଷ୍ଠିତ ଗାଳ୍ପିକ ଥିଲେ। ତାଙ୍କ ଗଳ୍ପ ଗୁଡ଼ିକରେ ସାମ୍ପ୍ରତିକ ସମୟର ମଣିଷର ଦ୍ୱନ୍ଦ୍ୱ, ଅନ୍ତର୍ଦହନ, ନିଛକ ଚିତ୍ର ଦିଏ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସଭାରେ 'ସେତୁ' କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତି, ବିଦ୍ୟାର୍ଣ୍ଣ ପଣ୍ଡା, ଡଃ ଶ୍ୟାମ ସୁନ୍ଦର ଧର, ସମ୍ପାଦକ ସୁକାନ୍ତ କର, ସହସମ୍ପାଦକ ଜୟକୃଷ୍ଣ ବେହେରା, ସୁବ୍ରତ ପଟ୍ଟନାୟକ ପ୍ରମୁଖ ସଭ୍ୟମାନେ ତାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଗୁରୁଙ୍କ ବିୟୋଗରେ ଏକ ଶୋକବାର୍ତା ପରିବାରକୁ ପଠାଯାଇ ସମବେଦନା ଜ୍ଞାପନ କରାଯାଇଥିଲା।

# ଚମ୍ପୁଆ ରେଞ୍ଜରେ ବଢୁଛି ହାତୀ ଉତ୍ପାତ: ୧୨ ଘର ଭାଙ୍ଗି ଧାନ ଚାଉଳ ଖାଇଗଲେ

ଚମ୍ପୁଆ, ୨୪/୦୭ (ନି.ପ୍ର): ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ଜ୍ୟୋତିପୁର ଅଂଚଳକୁ ବୈତରଣୀ ପାର ହୋଇ ମୟୁରଭଞ୍ଜ ପଟୁ ପଶି ଆସିଥିବା ୨୭ ଟିକିଆ ହାତୀ ପଲଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବ ଦିନ ରାତି ଏହି ହାତୀ ପଲ ତିନି ଭାଗରେ ବିଭକ୍ତ ହୋଇ ଜ୍ୟୋତିପୁର ବିଟ ଅଂଚଳର ବାଲିପଶି, ନିଶାଗଡ଼ିଆ, ମୋଦି ଅଂଚଳରେ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ବାଲିପଶି ଓ ନିଶାଗଡ଼ିଆ ଗ୍ରାମରେ ୬ଟି ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ଯାଇଥିଲେ। ଗତ ରାତି ଏହି ହାତୀ ପଲ ମଧ୍ୟରୁ ତିନୋଟି ହାତୀ ବୈତରଣୀ ଡେଇଁ ମୟୁରଭଞ୍ଜକୁ ଲେଉଟି ଯାଇଥିବା ବେଳେ ରହି ଯାଇଥିବା ୨୪ ଟି ହାତୀ ନିଶ୍ଚିନ୍ତପୁର, କମଣ୍ଡ ଓ ଶିରିକୁଆଁ ଗ୍ରାମରେ ୧୨ଟି ଘର ଭାଙ୍ଗି ଧାନ ଚାଉଳ ଖାଇଥିବା ଜଣାପଡିଛି। ସିରିକୁଆଁ ଗ୍ରାମରେ ୬ଟି, ନିଶ୍ଚିନ୍ତପୁର ଓ କମଣ୍ଡ ଗ୍ରାମରେ ୬ଟି ଘର ଭାଙ୍ଗି ଏମାନେ ଘର ଭିତରୁ ଧାନ ଚାଉଳ ଖାଇଯାଇଛନ୍ତି। ରାତିସାରା ବ୍ୟାପକ କ୍ଷୟକ୍ଷତି କରିବାପରେ ହାତୀ ପଲ ନିକଟସ୍ଥ ଛେଳିଆନାଳ ଜଙ୍ଗଲରେ ରହିଥିବାବେଳେ ଏମାନଙ୍କ ମଧ୍ୟରୁ ଦୁଇଟି ହାତୀ ଧାନ ବିଲରେ ନିର୍ଭୟରେ ଧାନ ବିଲରେ ଧାନ ଖାଉଥିବା ଦେଖାଯାଇଛି। ଫଳରେ ଏହି ହାତୀ ପଲଙ୍କୁ ନେଇ ସ୍ଥାନୀୟ ଅଂଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ଶ୍ୟାମସୁନ୍ଦରପୁର ଶାରଳା ବିହାର ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବି

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ସ୍ଥିତ ଶାରଳାବିହାରର ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣ କରାଯିବା ସହ ପାନୀୟ ଜଳ ଯୋଗାଣ କରାଯିବା ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଶାରଳାବିହାରର ଆଭ୍ୟନ୍ତରୀଣ ରାସ୍ତାଟି ଖାଲଖମାରେ ଭର୍ତି ହୋଇଯାଇଯାଇଥିବା ବେଳେ ବର୍ଷା ଦିନରେ ସେହିସବୁ ଖାଲଖମାରେ ବର୍ଷାପାଣି ଭର୍ତି ହୋଇ ନାଳନଦୀର ଭ୍ରମ ସୃଷ୍ଟି କରିଛି। ସେହି ରାସ୍ତାଦେଇ ଶାରଳାବିହାରରୁ ଦୈନିକ ସ୍କୁଲ ଓ କଲେଜକୁ ପିଲାମାନେ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ପାନୀୟ ଜଳ ଯୋଗାଣର ସୁବିଧା ନଥିବାରୁ ଶତାଧିକ ଶାରଳାବିହାରବାସୀ ଲୋକମାନେ ପିଇବା ପାଣି ପାଇପାରୁ ନାହାନ୍ତି। ଏଣୁ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ସୁବାଷ ଚନ୍ଦ୍ର ସ୍ୱାଇଁ, କିଶୋର ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ପାଢୀ, ପ୍ରଣତୀ ଜେନା, ସଚ୍ଚିଦାନନ୍ଦ ବଳ, ସନ୍ତୋଷ କୁମାର ସାମଲ, କମଳିନୀ ବେହେରା, ନଳିନୀକାନ୍ତ ପ୍ରଧାନ, ବନିତା ସାମଲ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ନିବେଦନ କରିଛନ୍ତି।

# ଭାରତୀୟ ମଜଦୂର ସଂଘର ୭୦ତମ ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ

ରାଇରଙ୍ଗପୁର, ୨୪/୦୭ (ନି.ପ୍ର): ରାଇରଙ୍ଗପୁର ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ଠାରେ ତେୟିଶି ଜୁଲାଇ ଦୁଇହଜାର ଚବିଶି ରିଖ ଦିନ ଭାରତୀୟ ମଜଦୁର ସଂଘର ଜିଲ୍ଲା ସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ବି ଏମ୍ ଏସ୍ ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ମୟୂରଭଂଜ ଜିଲ୍ଲା ସଭାନେତ୍ରୀ ସରସ୍ୱତୀ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଉଦଘାଟନ ହୋଇଥିଲା । ପରେ ଶ୍ରମିକ ଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଭାତ ମଂଜରୀ ଦାସ ଶର୍ମା , ମୁଖ୍ୟ ବକ୍ତା ଭାବେ ରାଜ୍ୟ ପଦାଧିକାରୀ ନିଗମାନନ୍ଦ ପଟ୍ଟନାୟକ, ମଂଚ ପରିଚାଳନା ଜିଲ୍ଲା ସଂପାଦକ ବୋଧିରଜତ ମହାନ୍ତ, ସମ୍ମାନିତ ଅତିଥି ଭାବେ ମନୋରମା ବେହେରା, ଭୀମ ଚରଣ ମହାକୁଡ, ନିର୍ମଳା ପ୍ରଧାନ, ସାରଥୀ ମହାନ୍ତ, ସୋନାମଣୀ ଚମ୍ପେୟାର, ନିଳାଦ୍ରୀ ପାତ୍ର, ଗୋଲାପି ନାଏକ, ବୀଣାପାଣି ଗାଗରାଇ, ଜୟନ୍ତ ବେହେରା, ମିଡିଆ ପ୍ରମୁଖ ଶ୍ୟାମଳେନ୍ଦୁ ପରିଡା ଓ ମେଘନାଦ ସାହା ଉପସ୍ଥିତ ଥିଲେ । ଅଙ୍ଗନୱାଡି କର୍ମୀ ଓ ହେଲପର, ଆଶାକର୍ମୀ, ପାଚିକା, ଉଜ୍ଜଳା ଦିଦି ତଥା ଅଣସଂଗଠିତ ଶ୍ରମିକ, କୋଠାବାଡିରେ କାର୍ଯ୍ୟରତ ଶ୍ରମିକ, କଳକାରଖାନା ଓ ଖଣି ଖାଦନ ଶ୍ରମିକମାନେ ସର୍ବନିମ୍ନ ମଜୁରୀ ମଧ ପାଇପାରୁନାହାନ୍ତି । ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଅଙ୍ଗନୱାଡି ଓ ଆଶାଦିଦିଙ୍କର କାର୍ଯ୍ୟ ତୁଳନାରେ ଦରମା ବୃଦ୍ଧି ହୋଇନାହିଁ ।ଜିଲ୍ଲାର ସବୁ ସ୍ତରର ଶ୍ରମିକ ଭାଇ ଓ ଭଉଣୀ ମାନଙ୍କ ସମସ୍ୟା ସଂପର୍କରେ ବିଶେଷ ଆଲୋଚନା କରାଯାଇ ବ୍ଲୁ ପ୍ରିଷ୍ଟ ପ୍ରସ୍ତୁତ କରିଥିବା କଥା ଉଲ୍ଲେଖ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛବିଶଟି ବ୍ଲକରୁ ଅଙ୍ଗନୱାଡି ୱାର୍କର ଓ ସହାୟିକା, ଆଶାଦିଦି, ଉଜ୍ଜଳା ଦିଦି, ପାଚିକା, ଅଣସଂଗଠିତ ଶ୍ରମିକ, ବାମନଘାଟୀ ଶିଳ୍ପ ମଜଦୁର ସଂଘ, ବାବା ସୁଲେଇପାଟ ଖଣି ମଜଦୁର, ଗ୍ରାମୀଣ କୃଷି ମଜଦୁର ସଂଘର କାର୍ଯ୍ୟରର୍ତ୍ତାମାନେ ଯୋଗ ଦେଇଥିଲେ ।

# ରେଡିଓ ଭାବଗ୍ରାହୀରେ ଜାତୀୟ ପ୍ରସାରଣ ଦିବସ

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): ଅପରାହ୍ନରେ କେନ୍ଦ୍ରାପଡା ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ବାରୁଅ ସ୍ଥିତ ରେଡିଓ ଭାବଗ୍ରାହୀର ଷ୍ଟୁଡିଓ ସରୋଜିନୀ ପରିସରରେ ଜାତୀୟ ପ୍ରସାରଣ ଦିବସ ପାଳିତ ହୋଇଯାଇଛି । ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଂଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତା ଏବଂ ସଂଯୋଜନାରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ରେଡିଓ ଭାବଗ୍ରାହୀର କେନ୍ଦ୍ର ନିର୍ଦ୍ଦେଶକ ଇଂ. ବିଶ୍ୱଜିତ ପରିଡା, କାର୍ଯ୍ୟକ୍ରମ ନିଷ୍ପାଦିକା ସୁଶ୍ରୀ ସଂଗୀତା ଜେନା, ସ୍ୱେଚ୍ଛାସେବୀ ବିଶାଲ୍ ପରିଡା, ବାଦ୍ୟକାର ଅଜୟ ଜେନା ଏବଂ ନୃତ୍ୟ ଶିଳ୍ପୀ ରାଜଲକ୍ଷ୍ମୀ ପରିଡା ଅଂଶ ଗ୍ରହଣ କରି ରେଡିଓ ଓ ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଆବଶ୍ୟକତା ଏବଂ ଉପାଦେୟତା ସଂପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ । ରେଡିଓର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ସ୍ୱାଗତ ଭାଷଣ ଦେଇଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ନିରୁପମା ଜେନା ପ୍ରସାରଣ ଦିବସ ଉପରେ ଆଧାରିତ ସ୍ୱାଗତ ସଂଗୀତ ଗାଇଥିଲେ । ସଂଯୋଜକ ବିମଳ ପରିଡା ଜାତୀୟ ପ୍ରସାରଣ ଦିବସ ପାଳନର ଇତିହାସ ସଂପର୍କରେ ଆଲୋଚନା କରି କହିଥିଲେ ଯେ ଭାରତରେ ପ୍ରଥମେ ୧୯୨୩ ମସିହା ଜୁନ୍ ମାସରେ ରେଡିଓ କ୍ଲବ୍ ଅଫ୍ ବମ୍ବେ ଉଦ୍ୟମରେ ରେଡିଓ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ ଆରମ୍ଭ ହୋଇଥିଲା । ପରବର୍ତି ସମୟରେ ୧୯୨୭ ମସିହା ଜୁନ୍ ୨୩ ତାରିଖରେ ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଙ୍ଗ୍ କମ୍ପାନୀ ନାମରେ ପ୍ରଥମ ରେଡିଓ କମ୍ପାନୀ ସ୍ଥାପିତ ହୋଇ ବିଧିବଦ୍ଧ ଭାବରେ ପ୍ରସାରଣ ଆରମ୍ଭ ହୋଇଥିଲା । ମାନବ ସଭ୍ୟତାର ବିକାଶ ସହିତ ତାଳ ଦେଇ ରେଡିଓ ସବୁ ସମୟରେ ବହୁ ଜନ ହୀତାୟ, ବହୁ ଜନ ସୁଖାୟ ଉକ୍ତିକୁ ସାଫଲ୍ୟ ମଣ୍ଡିତ କରିଆସୁଛି, କରି ଆସୁଥିବ । ପ୍ରାକୃତିକ ଦୁର୍ବିପାକ ସମୟରେ ଦୁର୍ଗମ ଅଂଚଳରେ ଖବର ପହଂଚାଇବାରେ ଆଜି ବି ରେଡିଓର ବିକଳ୍ପ ନାହିଁ । ଅନ୍ୟମାନଙ୍କ ମଧ୍ୟରେ ରୂପାଲି ସୂତାର, ଇଂ. ଦିବ୍ୟଜ୍ୟୋତି ପରିଡା, ଇଂ. ଇତିଶ୍ରୀ ଖୁଂଟିଆ, ଅଂକିତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ରେଡିଓ ଭାବଗ୍ରାହୀର ପ୍ରସାରଣ ସହାୟକ ପ୍ରଭାତ ପରିଡା ସହଯୋଗ କରିଥିଲେ । ଏହି ଅବସରରେ ସଂଗୀତଜ୍ଞ ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ୍ ଭିକାରୀ ବଳ, କବି ଭାବଗ୍ରାହୀ ପରିଡା ଏବଂ ଧର୍ମପ୍ରାଣା ସରୋଜିନୀ ପରିଡାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା । ଶେଷରେ ସଂଯୋଜକ ବିମଳ ପ୍ରସାଦ ପରିଡା ଏହି ଦିବସର ସଫଳତା କାମନା କରିବା ସହିତ ରେଡିଓ ଭାବଗ୍ରାହୀର ଅବଦାନ ବିଷୟରେ ସୂଚନା ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): ସ୍ୱାଧୀନତା ଦିବସ ୨୦୨୪ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪.୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ କେନ୍ଦ୍ରାପଡ଼ା ପୌରାଂଚଳରେ ଓ ସମସ୍ତ ବ୍ଲକରେ ରାମଧୂନ୍ ପରିବେଷଣ କରାଯିବ। ପ୍ରଭାତଫେରୀ ସକାଳ ୬ଘଟିକା ସମୟ ସ୍ଥିର ହୋଇଥିବାବେଳେ ବିଦ୍ୟାଳୟରେ ପତାକା ଉତୋଳନର ସମୟ ହେଉଛି ସକାଳ ୭ ଘଟିକା। ସକାଳ ୭.୩୦ ମିନିଟ୍‌ରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ, ନିଜସ୍ୱ ଗୃହମାନଙ୍କରେ ଜାତୀୟ ପତାକା ଉତୋଳନ କରାଯାଇ ସଂଧ୍ୟା ପୂର୍ବରୁ ସମ୍ମାନର ସହ ପତାକା ଅବତରଣ କରାଯିବ। ସକାଳ ୯.୧୫ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ, ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ ଓ ପରେ ପରେ ଅଭିଭାଷଣ ପ୍ରଦାନ କରିବେ ମୁଖ୍ୟ ଅତିଥି। ଏହି ଜାତୀୟ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ବାହିନୀ ବ୍ୟାଣ୍ଡ୍ ପାର୍ଟି ତରଫରୁ ରାଷ୍ଟ୍ରୀୟ ସଙ୍ଗୀତ ପରିବେଷଣ କରାଯିବ। ଜିଲ୍ଲା ପାଇଁ ସୁନାମ ଆଣିଥିବା ବ୍ୟକ୍ତି ବିଶେଷ ଏବଂ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିବେ। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା ପରେ ପରେ କଏଦୀମାନଙ୍କୁ ମିଷ୍ଟାନ୍ନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ କରାଯିବା ପାଇଁ ନିଷ୍ପତି ହୋଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ପ୍ରଥମେ ବ୍ଲକ୍ ସ୍ତରୀୟ ଓ ପରେ ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା, ଦେଶଭକ୍ତି ସଂଗୀତ ଓ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀ ଚୟନ କରାଯିବ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଇବାର ଦାୟିତ୍ୱ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, କେନ୍ଦ୍ରାପଡ଼ାଙ୍କୁ ନ୍ୟସ୍ତ କରାଯାଇଛି। ଏହି ଜାତୀୟ ଦିବସରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଓ ଜନକଲ୍ୟାଣକାରୀ ଯୋଜନା ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶିତ କରିବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନୀତା ପଟ୍ଟନାୟକ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଧୀରେନ୍ଦ୍ର କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଡିଏସ୍‌ପି ଡିଆଇବି ଲକ୍ଷ୍ମୀ ନାରାୟଣ ତିୱାରୀ, କେନ୍ଦ୍ରାପଡ଼ା ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଟାଉନ୍ ଥାନା ଆଇଆଇସି ଦିଲ୍ଲିପ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାରାବାହିକ:

ଭାଗ-୧୫

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୨୩୨ଶ ଅଧ୍ୟାୟ

।। ଧୂମମାର୍ଗ ଓ ଅର୍ଚ୍ଚିରାଦି ମାର୍ଗରେ ଯାଉଥିବା ଜୀବର ଗତି ଓ ଭକ୍ତି ଯୋଗର ଉତ୍କୃଷ୍ଟତା ବର୍ଣ୍ଣନା ।।

ଭଗବାନ କହିଲେ, ମାତେ !ସକାମୀ, ଗୃହସ୍ଥଧର୍ମପାଳନକାରୀ ଯଜ୍ଞାଦି ଦ୍ୱାରା ଦେବତା ଓ ପିତୃଗଣଙ୍କୁ ସନ୍ତୁଷ୍ଟ କରି ଚନ୍ଦ୍ରଲୋକ ପ୍ରାପ୍ତ ହୁଏ । ପୁଣ୍ୟକ୍ଷୟ ହୋଇଗଲେ ମର୍ତ୍ତ୍ୟକୁ ଆସି ନିଜ ସନ୍ତାନସନ୍ତତିଙ୍କ ବଂଶରେ ଜନ୍ମ ନିଏ । ସତ ବ୍ୟକ୍ତିମାନେ ଭୋଗବିଳାସରେ ଧନକୁ ଖର୍ଚ୍ଚ ନକରି ଭଗବତ ସନ୍ତୋଷରେ ବ୍ୟୟ କରି ଭଗବାନଙ୍କୁ ପ୍ରାପ୍ତ ହୋଇଥାନ୍ତି । ବ୍ରହ୍ମା , ମରିଚୀ ଆଦି ଋଷିଗଣ ବ୍ରହ୍ମତ୍ୱକୁ ପ୍ରାପ୍ତିପରେ ମଧ୍ୟ ଗୁଣକ୍ଷୁବ୍ଧ ହୋଇ ପ୍ରକଟିତ ହୁଅନ୍ତି । ସେହିଭଳି ବ୍ରହ୍ମଲୋକ ପ୍ରାପ୍ତ ହୋଇଥିବା ଋଷିଗଣଙ୍କର ଗୁଣକ୍ଷୁବ୍ଧପରେ ଧରାବତରଣ ହୁଏ । କୁକୁରକୁ ସୁ-ଖାଦ୍ୟ ରୁଚି ନ ହେବା ଭଳି ବାସନା ଭୋଗୀ ମନୁଷ୍ୟକୁ ଭଗବତ କଥା ରୁଚି ହୁଏନାହିଁ ଫଳରେ ସେମାନେ ଦୁର୍ଭାଗା ଭାବରେ ବିବେଚିତ ହୁଅନ୍ତି । ମୁଁ କହିଥିବା ନିର୍ଗୁଣ ଏବଂ ମୋତେ ଅର୍ପିତ ଭକ୍ତିଯୋଗ ଉଭୟ ସମାନ ଓ ଭଗବାନଙ୍କ ସ୍ୱରୂପ । ଯେପେରି ରୂପ, ରସ, ଗନ୍ଧ ଆଦି ନାନାଗୁଣ ବିଶିଷ୍ଟ ପଦାର୍ଥ ବିଭିନ୍ନ ଇନ୍ଦ୍ରିୟ ଦ୍ୱାରା ଭିନ୍ନ ଭିନ୍ନ ରୂପେ ଅନୁଭୂତ ହୁଏ ସେହିପରି ଶାସ୍ତ୍ରାନୁମୋଦିତ ବିଭିନ୍ନ ମାର୍ଗ ଦ୍ୱାରା ଭଗବତ୍ ଅନୁଭୂତି ଲାଭ ହୁଏ । ଅବଶ୍ୟ ଜ୍ଞାନ ନିର୍ଗୁଣ, ପ୍ରାକୃତିକ ଗୁଣ ଲୋପ ପରେ ହିଁ ଜ୍ଞାନ ଜନ୍ମେ ମାତ୍ର ଭକ୍ତି ଗୁଣଶୂନ୍ୟ ବା ନିର୍ଗୁଣ ନୁହେଁ । ବରଂ ଭଗବାନଙ୍କ ଲୀଳାକୁ ପରମାନନ୍ଦରେ ସହ ଗାନକରି ତାଙ୍କଠାରେ ସମର୍ପିତ ହୋଇଯିବା ହିଁ ଭକ୍ତି । ଭକ୍ତି ଓ ଜ୍ଞାନ ଉଭୟ ଭଗବତ୍ ପ୍ରାପ୍ତିର ଅନୁମୋଦିତ ପନ୍ଥା । ଜ୍ଞାନ ହେଉଛି ଭକ୍ତିର ପ୍ରଥମାବସ୍ଥା, ଭକ୍ତି ଜ୍ଞାନର ପରିଣତି । ଜ୍ଞାନ ଦ୍ୱାରା ଭକ୍ତିର ଉଦ୍ରେକ ହେଲେ ଭକ୍ତ ବିଭୋର ହେବା ସହ ଜ୍ଞାନର ସତ୍ତା ଅବଲୁପ୍ତ ହୁଏ । ଜ୍ଞାନ, ବୈରାଗ୍ୟ ଆଦି ନିରସ ଶୁଷ୍କ କାଷ୍ଠ ଭଳି ହୋଇଥିବା ସ୍ଥଳେ ଭକ୍ତି ଅତ୍ୟନ୍ତ କୋମଳ, ସରସ, ମଧୁର, ଶାନ୍ତ ଓ ସୁକୁମାର । ଉଭୟମାର୍ଗ ଭଗବତପ୍ରାପ୍ତିର ସହାୟକ, କେବଳ ଉତ୍ସର୍ଗୀକୃତ ହେବା ଦରକାର । ହେ ମାତେ, ମୂର୍ଖ, କପଟୀ, ଅଧର୍ମୀମାନଙ୍କୁ ଏହି ଜ୍ଞାନୋପଦେଶ ପ୍ରଦାନ କରିବ ନାହିଁ ବରଂ ଶ୍ରଦ୍ଧାବାନ, ବିନୟୀ, ଦ୍ୱେଷଶୂନ୍ୟ ବ୍ୟକ୍ତିଙ୍କୁ ଏହି ଦୀକ୍ଷା ପ୍ରଦାନ କରିବ ।

୩୩ଶ ଅଧ୍ୟାୟ

।। ଦେବହୂତିଙ୍କର ମୋକ୍ଷପ୍ରାପ୍ତି ।।

ଭଗବାନଙ୍କଠାରୁ ଜ୍ଞାନୋପଦେଶ ଗ୍ରହଣ କରି ମାତାଙ୍କର ମୋହାବରଣ ଅପସାରିତ ହେବାରୁ ସେ ସାଂଖ୍ୟ ଜ୍ଞାନ ପ୍ରବର୍ତ୍ତକ ନିଜ ପୁତ୍ରକୁ ଭଗବାନ ଜାଣି ପ୍ରଣାମ ପୂର୍ବକ କହିଲେ, ତୁମେ ନିଷ୍କ୍ରିୟ ହୋଇ ମଧ୍ୟ ସର୍ବମୟ କର୍ତ୍ତା ଓ ସର୍ବଶକ୍ତିମାନ । ଆଶ୍ଚର୍ଯ୍ୟର କଥା ପ୍ରଳୟ କାଳରେ ଯିଏ ସମଗ୍ର ସତ୍ତାକୁ ନିଜ ଉଦରରେ ଧାରଣ କରେ ସେ ମୋ ଉଦରରେ ରହିଲେ । ଏହା ମୋର କମ ସୌଭାଗ୍ୟର ବିଷୟ ନୁହେଁ । ଦୁଷ୍ଟ ସଂହାର ନିମନ୍ତେ ତୁମର ଅବତାର ହେବାଭଳି ମୁମୁକ୍ଷୁମାନଙ୍କୁ ଜ୍ଞାନପ୍ରଦାନ ମଧ୍ୟ ତୁମ ଅବତାରର ଉଦ୍ଦେଶ୍ୟ । ତୁମରି ନାମ କୀର୍ତ୍ତନରେ ଚଣ୍ଡାଳ ମଧ୍ୟ ବ୍ରହ୍ମତ୍ୱକୁ ଉନ୍ନୀତ ହୋଇପାରେ । ଭଗବାନ ନିଜ ମାତାଙ୍କୁ ଜ୍ଞାନୋପଦେଶ ପ୍ରଦାନ କରି ତାଙ୍କଠାରୁ ଅନୁମତି ନେଇ ସେଠାରୁ ପ୍ରସ୍ଥାନ କଲେ । ଏହାପରେ ଦେବହୂତି ସ୍ୱାମୀ ପ୍ରଦାନ କରିଥିବା ଅସରନ୍ତି ସମ୍ପଦକୁ ତୁଚ୍ଛକରି ସରସ୍ୱତୀ ନଦୀକୂଳରେ ପୁତ୍ର ପ୍ରଦାନ କରିଥିବା ଯୋଗମାର୍ଗ ସାଧନାରେ ବ୍ରତୀ ହେଲେ । ପାର୍ଥୀବ ସୁଖ ବିସ୍ମୃତ ହୋଇ କଠୋର ତପସ୍ୟାରେ ଶରୀର କ୍ଷୀଣ କରିବାକୁ ଲାଗିଲେ । ଶରୀର କ୍ଷୀଣ ହେଉଥିଲେ ହେଁ ତାଙ୍କର ଜ୍ୟୋତି ଧୂମମୁକ୍ତ ଅଗ୍ନି ସଦୃଶ ପ୍ରତିଭାତ ହୋଇ ଅଚିରେ ପରମାତ୍ମାଙ୍କ ସହିତ ଲୀନ ହେଲେ ।

୪ ର୍ଥ ସ୍କନ୍ଧ

ପ୍ରଥମ ଅଧ୍ୟାୟ

।। ମନୁଙ୍କ କନ୍ୟାମାନଙ୍କର ବଂଶାବଳୀ ।।

ବ୍ରହ୍ମାଙ୍କ ତନୟ ସ୍ୱାୟମ୍ଭୁବ ମନୁଙ୍କର ପତ୍ନୀ ଶତରୂପାଙ୍କର ତିନିଗୋଟି କନ୍ୟା ଓ ଦୁଇଟି ପୁତ୍ର ଜାତ ହେଲେ । ପ୍ରଥମ କନ୍ୟା ଆକୂତି ମହର୍ଷି ରଚିଙ୍କୁ ବିବାହ କରି ବିଷ୍ଣୁ ଅଂଶରୁ ଗୋଟିଏ ପୁତ୍ର ଓ ଲକ୍ଷ୍ମୀ ଅଂଶରୁ କନ୍ୟାଟିଏ ଜାତ କଲେ । ପୁତ୍ରଟିକୁ ମନୁ ପୁତ୍ରିକା ଧର୍ମାନୁସାରେ ନିଜର ପୁତ୍ର ଭାବରେ ଗ୍ରହଣ କଲେ । ଆକୂତିଙ୍କ କନ୍ୟା ଦକ୍ଷିଣା ଯଜ୍ଞ ଭଗବାନଙ୍କୁ ବିବାହ କରି ବାରପୁତ୍ରଙ୍କୁ ଜନ୍ମଦେଲେ, ଯେଉଁମାନେ କି ଦେବଗଣଙ୍କ ଆଶୀର୍ବାଦ ଲାଭକରି ସୃଷ୍ଟିରେ କାରଣ ହୋଇଥିଲେ । ମନୁଙ୍କର ତୃତୀୟ କନ୍ୟା ପ୍ରସୂତୀ ଦକ୍ଷ ପ୍ରଜାପତିଙ୍କୁ ବିବାହ କରି ବିଶାଳ ବଂଶର ଜନନୀ ହୋଇଥିଲେ । ମନୁଙ୍କର ଦୁଇ ପୁତ୍ର ଉତ୍ତାନପାଦ ଓ ପ୍ରିୟବ୍ରତଙ୍କର ମଧ୍ୟ ଅସଂଖ୍ୟ ପୁତ୍ର ପୌତ୍ରାଦି ଜାତ ହୋଇଥିଲେ । ଅତ୍ରି ମୁନିଙ୍କ ପତ୍ନୀ ଅନୁସୂୟାଙ୍କ ଗର୍ଭରୁ ହରି, ହର, ବ୍ରହ୍ମାଙ୍କର ଅଂଶ ନେଇ ତିନିପୁତ୍ର ଯୋଗବେତ୍ତା ଦତ୍ତାତ୍ରେୟ, ମହର୍ଷି ଦୁର୍ବାସା ଏବଂ ସୋମଦେବ ବା ଚନ୍ଦ୍ରମା ଜାତ ହୋଇଥିଲେ । ପୁଲସ୍ତ୍ୟ ଋଷିଙ୍କର ଦୁଇପୁତ୍ର ମହର୍ଷି ଅଗସ୍ତ୍ୟ ଓ ବିଶ୍ରବା । ବିଶ୍ରବାଙ୍କ ପତ୍ନୀ ଇଡବିଡାଙ୍କ ଗର୍ଭରୁ ଯକ୍ଷରାଜ କୁବେର ଓ ଦ୍ୱିତୀୟ ପତ୍ନ୍ କେଶିନୀଠାରୁ ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ଜାତ ହୋଇଥିଲେ । ଦକ୍ଷଙ୍କ କନ୍ୟା ସତୀ ଭଗବାନ ଶଙ୍କରଙ୍କୁ ପତି ରୂପେ ବରଣ କରିଥିଲେ ମାତ୍ର ସନ୍ତାନ ସମ୍ଭବା ହେବା ପୂର୍ବରୁ ପତିଙ୍କ ଅପମାନ ସହ୍ୟ କରିନପାରି ପିତାଙ୍କ ଯଜ୍ଞକୁଣ୍ଡରେ ଆତ୍ମ ବିସର୍ଜନ କରିଥିଲେ ।

୨ୟ ଅଧ୍ୟାୟ

।। ଭଗବାନ ଶିବ ଓ ଦକ୍ଷ ପ୍ରଜାପତିଙ୍କ ବିବାଦ ।।

ବିଦୁର ପଚାରିଲେ, ମହାଯୋଗେଶ୍ୱର, ଶାନ୍ତ, ନିର୍ଲିପ୍ତ, ନିର୍ବିକାର ଭଗବାନ ମହାଦେବ ଓ ସନ୍ତାନ ବତ୍ସଳ ଦକ୍ଷଙ୍କ ମଧ୍ୟରେ ବିବାଦ ହେଲା କାହିଁକି ? ମୈତ୍ରେୟ କହିଲେ, ସୃଷ୍ଟିର ପୂର୍ବରୁ ଦକ୍ଷଯଜ୍ଞରେ ସମସ୍ତ ଦେବଦେବୀମାନେ ଉପସ୍ଥିତ ହୋଇଥିଲେ । ସେହି ଯଜ୍ଞରେ ଦକ୍ଷ ସ୍ୱ ତେଜରେ ଚର୍ତୁଦିଗ ଆଲୋକିତ କରି ପହଞ୍ଚି ପିତା ବ୍ରହ୍ମାଙ୍କୁ ପ୍ରଣତି ଜଣାଇଲେ । ସେଠାରେ ଉପସ୍ଥିତ ଥିବା ସମସ୍ତ ଦେବ ନିଜ ଆସନରୁ ଛିଡାହୋଇ ଦକ୍ଷଙ୍କୁ ସମ୍ମାନ ପ୍ରଦର୍ଶନ କରିଥିବା ସମୟରେ ମହାଦେବ ନିଜର ଶ୍ୱଶୁର ଦକ୍ଷଙ୍କ ପ୍ରତି କୌଣସି ସମ୍ମାନ ପ୍ରଦର୍ଶନ କଲେନାହିଁ । ଏଥିରେ ଦକ୍ଷ କ୍ଷୁବ୍ଧ ହୋଇ କହିଲେ, ମୁଁ ବ୍ରହ୍ମାଙ୍କ କହିବା ଅନୁସାରେ ଏହାଙ୍କୁ କନ୍ୟା ଦେଲି, ମୁଁ ଏହାଙ୍କ ଶ୍ୱଶୁର ଓ ଗୁରୁଜନ ହୋଇଥିବା ସ୍ଥଳେ ଏ ମୋତେ ସମ୍ମାନ ଦେଲେନାହିଁ । ଏବେ ବୁଝିଲି ଅପାତ୍ରରେ କନ୍ୟାଦାନ କରିଛି । ଇଏତ ଅଶୌଚ ଶରୀରଧାରୀ, ନଗ୍ନ ଉନ୍ମତ୍ତ ହୋଇ ନିଜ ଭୂତଗଣଙ୍କ ସହ ଶ୍ମଶାନରେ ବାସକରେ, ଏହା ଭଳି ନପୁଂସକ, ଦୁର୍ମତିଠାରୁ ଅଧିକ କ'ଣ ଆଶା କରା ଯାଇପାରେ ? ସମସ୍ତ ଦେବତାଙ୍କ ବିରୋଧ ସତ୍ତ୍ୱେ ଦକ୍ଷ ବିଭିନ୍ନ କଟୁକ୍ତି କରିବା ସହ କୌଣସି ଯଜ୍ଞରେ ଅଧମକୁ ଯଜ୍ଞଭାଗ ମିଳିବ ନାହିଁ ବୋଲି ଶାପ ଦେଲେ । ସବୁ ଶୁଣି ନିର୍ବିକାର ମହାଦେନ ନୀରବ ରହିଥିଲେ ହେଁ ଶିବଗଣଙ୍କର ମୁଖ୍ୟ ନନ୍ଦୀ ପାଲଟା ଅଭିଶାପ ଦେଲେ, ଯେଉଁମାନେ ଶିବଦ୍ରୋହୀ ଦକ୍ଷଙ୍କର ପୂଜା କରିବେ ସେମାନେ ବିଷ୍ଣୁଦ୍ରୋହୀ ହେବେ । ଏ ଦକ୍ଷ କ୍ରୋଧାନ୍ଧ ହୋଇ ଭଗବାନ ଶଙ୍କରଙ୍କ ପ୍ରତି ଦ୍ରୋହ ଆଚରଣ କରିଥିବାରୁ ସ୍ତ୍ରୀ ଆସକ୍ତ ଲମ୍ପଟ ହେବା ସହ ଛାଗଳ ପଶୁର ମୁଖକୁ ଧାରଣ କରୁ । ଏଠି ଉପସ୍ଥିତ ଥିବା ବ୍ରାହ୍ମଣମାନେ ମୂକ, ନୀରବ ରହିଥିବା କାରଣରୁ ସେମାନେ ମଧ୍ୟ ଜନ୍ମମୃତ୍ୟୁ ଚକ୍ରରେ ସର୍ବଦା ଘୁରିବା ସହ ପଶୁପରି ସର୍ବଭକ୍ଷ ଓ ଇନ୍ଦ୍ରିୟର ଦାସ ହୋଇ ଭିକ୍ଷାମାଗି ବୁଲନ୍ତୁ । ସେଠାରେ ଉପସ୍ଥିତ ବ୍ରାହ୍ମଣ ଭୃଗୁ ମୁନି ଏ ଅଭିଶାପରେ ଉତକ୍ଷିପ୍ତ ହୋଇ ପାଲଟା ଶାପଦେଲେ ଶିବବ୍ରତଧାରୀମାନେ ଶାସ୍ତ୍ର ବିରୋଧ କରୁଥିବାରୁ ପାଷାଣ୍ଡ ଗତି ପ୍ରାପ୍ତ ହୁଅନ୍ତୁ । ଶିବ ମହାଦେବ ସେଠାରୁ ନିଜର ଗଣଙ୍କୁ ଧରି ପ୍ରତ୍ୟାବର୍ତ୍ତନ କରିବା ପରେ ମୁନିମାନେ ଭଗବାନ ବିଷ୍ଣୁଙ୍କର ପୂଜାକରି ଯଜ୍ଞ ସମାପନାନ୍ତେ ପବିତ୍ର ଜାହ୍ନବୀ ନଦୀରେ ସ୍ନାନ କରି ନିଜ ନିଜ ଆଶ୍ରମକୁ ଫେରିଗଲେ । (କ୍ରମଶଃ)

୩ୟ ଅଧ୍ୟାୟ

।। ଭଗବାନ ଶିବ ଓ ମାତା ସତୀଙ୍କର କଥୋପକଥନ ।।

ଏହାର କିଛି ଦିନପରେ ବ୍ରହ୍ମା, ଦକ୍ଷଙ୍କୁ ପ୍ରଜାପତି ରୂପେ ନିଯୁକ୍ତ କରିବାରୁ ତାଙ୍କର ଗର୍ବ ବଢିଗଲା , ସେହି ସମୟରେ ସେ ଏକ ବାଜପେୟ ଯଜ୍ଞର ଆୟୋଜନ କଲେ । ଏଥିରେ ସେ ଶିବଙ୍କ ବାଦ ଆଉ ସମସ୍ତ ଦେବତାଙ୍କୁ ନିମନ୍ତ୍ରଣ ଦେଲେ । ସମସ୍ତ ଦେବତା ଦିବ୍ୟାଳଙ୍କାର ଭୂଷିତ ହୋଇ ବିମାନରେ ଯାଉଥିବା ଦେଖି ସତୀ ସେମାନଙ୍କଠାରୁ ବୁଝିଲେ ଯେ ସମସ୍ତେ ଦକ୍ଷଙ୍କ ଯଜ୍ଞକୁ ଯାଉଛନ୍ତି । ସତୀ ସେ ସ୍ଥାନକୁ ଯିବା ପାଇଁ ଶିବଙ୍କୁ ଅନୁମତି ଲୋଡିଟେ, ମାତ୍ର ଶିବ ପୂର୍ବ ବିବାଦ କଥା ସ୍ମରଣ କରାଇ ସେ ସ୍ଥାନକୁ ନ ଯିବାକୁ ପରାମର୍ଶ ଦେଲେ । ପିତ୍ରାଳୟକୁ ଯିବାର ମୋହ ହେତୁ ମାତା ସତୀ ବିଭିନ୍ନ ରୂପେ ବୁଝାଇବାକୁ ଲାଗିଲେ । ଶିବ କହିଲେ, ଦେବୀ, ତୁମର ପିତା ଅକାରଣରେ ମୋ ପ୍ରତି ଦୁର୍ବ୍ୟବହାର କଲେ । ମୁଁ ଯୋଗୀ ସର୍ବଦା ସେହି ପରମ ବ୍ରହ୍ମଙ୍କ ଧ୍ୟାନରେ ଥାଏ । ମୁଁ ତାଙ୍କୁ ସମ୍ମାନ ପ୍ରଦର୍ଶନ ନ କରିଥିଲେ ହେଁ ଅସମ୍ମାନ ତ କରିନାହିଁ, ସେ ଯେଉଁ ଦେବତାଙ୍କୁ ପୂଜା କରୁଥିଲେ ମୁଁ ତ ସର୍ବଦା ତାଙ୍କରି ଧ୍ୟାନରେ ଥାଏ । ମାତ୍ର ଦକ୍ଷ ଏକଥା ନ ବୁଝି ନିଜ ଅହଂକାରରେ ମୋ ପ୍ରତି କୁବ୍ୟବହାର କଲେ । ପୁନଶ୍ଚ କ୍ରୋଧ ବଶତଃ ସେ ଏ ଯଜ୍ଞକୁ ମଧ୍ୟ ନିମନ୍ତ୍ରଣ କଲେନାହିଁ, ଏଣୁ ଅନିମନ୍ତ୍ରିତ ସ୍ଥାନକୁ ଯିବା ଉଚିତ ନୁହେଁ ।(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ରାଶି ଅନୁସାରେ ଟାଟୁ

**ଟ୍ରେଣ୍ଡି ଓ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ଏବେ ଟାଟୁ ଏକ କ୍ରେଜ୍ ପାଲଟିଛି । ହେଲେ ଏହା କରାଇବା ବେଳେ ଠିକ୍ ଟାଟୁ ବାଛିବା କଷ୍ଟକର ହୋଇପଡ଼େ । ତେଣୁ ରାଶି ଅନୁସାରେ ଟାଟୁ କରାଇବା ସବୁଠୁ ଭଲ । ଏହାଦ୍ୱାରା ଟାଟୁ ବାଛିବା ସହଜ ହେବା ସହ ତାହା ବ୍ୟକ୍ତିତ୍ୱକୁ ବି ମ୍ୟାଚ କରିବ...**











ମେଷ:- ମେଷ ରାଶି ଲୋକ ଖୁବ୍ ବୋଲ୍ଡ୍ । ଏମାନେ ଯେଉଁ କାମ ଥରେ କରିବାକୁ ନିଷ୍ପତ୍ତି ନିଅନ୍ତି ତାକୁ ଶେଷ ନକରିବା ପର୍ଯ୍ୟନ୍ତ ନିଃଶ୍ୱାସ ମାରନ୍ତି ନାହିଁ । ନିଆଁ କିମ୍ବା ନିଜ ନାମ ସହ ନିଆଁର ପ୍ରତୀକ ଭଳି ଟାଟୁ କରନ୍ତୁ । ଏହା ଆପଣଙ୍କ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ବିକାଶ କରିବାର କାମ କରିବ । ଅବା ଆପଣ ଅମର ପକ୍ଷୀ ବା ଫୋଏନିକ୍ସର ଟାଟୁ ବି କରାଇପାରନ୍ତି । ଏହା କରିବା ପରେ ଜିତିବାକୁ ଦର୍ଶାଇଥାଏ ।

ବୃଷ- ଏହି ରାଶିର ଲୋକ ଖୁବ୍ ପରିଶ୍ରମୀ, ପ୍ରାକ୍ଟିକାଲ ଓ ସାହସୀ । ଏମାନେ ବାହାରକୁ ଯିବା ସହ ପ୍ରାକୃତିକ ଜିନିଷକୁ ଖୁବ୍ ଭଲ ପାଆନ୍ତି । ତେଣୁ ଏହି ରାଶିର ବ୍ୟକ୍ତି ଫୁଲ, ଗଛ ତଥା ପ୍ରକୃତି ସହ ଜଡ଼ିତ ଜିନିଷ ଟାଟୁ କରିବା ଭଲ । ଏହା ବ୍ୟତୀତ ଷଣ୍ଢର ଟାଟୁ ବି କରାଇପାରନ୍ତି ।

ମିଥୁନ:- ଉକ୍ତ ରାଶିର ଲୋକ ଖୁବ୍ ଭର୍ସାଟାଇଲ ଓ ଖୁସ୍ ମିଜାଜ । ଏମାନେ ଖୁବ୍ ଗପିବା ସ୍ୱଭାବର । ଏମାନେ କୌଣସି ଏକ ଲାଇନ ବିଶିଷ୍ଟ କୋଟର ଟାଟୁ କରିପାରିବେ । ତା'ସହିତ ଆପଣ ପ୍ରତ୍ୟେକ ଜିନିଷକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଖନ୍ତି । ଦୁଇଟି ଅଲଗା ଅଲଗା ଡିଜାଇନର ଟାଟୁକୁ ଏକାସାଙ୍ଗରେ ମିଶାଇ କରିପାରିବେ ।

କର୍କଟ:- କର୍କଟ ରାଶିର, ଲୋକେ ନିଜ ପରିବାର ଓ ଜୀବନସାଥୀଙ୍କୁ ଖୁବ୍ ଭଲ ପାଆନ୍ତି । ତେଣୁ ଆପଣ ମା' ବାପା ଅଥବା ନିଜ ଜୀବନସାଥୀର ଟାଟୁ କରି ନିଜ ସ୍ୱଭାବକୁ ପ୍ରଦର୍ଶିତ କରିପାରିବେ । ଏହାବ୍ୟତୀତ ଆପଣ ଏକ ସୁନ୍ଦର କୋମଳ ଗୋଲାପ ଫୁଲ ଟାଟୁ ବି କରିପାରିବେ । ଏହା ଆପଣଙ୍କ ଅନ୍ତରର କୋମଳ ମନୋଭାବକୁ ପରିପ୍ରକାଶ କରିବ ।

ସିଂହ- ସିଂହ ରାଶିର ଲୋକେ ରାଜକୀୟ ଜୀବନ ଅତିବାହିତ କରିବାକୁ ପସନ୍ଦ କରନ୍ତି । ତେଣୁ ବାଘ, ହୀରା ଓ ମୁକୁଟ ପରି ଭବ୍ୟତା ଦର୍ଶାଉଥିବା ଡିଜାଇନର ଟାଟୁ କରିପାରିବେ । ତା'ଛଡ଼ା ସୂର୍ଯ୍ୟ ଆପଣଙ୍କ ସ୍ୱାମୀ ହୋଇଥିବାରୁ ଫୁଲ ଟାଟୁ ବି କରିପାରିବେ ।

କନ୍ୟା- ଏହି ରାଶିର ଲୋକେ ସବୁ କାମରେ ପରଫେକ୍ସନ ଚାହାନ୍ତି । ଆପଣଙ୍କ ପାଇଁ ଜ୍ୟାମିତିକ, ହିନ୍ଦୁ ଦେବୀ କିମ୍ବା ଫୁଲ ଲତାର ଡିଜାଇନ ପରଫେକ୍ଟ ଅପ୍ସନ ।

ତୁଳା - ଏହି ରାଶିର ବ୍ୟକ୍ତି ଶାନ୍ତିର ପ୍ରତୀକ, ଯାହା ମାନବିକତାକୁ ଭଲପାଇବା ଦର୍ଶାଏ ସେହିଭଳି ଟାଟୁ କରାନ୍ତୁ । ତା'ଛଡ଼ା ଫୁଲ ଓ ବିଭିନ୍ନ ସୁନ୍ଦର ଡିଜାଇନ ଭିତରେ ଏକ ରୋମାଣ୍ଟିକ କୋଟର ଟାଟୁ କରିପାରିବେ ।

ବିଛା- ଉକ୍ତ ରାଶିର ଲୋକ କେବେ ହାର ମାନି ନଥାନ୍ତି । ଏଥିପାଇଁ ବିଛାର ଟାଟୁ ଆପଣଙ୍କ ପାଇଁ ପରଫେକ୍ଟ ବିଛା ରାଶିକୁ ପାଣିର ପ୍ରତୀକ ବି ବିଶ୍ୱାସ କରାଯାଏ । ତେଣୁ ସମୁଦ୍ର ଅବା ଏଥିରେ ରହୁଥିବା ଜୀବ ଯେମିତିକି ଡଲଫିନ ଟାଟୁ ବି କରାଇପାରିବେ ।

ଧନୁ- ଧନୁରାଶିର ଲୋକ ଖୁବ୍ ଆଡ଼ଭେଞ୍ଚର୍ସ । ଆଉ ଏମାନେ ବୁଲାବୁଲିରେ ସଉକ ରଖନ୍ତି । ନିଜର ଏହି ପ୍ରକୃତିକୁ ପ୍ରଦର୍ଶିତ କରାଇବା ପାଇଁ ଗ୍ଲୋବ କିମ୍ବା କୌଣସି ଭୌଗଳିକ ପ୍ରତୀକର ଟାଟୁ କବରିପାରିବେ ।

ମକର- ଏହି ରାଶିର ଲୋକେବି ପରିବାରକୁ ଖୁବ ଭଲ ପାଇଥାନ୍ତି । ତେଣୁ ଆପଣ ନିଜର ପ୍ରିୟ ଲୋକ ତଥା ମା' ବାପା କିମ୍ବା ଅନ୍ୟ ସଦସ୍ୟଙ୍କ ନାମ କିମ୍ବା ପ୍ରତୀକର ଟାଟୁ କରିପାରିବେ । ଏମାନେ ଖୁବ ପରିଶ୍ରମୀ ବି ହୋଇଥାଆନ୍ତି । ତେଣୁ ଗଳ୍ପ କିମ୍ବା ପ୍ରେରଣା ପ୍ରଦାୟକ କୌଣସି କୋଟରୀ ଟାଟୁ ଆପଣଙ୍କ ପାଇଁ ଭଲ ଅପ୍ସନ ।

କୁମ୍ଭ- ପାଣିକୁ ଦର୍ଶାଉଥିବା ଯେକୌଣସି ସିମ୍ବଲର ଟାଟୁ ଏହି ରାଶିର ଲୋକଙ୍କ ପାଇଁ ବେଷ୍ଟ ଅପ୍ସନ । ଏହା ସେମାନଙ୍କ ମାନବିକତା ଗୁଣକୁ ଦର୍ଶାଇବ । ଆପଣ ଚାହିଁଲେ କୌଣସି କୋଟ ସହିତ କୌଣସି ସିମ୍ବଲ କରାଇପାରିବେ ।

ମୀନ- ଏହି ରାଶିର ଲୋକ ଖୁବ୍ ସ୍ୱପ୍ନାଭିଳାଷୀ । ଆଉ ସ୍ୱଭାବରେ ଖୁବ୍ ରୋମାଣ୍ଟିକ । ଏହି ରାଶିର ଲୋକ ସମୁଦ୍ରରେ ରହୁଥିବା ଜୀବ କିମ୍ବା ପଦ୍ମଫୁଲର ଡିଜାଇନକୁ ବାଛିପାରିବେ । ଆପଣ ଚାହିଁଲେ ପ୍ରଜାପତି କିମ୍ବା ଏକ ଶିଙ୍ଗ ଥିବା ଜୀବର ଟାଟୁ କରିପାରିବେ ।

# ସନ୍ଧ୍ୟା ଚା'ରେ ଖୁବ୍ ଜମିବ ପନିର ଆଳୁ କବାବ: ଜାଣି ରଖନ୍ତୁ ପ୍ରସ୍ତୁତି ପ୍ରଣାଳୀ



ସନ୍ଧ୍ୟାରେ ଚା' କପେ ସହ କିଛି ଗରମାଗରମ, ଚଟପଟା ଖାଇବାକୁ ମିଳିଗଲେ, ତାହାର ମଜା ନିଆରା । ତେଣୁ ଫଟାଫଟ ପ୍ରସ୍ତୁତ ହୋଇ ପାରୁଥିବା ଏକ ରେସିପି ସନ୍ଧ୍ୟା ଟି ଟାଇମ୍ ସ୍ନାକ୍ସ ଭାବେ ପ୍ରସ୍ତୁତ କରିବା । ଏହି ରେସିପି ହେଉଛି ପନିର ଆଳୁ କବାବ ।

ଆବଶ୍ୟକ ସାମଗ୍ରୀ: ଆଳୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜଓ୍ୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ୍ ।

ଆଳୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଳୁକୁ ନେଇ ଚକଟି ଦିଅନ୍ତୁ । ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କଞ୍ଚା ଲଙ୍କା, ଜୁଆଣି ଏବଂ ସେଜଓ୍ୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ । ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ । ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ । ଏବେ କର୍ନ ଫ୍ଲୋର ଘୋଳରେ କବାବ୍‌କୁ ବୁଡାଇ ତେଲରେ ଛାଣିଦିଅନ୍ତି । ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ଆଳୁ ପନିର କବାବ୍ ।

# ହାତରୁ ମେହେନ୍ଦି ଛଡ଼ାଇବେ କିପରି



କ୍ଲୋରିନ - ହାତରୁ ମେହେନ୍ଦି ଛଡ଼ାଇବା ପାଇଁ କ୍ଲୋରିନ ଏବଂ ପାଣିର ମିଶ୍ରଣରେ ଅତି କମରେ ୫ ମିନିଟ ହାତ ବୁଡ଼ାଇ ରଖିବା ପରେ ସାଦା ପାଣିରେ ଧୋଇ ଦିଅନ୍ତୁ । ଏହାପରେ ବ୍ଲିଚକୁ ନେଇ ଆପଣ ହାତରେ ଲଗାନ୍ତୁ । ବ୍ଲିଚ ଶୁଖିଲାପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଦେଖିବେ ମେହେନ୍ଦିର ରଙ୍ଗ ହାଲକା ହୋଇଯିବ ।

ଲୁଣ ଏବଂ ଅଲିଭ ତେଲ- ଲୁଣ ଏବଂ ଅଲିଭ ତେଲକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ହାତରେ ଲଗାନ୍ତୁ । ଶୁଖିଲାପରେ ଏହାକୁ ସଫା କରିଦିଅନ୍ତୁ ।

ଆଳୁରସ-ଆଳୁରସରେ ହାତରେ ମସାଜ କରନ୍ତୁ ଏବଂ ଏହାକୁ ଶୁଖିବାକୁ ଛାଡ଼ିଦିଅନ୍ତୁ । ଏହାପରେ ହାତକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୫ ଜୁଲାଇ ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ରାଜନୈତିକ ବିଚାରର ଉର୍ଦ୍ଧ୍ୱରେ...

ଦଳମତ ନିର୍ବିଶେଷରେ ସବୁ ସରକାରଙ୍କ ଲକ୍ଷ୍ୟ ହେଲା ଜନକଲ୍ୟାଣ । କିଛି ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମର ଯଥାର୍ଥତା ରାଜନୈତିକ ବିଚାରରୁ ଉର୍ଦ୍ଧ୍ୱରେ ରହେ । ସରକାର ବଦଳିଲେ ମଧ୍ୟ ନୂଆ ସରକାର ସେ ସବୁକୁ ଅବ୍ୟାହତ ରଖିବାକୁ ଉଦ୍ୟମ କରିଥା'ନ୍ତି ଏବଂ ଏହା ପଛରେ ଥିବା ସାମାଜିକ ଯୁକ୍ତି ଓ ଆବଶ୍ୟକତାକୁ ଦେଖି ଏହାର ଆର୍ଥିକ ଦିଗକୁ ସୁବିନ୍ୟସ୍ତ କରିବାକୁ ଚେଷ୍ଟା କରିଥା'ନ୍ତି । ତେଣୁ ଏ କ୍ଷେତ୍ରରେ ଯୋଜନାର ସ୍ରଷ୍ଟା ବା ପ୍ରବର୍ତ୍ତକ ଅପେକ୍ଷା ଏହାର ଆବଶ୍ୟକତାକୁ ଅଧିକ ଦେଖାଯାଏ । ବିଜେଡି ସରକାରର ଦୀର୍ଘ ୨୪ ବର୍ଷର ଶାସନ କାଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରି କେବଳ ଲୋକପ୍ରିୟ ହୋଇ ନ ଥିଲେ; ସମଗ୍ର ଦେଶରେ ଏ କ୍ଷେତ୍ରରେ ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ । ସବୁ ବର୍ଗ, ଶ୍ରେଣୀର ଲୋକଙ୍କ ପାଇଁ ସେ ନାନା ହିତକାରୀ ଯୋଜନା କାର୍ଯ୍ୟକାରୀ କରି ସମାବେଶୀ ବିକାଶର ଏକ ନୂଆ ଯୁଗ ଆରମ୍ଭ କରିଥିଲେ । ୨୦୨୪ ନିର୍ବାଚନରେ ରାଜ୍ୟରେ ଯେଉଁ ରାଜନୈତିକ ପରିବର୍ତ୍ତନ ଘଟିଲା, ସେଥିରେ କ୍ଷମତାକୁ ଆସିଥିବା ବିଜେପି ପୂର୍ବ ସରକାରର ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ ସବୁକୁ ବନ୍ଦ କରି ଦେଇପାରେ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଥିଲା । ତେବେ ନୂଆ ସରକାର ସେ ସବୁ ଯୋଜନାର ବାସ୍ତବତାକୁ ବୋଧହୁଏ ହୃଦୟଙ୍ଗମ କରି ମୂଳରୁ ସ୍ପଷ୍ଟ କରି ଦେଇଥିଲେ ଯେ ପୂର୍ବ ସରକାର ଦ୍ୱାରା ପ୍ରଚଳିତ କୌଣସି ଜନକଲ୍ୟାଣକାରୀ ଯୋଜନାକୁ ହଠାତ୍ ବନ୍ଦ କରାଯିବ ନାହିଁ ଏବଂ ସମୟକ୍ରମେ ନୂଆ ସରକାର ସେ ସବୁର ସାମାଜିକ ଓ ଆର୍ଥିକ ଦିଗ ପରୀକ୍ଷାନିରୀକ୍ଷା କରିବେ । ନୂଆ ସରକାରଙ୍କର ଏଭଳି ଆଭିମୁଖ୍ୟ ଅବଶ୍ୟ ବାସ୍ତବବାଦୀ ଏବଂ ଏଥିରେ ରାଜନୈତିକ ପ୍ରତିଶୋଧପରାୟଣତା ବା ଅବିବେକିତା ନାହିଁ । ଆହାର, ମୋ ବସ୍, ହରିଶ୍ଚନ୍ଦ୍ର ଯୋଜନାଠାରୁ ଆରମ୍ଭ କରି ବିଜେଡି ସରକାରର ଯାବତୀୟ ଲୋକକଲ୍ୟାଣକାରୀ ଯୋଜନା ଏବେ ମଧ୍ୟ ଚାଲୁ ରହିଛି । ଆବଶ୍ୟକ ସ୍ଥଳେ କେତେକ ଯୋଜନାର ନାମ ପରିବର୍ତ୍ତନ ଓ ରୂପରେଖରେ ଅଦଳବଦଳ କରାଯାଇପାରେ ବୋଲି ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରୀମାନେ ବାରମ୍ବାର କହୁଛନ୍ତି । 'ଆହାର' ଯୋଜନା ନବୀନ ସରକାରଙ୍କର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା । ଏଥିରେ ବିଭିନ୍ନ କେନ୍ଦ୍ରରେ, ବିଶେଷକରି ସହରର ନିର୍ଦ୍ଦିଷ୍ଟ ଜନଗହଳି ଅଞ୍ଚଳ ଯଥା ମେଡିକାଲ ଓ ବସ୍‌ଷ୍ଟାଣ୍ଡ ଆଦିରେ ଲୋକଙ୍କୁ ରିହାତି ମୂଲ୍ୟରେ ମାତ୍ର ୫ ଟଙ୍କାରେ ଭାତ, ଡାଲମା ଯୋଗାଇ ଦିଆଯାଉଥିଲା । ନୂଆ ସରକାରଙ୍କ ସହରାଞ୍ଚଳ ଓ ଆବାସ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ଏହା ଏକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ଏହି ଯୋଜନା ଅବ୍ୟାହତ ରହିବ । ଦରକାର ପଡ଼ିଲେ ଯୋଜନାର ନାମ ସରକାର ବଦଳାଇ ପାରନ୍ତି ବୋଲି ସେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଲୋକଙ୍କ ସହ 'ଆହାର' କେନ୍ଦ୍ରରେ ଭୋଜନ କରିବା ଅବସରରେ ସୂଚନା ଦେଇଛନ୍ତି । ତାଙ୍କର ଏହି ଉକ୍ତି 'ଆହାର' ଯୋଜନାର ପ୍ରବର୍ତ୍ତନରେ ପୂର୍ବ ସରକାରଙ୍କ ଦୃଷ୍ଟିଗୋଚର ଏକ ସବୁତ୍ । ସୂଚନାଯୋଗ୍ୟ ଯେ ରାଜ୍ୟର ଗରିବ ଓ ଅଭାବୀ ଲୋକଙ୍କୁ ମାତ୍ର ୫ ଟଙ୍କାରେ ପେଟପୂରା ଖାଇବାକୁ ଦେବା ପାଇଁ ୨୦୧୫ରେ ନବୀନ ସରକାର ଆହାର ଯୋଜନା କାର୍ଯ୍ୟକାରୀ କରି ବିଭିନ୍ନ କେନ୍ଦ୍ରମାନ ଖୋଲିଥିଲେ । ଅବଶ୍ୟ ଯୋଜନାର କଳେବର ପ୍ରଥମେ ସୀମିତ ଥିଲା ଏବଂ ଭୁବନେଶ୍ୱରର ରାଜଧାନୀ ହସ୍ପିଟାଲ୍ ସମେତ ରାଜ୍ୟରେ ମାତ୍ର ୩ଟି କେନ୍ଦ୍ର ମାଧ୍ୟମରେ ପ୍ରତିଦିନ ପ୍ରତ୍ୟେକ କେନ୍ଦ୍ରରେ ଏକ ହଜାର ଲେଖାଏଁ ଲୋକଙ୍କୁ ୫ ଟଙ୍କାରେ ଭାତ, ଡାଲମା ଦିଆଯାଉଥିଲା । ପରବର୍ତ୍ତୀ ସମୟରେ ରାଜ୍ୟର ବଡ଼ ବଡ଼ ସହରାଞ୍ଚଳରେ 'ଆହାର' କେନ୍ଦ୍ରମାନ ଖୋଲାଯାଇ ଲୋକଙ୍କୁ ଶସ୍ତାରେ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା ହୋଇଥିଲା । ଏବେ ରାଜ୍ୟରେ ଏହି 'ଆହାର' କେନ୍ଦ୍ର ସଂଖ୍ୟା ୧୬୮ ଏବଂ ଏହା ୧୧୫ଟି ସହରରେ କାର୍ଯ୍ୟ କରୁଛି । ସେଥିମଧ୍ୟରୁ ୮୨ଟି କେବଳ ବଡ଼ ବଡ଼ ଡାକ୍ତରଖାନା ପାଖରେ ରହିଛି । ଏହାଦ୍ୱାରା ରୋଗୀ ସହାୟକମାନେ ବିଶେଷ ଉପକୃତ ହେଉଛନ୍ତି । ଏକ ହିସାବ ଅନୁସାରେ, ଏବେ ଏହି ୮୨ଟି କେନ୍ଦ୍ରରେ ୪୮୦୦୦ ଲୋକ ଉପକୃତ ହେଉଛନ୍ତି । ଏହାଦ୍ୱାରା ସରକାର ସମ୍ପୃକ୍ତ ହିତାଧିକାରୀଙ୍କ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିଛନ୍ତି । ଭୋକିଲାଙ୍କୁ ନାମକୁମାତ୍ର ମୂଲ୍ୟରେ ଅନ୍ନ ପ୍ରଦାନ କେବଳ ପୁଣ୍ୟ କାର୍ଯ୍ୟ ନୁହେଁ, ବରଂ ଏକ ସରକାରୀ ଦାୟିତ୍ୱବୋଧ । ପ୍ରତ୍ୟେକ ଭୋଜନ ଉପରେ ରାଜ୍ୟ ସରକାର ଏହି ଯୋଜନାରେ ୨୩ ଟଙ୍କାର ରିହାତି ବହନ କରୁଛନ୍ତି । ଏହି ଯୋଜନାରେ 'ଆହାର' କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା, ଲୋକଙ୍କୁ ଶସ୍ତାରେ ପୁଷ୍ଟିକର ଭୋଜନ ଯୋଗାଣ ଓ ରୋଷଶାଳାର ସ୍ୱାସ୍ଥ୍ୟକର ସ୍ଥିତି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସେଥିପ୍ରତି ନୂଆ ସରକାର ଆବଶ୍ୟକ ଦୃଷ୍ଟି ଦେବେ ବୋଲି ମନ୍ତ୍ରୀ କହିଛନ୍ତି । ଯୋଜନାର ନାମ ବଦଳାଇବାରେ ବିଶେଷ କିଛି ନାହିଁ ବଡ଼ କଥା ହେଲା, କାର୍ଯ୍ୟକ୍ରମର ଉପଯୋଗିତା ଓ ଲୋକଙ୍କ ସ୍ୱାର୍ଥକୁ ବିଚାରକୁ ନେଇ ଏହାକୁ ଜାରି ରଖିବା । ଉଦ୍ଦେଶ୍ୟ ସାଧନରେ ଯୋଜନାର ନାମ ପରିବର୍ତ୍ତନ ବାଧକ ହୁଏ ନାହିଁ । ଏହାକୁ ଯେତେ ଅଧିକ ଲୋକାଭିମୁଖୀ କରି ହେବ ସେତେ ଭଲ । ଏହି ସରକାରଙ୍କ ଦ୍ୱାରା 'ଆହାର' ଯୋଜନା ଜାରି ରହିବା ଘୋଷଣା ନବୀନବାବୁଙ୍କ ଦୂରଦୃଷ୍ଟି ଓ ସାମାଜିକ ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣିତ କରି ଏହାର ଯଥାର୍ଥତାକୁ ପ୍ରତିପାଦନ କରୁଛି । ଏହା କେବଳ ଏକମାତ୍ର ଯୋଜନା ନୁହେଁ; ଏଭଳି ଏକାଧିକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ, ଯାହା ନବୀନ ସରକାର କରିଥିଲେ, ତାହାକୁ ଏହାର ଗ୍ରହଣୀୟତା ଓ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ ନୂଆ ସରକାର ଚାଲୁ ରଖିବାକୁ ଅଙ୍ଗୀକାରବଦ୍ଧ ହେବା ନିଶ୍ଚିତ । ଜନପ୍ରିୟ ସରକାର ପୂର୍ବ ସରକାରଙ୍କ ଭଲକାମକୁ ଜାରି ରଖିଥା'ନ୍ତି ଏବଂ ଏଥିରେ ତାଙ୍କର ବିଚାରବୁଦ୍ଧି ପ୍ରକଟିତ ହୋଇଥାଏ । ଯେଉଁମାନେ ନବୀନବାବୁଙ୍କ ଯୋଜନା ସବୁ ଲୋକଦେଖାଣିଆ କହୁଥିଲେ, ସେମାନେ ଏବେ ଆତ୍ମସମୀକ୍ଷା କରିବା ଉଚିତ ।

## କେରଳ ସରକାରଙ୍କ 'ବୈଦେଶିକ ସଚିବ' ନିଯୁକ୍ତ ପଛରେ କଣ ରହିଛି ରହସ୍ୟ ?



### ଡ. ସମନ୍ୱୟ ନନ୍ଦ

କେରଳର କମ୍ୟୁନିଷ୍ଟ ସରକାର ବିଭିନ୍ନ ସମୟରେ ବିଭିନ୍ନ କାରଣକୁ ନେଇ ବିବାଦରେ ରହି ଆସିଥାନ୍ତି । ତେବେ ଚଳିତ ଥର ଏକ ଭିନ୍ନ ଧରଣର ପ୍ରସଙ୍ଗକୁ ନେଇ କେରଳର କମ୍ୟୁନିଷ୍ଟ ସରକାର ବିବାଦରେ ଆସିଛନ୍ତି । କେରଳ ସରକାର ଏବେ ଭାରତୀୟ ପ୍ରଶାସନିକ ସେବାର ଜଣେ ମହିଳା ଅଧିକାରୀ କେ. ବାସୁକୀଙ୍କୁ ବୈଦେଶିକ ସଚିବ ଭାବେ ନିଯୁକ୍ତି ଦେଇଥିଲେ । କେରଳର ବିଜୟନ ସରକାର ବୋଧ ହୁଏ ମନେ କରୁଥିଲେ ଯେ କେରଳ ଏବେ ଦେଶ ହୋଇ ସାରିଛି । ତେଣୁ ସେ ସିଧା ସିଧା ବୈଦେଶିକ ସଚିବ ପଦରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି କରି ଦେଲେ ।

ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ କୌଣସି ରାଜ୍ୟ କଣ ବୈଦେଶିକ ସଚିବ ପଦରେ କାହାକୁ ନିଯୁକ୍ତି ଦେଇ ପାରିବ ? ସମ୍ବିଧାନରେ କଣ ଏ ବାବଦରେ ବ୍ୟବସ୍ଥା ରହିଛି ? ସରଳ ଶବ୍ଦରେ ଯଦି ବୁଝିବା ତେବେ ସମ୍ବିଧାନର ସପ୍ତମ ଅନୁଚ୍ଛେଦରେ ବିଭିନ୍ନ ବିଷୟକୁ ତିନୋଟି ତାଲିକା (ଲିଷ୍ଟ)ରେ ବିଭାଜିତ କରାଯାଇଛି । ଗୋଟିଏ ହେଲା ୟୁନିୟନ ଲିଷ୍ଟ, ଗୋଟିଏ ହେଲା ଷ୍ଟେଟ ଲିଷ୍ଟ ଓ ଆଉ ଗୋଟିଏ ହେଲା କନକରେଂଟ ଲିଷ୍ଟ । ୟୁନିୟନ ଲିଷ୍ଟରେ ଥିବା ବିଷୟ ଗୁଡିକ ସମ୍ପର୍କରେ କୌଣସି ନିୟମ କେନ୍ଦ୍ର ସରକାର କରି ପାରିବେ । ସେହିପରି ଷ୍ଟେଟ ଲିଷ୍ଟରେ ଥିବା ବିଷୟ ଗୁଡିକ ସମ୍ପର୍କରେ ନିୟମ ତିଆରି କରିବାର ଅଧିକାର ରାଜ୍ୟ ସରକାର ମାନଙ୍କ ନିକଟରେ ରହିଛି । ସେହିପରି କନକରେଂଟ ଲିଷ୍ଟରେ ଥିବା ବିଷୟ ଗୁଡିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମ ତିଆରି କରି ପାରିବେ । ସମ୍ବିଧାନ ନିର୍ମାତା ମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କ୍ଷମତା କଣ ରହିଛି ତାର ସ୍ପଷ୍ଟ ବିଭାଜନ କରିଛନ୍ତି । ତେଣୁ ଏଥିରେ କୌଣସି ପ୍ରକାର ସନ୍ଦେହ ହେବାର ଅବକାଶ ନାହିଁ ।

ବୈଦେଶିକ ମାମଲା ବିଷୟଟି ୟୁନିୟନ ଲିଷ୍ଟରେ ରହିଛି । ତେଣୁ ଯଦି ସରଳ ଶବ୍ଦରେ କହିବା ତେବେ କେନ୍ଦ୍ର ସରକାର ହିଁ ଏ ସମ୍ପର୍କରେ କୌଣସି ନିଷ୍ପତି ନେଇ ପାରିବେ । କେନ୍ଦ୍ର ସରକାର ହିଁ କୌଣସି ନିୟମ ତିଆରି କରି ପାରିବେ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ କୌଣସି ନିଯୁକ୍ତି କରି ପାରିବେ । ରାଜ୍ୟ ସରକାରଙ୍କର ଏଭଳି କରିବାର କୌଣସି ଅଧିକାର ହିଁ ନାହିଁ । ତେଣୁ କେରଳର କମ୍ୟୁନିଷ୍ଟ ସରକାର ଦ୍ୱାରା ଆଇଏଏସ ଅଧିକାରୀ କେ. ବାସୁକୀଙ୍କୁ ଏଭଳି ଦାୟିତ୍ୱ ପ୍ରଦାନ କରିବାକୁ ରାଜ୍ୟ ସରକାର ସମ୍ବିଧାନ ଉଲ୍ଲଂଘନ ବୋଲି ଧରା ଯାଉଛି ।

ହେଲେ ଏଭଳି ନିଯୁକ୍ତିକୁ ସବୁଆଡୁ ବିରୋଧ ହେବାର ଥିଲା ଓ ହେଲା ମଧ୍ୟ । ସମସ୍ତେ ଏହାକୁ ବିରୋଧ କରି ଏହା ସମ୍ବିଧାନର ବ୍ୟବସ୍ଥାର ପରିପନ୍ଥୀ ବୋଲି କହିଲେ । ଶେଷରେ କେରଳର କମ୍ୟୁନିଷ୍ଟ ସରକାର ଏହା ପରେ ଏହି ପ୍ରସଙ୍ଗରେ କଥାକୁ ବଦଳାଇବାକୁ ଚେଷ୍ଟା କଲେ । ବିବାଦ ବଢିବା ଦେଖି କେରଳ ସରକାର ସ୍ପଷ୍ଟୀକରଣ ଦେଇ ଦାବି କରିଛନ୍ତି ଯେ ମହିଳା ଅଧିକାରୀ ବାସୁକୀଙ୍କୁ କେରଳର ବୈଦେଶିକ ସଚିବ ପଦରେ ନିଯୁକ୍ତି ଦିଆଯାଇ ନାହିଁ । ତାଙ୍କୁ "ଏକ୍ସଟର୍ନାଲ କୋ-ଅପରେସନ" ଅଥବା ବାହ୍ୟ ସହଯୋଗ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେ ଭାରତର ବୈଦେଶିକ ମନ୍ତ୍ରଣାଳୟ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ ।

ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ସମ୍ବିଧାନ ସମ୍ପର୍କରେ ଏହି ସାଧାରଣ କଥାକୁ କଣ କେରଳର କମ୍ୟୁନିଷ୍ଟ ସରକାର ଓ ଏହାର ମୁଖ୍ୟମନ୍ତ୍ରୀ ବିଜୟନ ବୁଝି ନାହାନ୍ତି । ବିଜୟନ ଜଣେ ପୁରୁଣା ରାଜନୀତିଜ୍ଞ । ଅନେକ ବର୍ଷ ଧରି ସେ କେରଳର ମୁଖ୍ୟମନ୍ତ୍ରୀ ରହିଛନ୍ତି । ତେଣୁ ସେ ଏହି ସାଧାରଣ ବିଷୟଟିକୁ ବୁଝି ନ ଥିବେ ବୋଲି ଭାବିବା ଆଦୌ ଠିକ ନୁହେଁ । ତା ହେଲେ ସେ ଏଭଳି କାହିଁକି କରିଥିଲେ । ସେ କଣ କେରଳକୁ ଏକ ଦେଶ ବୋଲି ଭାବିବା ଆରମ୍ଭ କରିବା ସହ ଏ ଦିଗରେ କାମ ଆରମ୍ଭ କରିଛନ୍ତି । ସେ ଜାଣିଛନ୍ତି ଯେ ସେ ଯାହା କରୁଛନ୍ତି ତାହା ଦେଶର ସମ୍ବିଧାନ ଅନୁସାରେ ସମ୍ଭବ ନୁହେଁ । ଏହା ସତ୍ତ୍ୱେ ସେ ଏଭଳି କାମ କାହିଁକି କରୁଥିଲେ ? ଏହାର କଣ କିଛି ବିଶେଷ କାରଣ ରହିଛି ?

ତେବେ ବିରୋଧୀ ଦଳ ବିଜେପି ପକ୍ଷରୁ ଏହାକୁ ନେଇ ଯେଉଁ ଅଭିଯୋଗ କରାଯାଉଛି ସେଥିରେ କଣ କିଛି ସତ୍ୟତା ରହିଛି ? ବିଜେପି ପକ୍ଷରୁ କୁହା ଯାଇଛି ଯେ କେରଳର କମ୍ୟୁନିଷ୍ଟ ସରକାରର ମୁଖ୍ୟ ଅର୍ଥାତ ମୁଖ୍ୟମନ୍ତ୍ରୀ ପିନାୟରୀ ବିଜୟନ ଓ ଅନ୍ୟ ନେତା ମାନଙ୍କ ଉପରେ ବିଦେଶରୁ ସ୍ୱର୍ଣ୍ଣ ସ୍ମଗଲିଂ କରିବା ଓ ବିଦେଶରୁ ଧନ ଏକତ୍ରିତ କରିବା ଭଳି ଅଭିଯୋଗ ମାନ ରହିଛି । କମ୍ୟୁନିଷ୍ଟ ସରକାରରେ ଥିବା ଲୋକ ମାନେ କଣ ତାଙ୍କର ଏଭଳି ବେଆଇନ କାର୍ଯ୍ୟକୁ ସହଜରେ କରିବା ଉଦ୍ଦେଶ୍ୟରେ କଣ ଏଭଳି ପଦକ୍ଷେପ ନେଇଛନ୍ତି ? ଏଭଳି କିଛି ପ୍ରଶ୍ନ ବର୍ତମାନ ସାମନାକୁ ଆସୁଛି ।

ଏବେ ଦେଖିବା ଯେ କେରଳର କମ୍ୟୁନିଷ୍ଟ ସରକାରରେ ଥିବା ଲୋକ ମାନଙ୍କ ବିରୁଦ୍ଧରେ କଣ କଣ ଅଭିଯୋଗ ମାନ ରହିଛି ଓ କେଉଁ କେଉଁ ମାମଲାରେ ସେମାନେ ଜାଂଚର ସମ୍ମୁଖୀନ ହେଉଛନ୍ତି । କେରଳର ମୁଖ୍ୟମନ୍ତ୍ରୀଙ୍କ ଉପରେ ୟୁଏଇ କନସୁଲଲେଟ ଜରିଆରେ ସୁନା ସ୍ମଗଲିଂ ଓ ବିଦେଶରୁ ଧନ ଏକତ୍ରିତ କରିବା ଭଳି ଗୁରୁତର ଅଭିଯୋଗ ରହିଛି । କେରଳର ମୁଖ୍ୟମନ୍ତ୍ରୀନା, ତାଙ୍କ ମନ୍ତ୍ରିଚ ମଂଡଳର ସହଯୋଗୀମାନଙ୍କ ବ୍ୟତୀତ ବାଚସ୍ପତିଙ୍କ ଉପରେ ପ୍ରଟୋକଲ ଉଲ୍ଲଂଘନ କରାଯାଇଥିବା ନେଇ ଅଭିଯୋଗ ରହିଛି ଓ ବିଭିନ୍ନ ଏଜେନ୍ସି ମାନଙ୍କ ଦ୍ୱାରା ଜାଂଚ ଜାରୀ ରହିଛି । କେବଳ ସେତିକି ନୁହେଁ ପୂର୍ବବର୍ତ୍ତୀ ପିନାୟରୀ ବିଜୟନଙ୍କ ସରକାରରେ ପୂର୍ବତନ ଅର୍ଥ ମନ୍ତ୍ରୀ ଥମାସ ଆଇଜାକଙ୍କ କାର୍ଯ୍ୟକଳାପର ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଜାଂଚ କରାଯାଉଛି । ତାଙ୍କ ଉପରେ ଏଫସିଆରଏ ଅଧିନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି । ସେହିପରି ଡଲାର ଓ ଅନ୍ୟ କରେନ୍ସି ସ୍ମଗଲିଂ ମାମଲାରେ ମଧ୍ୟ ଜାଂଚ କରାଯାଉଛି ।

ତା ହେଲେ କଣ କେରଳର କମ୍ୟୁନିଷ୍ଟ ସରକାରର ମୁଖ୍ୟ ପିନାୟରୀ ବିଜୟନ ଓ ତାଙ୍କ ଅନ୍ୟ ସହଯୋଗୀ ମାନଙ୍କ ଉପସାଗରୀୟ ଦେଶ ମାନଙ୍କ ସହ ହୋଇଥିବା ବିତ୍ତୀୟ ଦେଣ ନେଣକୁ ସୁରକ୍ଷା ପ୍ରଦାନ କରିବା ପାଇଁ କଣ କେରଳ ସରକାର ସମ୍ବିଧାନର ଭାବନାକୁ ଉଲ୍ଲଂଘନ କରି ବୈଦେଶିକ ସଚିବ ଓ ପରେ ବିବାଦ ବଢିବା କାରଣରୁ ଏକ୍ସଟର୍ନାଲ କୋ-ଅପରେସନ" ପଦରେ ଅଧିକାରୀଙ୍କୁ ନିଯୁକ୍ତି ଦେଇଥିଲେ । କେରଳ ସରକାରଙ୍କ ବିରୁଦ୍ଧରେ ଆସିଥିବା ଏହି ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହାର ପୁଙ୍ଖାନୁପୁଙ୍ଖ ଜାଂଚ କରାଯିବା ହେଉଛି ସମୟର ଆବଶ୍ୟକତା ।

## ବଜେଟ୍ କେତେ ଦୂର ଯଥେଷ୍ଟ



### ଡକ୍ଟର ଲକ୍ଷ୍ମଣ ସାହୁ

ଗୋଟିଏ ସମୟରେ ଯେତେବେଳେ ବିଶ୍ୱବ୍ୟାପୀ ଅର୍ଥନୀତିରେ ଅନେକ ଅଶାନ୍ତି ଏବଂ ଚିନ୍ତାଜନକ ପରିସ୍ଥିତି ଦେଖାଦେଇଛି, ମଙ୍ଗଳବାର ଉପସ୍ଥାପିତ ବଜେଟ୍ ଏକ ଉପାୟରେ ନିଶ୍ଚିତ କରିଛି ଯେ ସମସ୍ତଙ୍କ ଯତ୍ନ ନିଆଯାଉଛି । ବଜେଟର କିଛି ଗୁରୁତ୍ୱପୂର୍ଣ୍ଣ ବିନ୍ଦୁକୁ ଦେଖିଲେ ଏହା ସ୍ପଷ୍ଟ ମନେହୁଏ ଯେ ତୃତୀୟ ଥର କ୍ଷମତାକୁ ଆସିବା ପରେ ବୋଧହୁଏ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାରଙ୍କ ପ୍ରାଥମିକତା ମଧ୍ୟରେ କିଛି ପରିବର୍ତ୍ତନ ଆସିଛି । ଅର୍ଥମନ୍ତ୍ରୀ ଭାବରେ ନିର୍ମଳା ସୀତାରମଣ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଶିକ୍ଷା ଏବଂ ରୋଜଗାର ପାଇଁ ବଜେଟରେ ୧.୪୮ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ତାହା ହେଉଛି, ସରକାର କିଛି ସମୟ ଧରି ଦେଶର ରାଜନୀତିରେ ନିର୍ବାଚନ ପ୍ରସଙ୍ଗ ପାଲଟିଥିବା, କିନ୍ତୁ କିଛି ଉପାୟରେ ଅବହେଳିତ ହୋଇଥିବା ପ୍ରଶ୍ନର ଯତ୍ନ ନେଉଥିବା ପରି ମନେହୁଏ । ଦେଶରେ ବେକାରୀ ସମସ୍ୟାକୁ ମୁକାବିଲା କରିବା ପାଇଁ ତିନୋଟି ନୂତନ ଯୋଜନା ଘୋଷଣା କରାଯାଇଛି । ଯେଉଁଥିରେ ଆସନ୍ତା ପାଞ୍ଚ ବର୍ଷ ପାଇଁ ୨,୦୦୦, କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ଯେଉଁମାନେ ପ୍ରଥମ ଥର ପାଇଁ ଆନୁଷ୍ଠାନିକ କ୍ଷେତ୍ରରେ ଚାକିରି ପାଇବେ, ସରକାର ସେମାନଙ୍କ ପ୍ରଥମ ମାସର ବେତନ ଉପରେ ଅନୁଦାନ ହିସାବରେ ପନ୍ଦର ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ରାଶି ପ୍ରଦାନ କରିବେ ।

ଏହା ବ୍ୟତୀତ କୁହାଯାଇଛି ଯେ ଏକ କୋଟି ଯୁବକଙ୍କୁ ପାଞ୍ଚ ବର୍ଷ ମଧ୍ୟରେ ଶ୍ରେଷ୍ଠ ପାଞ୍ଚ ଶହ କମ୍ପାନୀରେ ଶିକ୍ଷାଦାନ କିମ୍ବା ଇଣ୍ଟର୍ନସିପ୍ କରିବାର ସୁଯୋଗ ଦିଆଯିବ । ଯେଉଁଥିରେ ଯୁବକମାନଙ୍କୁ ମାସିକ ୫୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ । ଦୀର୍ଘ ସମୟ ପରେ ଲାଗୁଛି ଯେ ବେକାରୀ ସମସ୍ୟାର ଗମ୍ଭୀରତାକୁ ଗ୍ରହଣ କରିବାକୁ ଚେଷ୍ଟା କରାଯାଇଛି । ସାଧାରଣତଃ ବଜେଟରେ ମଧ୍ୟବିତ୍ତଙ୍କ ପାଇଁ କୌଣସି ଆରାମ ଦାୟକ ସୁବିଧା ମିଳୁଛି କି ନାହିଁ ସମସ୍ତେ ନଜର ରଖିଛନ୍ତି । ଏହି ଦୃଷ୍ଟିକୋଣରୁ, ସରକାରଙ୍କ ଦ୍ୱାରା ନୂତନ ଟିକସ ବ୍ୟବସ୍ଥାର ହାରରେ ହୋଇଥିବା ପରିବର୍ତ୍ତନ ହେତୁ ଲୋକମାନେ ସାଢେସାତ ହଜାର ଟଙ୍କା ସଞ୍ଚୟ କରିପାରିବେ । ବର୍ତ୍ତମାନ ସେମାନଙ୍କୁ ଆୟ ପର୍ଯ୍ୟନ୍ତ କୌଣସି ଆୟକର ଦେବାକୁ ପଡିବ ନାହିଁ । ତିନି ଲକ୍ଷ ଟଙ୍କା ପରୋକ୍ଷ ଟିକସ ହାରରେ ପରିବର୍ତ୍ତନ ପରେ କିଛି କର୍କଟ ଔଷଧ, ମୋବାଇଲ୍ ଫୋନ୍, ସୁନା ଓ ରୂପା ମୂଲ୍ୟରେ ହ୍ରାସ ହେବାର ସମ୍ଭାବନା ରହିଛି । କିନ୍ତୁ ସାଧାରଣ ଜନତା ଯେଉଁ ମୁଦ୍ରାସ୍ଫୀତି ସହ ସଂଗ୍ରାମ କରୁଛନ୍ତି ସେଥିରୁ କେତେ ଆରାମ ମିଳିବ ସେ ସମ୍ପର୍କରେ କୌଣସି ସ୍ପଷ୍ଟତା ନାହିଁ । ତେବେ କୃଷି ଓ ଗ୍ରାମାଞ୍ଚଳର ବିକାଶ ପ୍ରତି ବିଶେଷ ଧ୍ୟାନ ଦେବା ବ୍ୟତୀତ ମଧ୍ୟବିତ୍ତମାନେ ପ୍ରଧାନ ମନ୍ତ୍ର ଶାହାରୀ ଆୱାସ ଯୋଜନା ଅଧୀନରେ ପ୍ରସ୍ତୁତ ନୂତନ ବ୍ୟବସ୍ଥା ଦ୍ୱାରା ଉପକୃତ ହୋଇପାରିବେ ।

ସେହିଭଳି, ନୂତନ ଟିକସ ଢାଞ୍ଚା ଟଙ୍କା ସଞ୍ଚୟ କରିବା ପରିବର୍ତ୍ତେ ଲୋକଙ୍କୁ ଖର୍ଚ୍ଚ ଆଡକୁ ଟାଣିବା ପାଇଁ ଉଦ୍ଦିଷ୍ଟ ମନେହୁଏ । ସ୍ୱଳ୍ପ ମିଆଦି ପୁଞ୍ଜି ଲାଭ ଓ ଦୀର୍ଘ ମିଆଦି ପୁଞ୍ଜି ଲାଭ ନିୟମର ପରିବର୍ତ୍ତନଗୁଡ଼ିକର ପ୍ରଭାବ ସାମ୍ନାକୁ ଆସିଲା ଯେ ବଜେଟ୍ ଭାଷଣ ସମୟରେ ଷ୍ଟକ୍ ମାର୍କେଟଗୁଡିକ ହ୍ରାସ ପାଇଲା । ଗୋଟିଏ ଆଶା ଥିଲା ଯେ ରେଳ ଯାତ୍ରାର ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ନେଇ କିଛି ସମୟ ପାଇଁ ଉଠାଯାଇଥିବା ବୃହତ ପରିମାଣର ପ୍ରଶ୍ନକୁ ଦୃଷ୍ଟିରେ ରଖି ସରକାର ବଜେଟରେ ଏହା ପ୍ରତି ଧ୍ୟାନ ଦେଇପାରନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ରେଳ କ୍ଷେତ୍ର ପାଇଁ କୌଣସି ବଡ଼ ଘୋଷଣା କରାଯାଇ ନାହିଁ । ଏହି ବଜେଟରେ ବିଶେଷ ଭାବରେ ବିହାର ଏବଂ ଆନ୍ଧ୍ରପ୍ରଦେଶ ପାଇଁ ପୃଥକ ପୃଥକ ଘୋଷଣା କିପରି ହୋଇଛି ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ବିଶେଷକରି ବିହାର ପାଇଁ ବିପୁଳ ପରିମାଣର କୋଡ଼ିଏ କୋଟି ଟଙ୍କା ଘୋଷଣା କରାଯାଇଥିଲା । ବର୍ତ୍ତମାନର ସରକାର ଗଠନରେ ଜେଡି (ୟୁ) ଓ ତେଲୁଗୁ ଦେଶାମ କେଉଁ ଭୂମିକା ଗ୍ରହଣ କରିଛନ୍ତି ତାହା ସମସ୍ତଙ୍କୁ ଜଣା । ଏହି କାରଣରୁ ବିରୋଧୀ ଏହାକୁ 'ସରକାର ବଞ୍ଚାନ୍ତୁ' ବୋଲି କହିଛନ୍ତି । ତଥାପି ଯଦି ସରକାର ଏହାକୁ ଆଶାର ବଜେଟ୍ ବୋଲି କହୁଛନ୍ତି, ତେବେ ଭବିଷ୍ୟତରେ ଏହି ଆଶ୍ୱାସନାଗୁଡ଼ିକ ପରୀକ୍ଷାରେ ରହିବ ।

ଅନ୍ୟ ପକ୍ଷରେ କୁହାଯାଇପାରେ ବଜେଟର ଗୋଟିଏ ଦିନ ପୂର୍ବରୁ ପ୍ରକାଶିତ ଅର୍ଥନୈତିକ ସର୍ଭେ କିମ୍ବା ସରକାରଙ୍କ ମୁଦ୍ରା ନୀତି ମଧ୍ୟରେ ସିଧାସଳଖ ସମ୍ପର୍କ ଖୋଜିବା ନିରାଶ ହେବାର ସମ୍ଭାବନା ରହିଛି । ତେବେ ଏହି ସର୍ଭେ ସରକାରଙ୍କ ଆର୍ଥିକ ଦୃଷ୍ଟିକୋଣ ଉପରେ ଏକ ବଡ଼ ଛାୟା ସୃଷ୍ଟି କରିଛି । ଚଳିତ ବର୍ଷର ସର୍ବେକ୍ଷଣରୁ ଜଣାପଡିଛି ଯେ ମଧ୍ୟମ ଆଶା ମଧ୍ୟରେ ଭାରତୀୟ ଅର୍ଥନୀତିର ଭବିଷ୍ୟତକୁ ନେଇ ସରକାର ଉଭୟ ଆଶାବାଦୀ ଓ ଚିନ୍ତିତ । ଆଶାବାଦୀତାର କାରଣ - ଭାରତର ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାର, ଦେଶର ଯୁବ ଜନସଂଖ୍ୟା ଓ ବିଶ୍ୱ ବଜାରରେ ଚାଇନାର ରପ୍ତାନି ଏକଚାଟିଆ ବିରୋଧରେ ଆନ୍ତର୍ଜାତୀୟ ଅସ୍ଥିରତା ।

ଚିନ୍ତାର କାରଣ ହେଉଛି ପର୍ଯ୍ୟାପ୍ତ ଉତ୍ପାଦକତାର ଅଭାବ, ଶିଳ୍ପରେ ପର୍ଯ୍ୟାପ୍ତ କୌଶଳର ଅଭାବ । ଆନ୍ତର୍ଜାତୀୟ ବଜାରରେ ଅସ୍ଥିରତାର ପ୍ରତିକୂଳ ପ୍ରଭାବର ଭୟ ଓ ଅବଶ୍ୟ ଦେଶର ଘରୋଇ ଆର୍ଥିକ ଅସମାନତା । କିଛି ଦିନ ପୂର୍ବେ ନୀତି ଆୟୋଗ ଆର୍ଥିକ ଅସମାନତାର ବିପଦ ବିଷୟରେ ଉଲ୍ଲେଖ କରିଥିଲା । ଏଥର ଅର୍ଥନୈତିକ ସର୍ଭେ ମଧ୍ୟ ସେହି ଅସମାନତାକୁ ହ୍ରାସ କରିବାକୁ ଆହ୍ୱାନ ଦେଇଛି । ପୂର୍ବାନୁମାନ ଅନୁଯାୟୀ, ଭାରତରେ ଆର୍ଥିକ ଅସମାନତା ଯେଉଁ ସ୍ତରରେ ପହଞ୍ଚିଛି ଓ ଗତ ଦୁଇ ବର୍ଷ ମଧ୍ୟରେ ଏହା କେତେ ପରିମାଣରେ ବିବାଦ ସୃଷ୍ଟି କରିଛି, ତାହା ମଧ୍ୟ କେନ୍ଦ୍ର ସରକାରଙ୍କୁ ଅସ୍ୱୀକାର କରିବା କଷ୍ଟକର ହୋଇପଡିଛି ।

କାରଣ ଯାହା ହେଉନା କାହିଁକି, ଯଦି ଆର୍ଥିକ ଅସମାନତା ହ୍ରାସକୁ ଏକ ଲକ୍ଷ୍ୟ ଭାବରେ ଗ୍ରହଣ କରାଯାଏ ଓ ବାକି ନୀତିଗୁଡିକ ସେହି ଦିଗରେ ପ୍ରସ୍ତୁତ ହୁଏ, ତେବେ ଅର୍ଥନୀତିର ଅନ୍ୟାନ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ । ଆର୍ଥିକ ଅସମାନତା ହ୍ରାସ କରିବାକୁ ଶ୍ରମ ବଜାର ମାଧ୍ୟମରେ କରିବାକୁ ପଡିବ । କାରଣ ଭାରତର ଅଧିକାଂଶ ଲୋକଙ୍କ ପାଇଁ ଏକମାତ୍ର ଆୟର ଉତ୍ସ ହେଉଛି ଶ୍ରମ ବିକ୍ର, ଭଡା ସଂଗ୍ରହ କରିବାକୁ ସେମାନଙ୍କର ବିନିଯୋଗଯୋଗ୍ୟ ପୁଞ୍ଜି କିମ୍ବା ଜମି ନାହିଁ ।

ଏହି ଆର୍ଥିକ ଅଧ୍ୟୟନରେ ଦକ୍ଷତା ବୃଦ୍ଧି ସହିତ କୃଷିରୁ ଶିଳ୍ପକୁ ନିଯୁକ୍ତିକୁ ସ୍ଥାନାନ୍ତର କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଅଧ୍ୟୟନରେ ଏହା ମଧ୍ୟ ଦର୍ଶାଯାଇଛି ଯେ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗରେ ଲାଲ୍ ଟେପ୍ ରେ ଥିବା ଖାଲ ଯୋଗୁଁ ଏହି କ୍ଷେତ୍ର ଏହାର ପୂର୍ଣ୍ଣ ସମ୍ଭାବନାକୁ ଟ୍ୟାପ୍ କରିବାରେ ସକ୍ଷମ ନୁହେଁ । ଏହି ସର୍ଭେରେ ଭାରତର କାର୍ଯ୍ୟରତ ଜନସଂଖ୍ୟାର ସ୍ୱାସ୍ଥ୍ୟ ଉପରେ ମଧ୍ୟ ଦୃଷ୍ଟି ଦିଆଯିବ । ତାହା ହେଉଛି, ଅସମାନତା ପ୍ରସଙ୍ଗ ସର୍ବସାଧାରଣ ଆଟ୍ରିଅମ୍ରେ ସ୍ୱର ଉଠାଇଛି ।

ଏ ସ୍ୱର ବିଳମ୍ବିତ ହୋଇଥିଲେ ମଧ୍ୟ ଉଲ୍ଲେଖନୀୟ କଥା ହେଉଛି, ଏହି ଆର୍ଥିକ ସର୍ବେକ୍ଷଣରେ ସରକାରଙ୍କ ଅର୍ଥନୈତିକ ଦର୍ଶନ ହେଉଛି ବଜାର ବ୍ୟବସ୍ଥା ମାଧ୍ୟମରେ ଅନ୍ତତଃ ପକ୍ଷେ ଅସମାନତାକୁ ଦୂର କରିବା । ଭାରତରେ ନିର୍ବାଚନ ରତୁ ଦର୍ଶାଇଛି ଯେ ପ୍ରତ୍ୟକ୍ଷ ନଗଦ ସ୍ଥାନାନ୍ତର ନୀତି ଅଧିକ ସମୟ ଧରି ଚାଲିବ । ଆର୍ଥିକ ଅସମାନତାକୁ ଦୂର କରିବା ପାଇଁ ସେହି ହସ୍ତାନ୍ତର ପଥରେ ଚାଲିବା ବିଷୟରେ ଆର୍ଥିକ ସର୍ବେକ୍ଷଣର କଥା କହିନାହିଁ । ବଜାର-ମାର୍ଗ ସମାଧାନ ଖୋଜିବାରେ ଯଥେଷ୍ଟ ସମସ୍ୟା ଅଛି । ଉଦାହରଣ ସ୍ୱରୂପ, ଭାରତର ଉତ୍ପାଦନ କ୍ଷେତ୍ରର ସ୍ଥିତି ଆନ୍ତର୍ଜାତୀୟ ପରିସ୍ଥିତି ଉପରେ ନିର୍ଭର କରିବ । ତେବେ ଚୀନ୍‌ର ଅତ୍ୟଧିକ ନିର୍ଭରଶୀଳତାକୁ ନେଇ ଚିନ୍ତା ଭାରତ ପାଇଁ କିଛି ଲାଭ ଦେଇଛି । ଉଦାହରଣ ସ୍ୱରୂପ, ଇଲେକ୍ଟ୍ରୋନିକ୍ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇଛି ।

ନୂତନ ଭାବରେ ପ୍ରକାଶିତ ଆର୍ଥିକ ସର୍ବେକ୍ଷଣର ଦୃଷ୍ଟିକୋଣ ପ୍ରତି ସହାନୁଭୂତିଶୀଳ ଥିବାବେଳେ ଗୋଟିଏ ପ୍ରଶ୍ନ ପଚାରିବା ଆବଶ୍ୟକ । ମଧ୍ୟମ ଅବଧିରେ ଆର୍ଥିକ ଅସମାନତାକୁ ଦୂର କରିବା ପାଇଁ ସର୍ଭେରୁ ଜଣାପଡିଛି ଯେ ବଜାର ରାସ୍ତା ଯଥେଷ୍ଟ କି ? ସର୍ବେକ୍ଷଣରେ କେତେକ ଗଠନମୂଳକ ସମସ୍ୟା ଉଲ୍ଲେଖ କରାଯାଇ ନାହିଁ । ଉଦାହରଣ ସ୍ୱରୂପ, ଦେଶର ସର୍ବନିମ୍ନ ମଜୁରୀ ହାର ଅତ୍ୟଧିକ କମ୍ , ନୂତନ ଶ୍ରମ ନିୟମ ମଧ୍ୟ କେତେକ କ୍ଷେତ୍ରରେ ଶ୍ରମିକଙ୍କ ସ୍ୱାର୍ଥ ବିରୁଦ୍ଧ ଅଟେ । ଏହିପରି ସଂଗଠିତ କ୍ଷେତ୍ର ମଧ୍ୟରେ ଏକ 'ଅସଂଗଠିତ' କ୍ଷେତ୍ର ବୃଦ୍ଧି ପାଇବାରେ ଲାଗିଛି । ଉଦାହରଣ ସ୍ୱରୂପ, ବୃତ୍ତିଗତ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ଯଥେଷ୍ଟ ନୁହେଁ । ବିଦ୍ୟାଳୟ ଶିକ୍ଷା ପ୍ରତି ଧ୍ୟାନ ଦେବା ଉଚିତ୍ । ଏହାକୁ ନୂତନ ଯୁଗ ପାଇଁ ଫିଟ୍ କରିବା । ଉଦାହରଣ ସ୍ୱରୂପ, ସଂଗଠିତ ଶ୍ରମ ବଜାରକୁ ପ୍ରବେଶ କରିବାକୁ ସମସ୍ତେ ସଜ୍ଜିତ ହେବା ପାଇଁ ଯତ୍ନବାନ ହେବା ଉଚିତ୍ । ଆର୍ଥିକ ସର୍ବେକ୍ଷଣରେ ଶୁଭେଚ୍ଛାର ପ୍ରଭାବ ରହିଛି - ଏହାର କାର୍ଯ୍ୟକାରିତା ପ୍ରକ୍ରିୟା ଯେପରି ଥିଲା, ତାହା ସ୍ୱାଗତ ଯୋଗ୍ୟ, ଶୁଭେଚ୍ଛାର ଧାରକ ମଧ୍ୟ ସମାନ ଥିଲା..!!!


ତାରା ନିଳୟ , ପ୍ଲଟ: ୮୫୪/ଏ
ଚାଚେରା ଶବରସାହି, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
ମୋ: ୯୦୪୦ ୧୫୧୪୭୫


## କବିତା କୋଣାର୍କ

### ଶ୍ରାବଣୀ
### ଅବନ୍ତି ପଣ୍ଡା

ବରଷା ରାଣୀର ଗେଲ୍‌ହୀ ଦୁଲଣୀ
ଅତି ସୁକୁମାରୀ ନାଁ ଶ୍ରାବଣୀ
ଆଜି ତାର ଶୁଭ ବିବାହ ତିଥି
ଆକାଶଟା ସାଜସଜ୍ଜାରେ ଭର୍ତ୍ତି
ମେଘ ରାଇଜର ରାଜ କୁମାର
ପାଲିଙ୍କି ରେ ଆସେ ସାଜି କି ବର
ବାଦଲ ସାଜିଲେ ବର ଯାତିରି
ବାଇଦ ବଜାଉଛି ଘଡଘଡି
ବେଙ୍ଗୁଲି ନାନୀର ହୁଳହୁଳି କି
ସାଧବ ବୋହୂର ଥିରି ଚାଲିଟି
ଶୁଭେ ଶୁଭ ପରିଣୟ ସରିଲା
ବିଦାୟ ବେଳାଟି ଏବେ ଆସିଲା
ମାଆଠୁ ଶ୍ରାବଣୀ ନିଏ ମେଲାଣି
ବିକଳେ କାନ୍ଦଇ ବରଷା ରାଣୀ
ମାଆ କୋଳ ଛାଡି ନିଏ ବିଦାୟ
ଆଖିରୁ ଝରଇ ଅସରା ଲୁହ
ଅମାନିଆ ଆଖି ଲୁହର ପାଣି
ଭିଜାଇ ଦିଏଟି ସାରା ଧରଣୀ
ସେଇ ଲୁହ ବହି ଆସେ ମହୀରେ
ଧାରା ଶ୍ରାବଣ ସେ ଲୋକ ମୁଖରେ


ଜଗତସିଂହପୁର
ମୋ: ୯୮୬୧୬୨୮୭୯୨


### ରୁମ୍
### ସ୍ୱାଗତ ମିଶ୍ର

ସେ ଅପେକ୍ଷା କରି ବସିଥିଲା
ମୁଁ ତାକୁ କେବେ ନିମନ୍ତ୍ରଣ ଦେବି
ଆସିବାକୁ ମୋ ରୁମ୍‌କୁ,
ଦିନେ ମେଘୁଆ ପାଗ ସନ୍ଧ୍ୟାରେ
କାହିଁକି କେଜାଣି ଇଛା ହେଲା
ତାକୁ ଫୋନ କରି ଡାକିଲି
ହେ, ରୁମ୍‌କୁ ଆସିବୁ ।
ସେଦିନ ସେ ରୁମ୍‌କୁ ଆସିଥିଲା
ସମସ୍ତଙ୍କ ଅଜାଣତେ,
କିନ୍ତୁ ସେ ବାହାରି ଯିବା ଆଗରୁ
ଆମ ନାଁରେ ଗୁଜବ ପ୍ରଚାର
ହୋଇ ସାରିଥିଲା ସାରା ଜଗତେ ।
ସେ ଆସିଥିଲା ସାଙ୍ଗ ହେବା ପାଇଁ
ମୋ ନିଃସଙ୍ଗ ଜୀବନରେ,
ନିଜ ସାଥେ ଆଣିଥିଲା
କେତେ ସବୁ କଥା
ଭରିଦେବାକୁ ମୋ ନିରବତାରେ,
ସେ କ'ଣ ଜାଣିଥିଲା
ଏମିତି ହେବ ବୋଲି
କଳଙ୍କର କାଳିମା
ଲାଗିଯିବ ତା' ଚରିତ୍ରରେ,
ଗୋଟେ ନୂଆ ସଂପର୍କ
ଗଢ଼ାହେବା ପୂର୍ବରୁ
ଅଧାହୋଇ ରହିଯିବ
ସଂଜ୍ଞାହୀନ ଅବସ୍ଥାରେ ।
ମୁଁ ଏବେ ବି ଶୁଣିବାକୁ ପାଉଛି
ଆମକୁ ନେଇ ସବୁଠାରେ
ଚର୍ଚ୍ଚା ହେଉଛି,
କେହି ଜଣେ ମତେ
ମୋ ରୁମ୍‌ରେ ନଦେଖି
ତାକୁ ଯାଇ ମୋ ଠିକଣା
ପଚାରି ବୁଝୁଛି,
ମୁଁ କିଛି ଜାଣି ପାରୁନି
ମୋ ସହ କାହିଁକି ଏମିତି ହେଉଛି,
ଆରେ ଭାଇ ଏଠି ସବୁ କ'ଣ ଚାଲିଛି ?
ସମସ୍ତଙ୍କୁ ମୁଁ କେମିତି ବୁଝେଇବି
ବନ୍ଦ ରୁମ୍ ଭିତରେ ସେମିତି
ହୋଇନି କିଛି
ଯାହା ଆମକୁ ନେଇ
ଏ ଦୁନିଆ ଭାବୁଛି ।


+ପଦ୍ମାଦେଇପୁର, ନୟାଗଡ଼


### ତୁମପାଇଁ
### ରମାକାନ୍ତ ଦାସ

ତୁମପାଇଁ ସାଇତି ରଖିଛି
ମୋ ପ୍ରେମ ସବୁକୁ
ଢଳ ଢଳ ସ୍ମୃତିଭରା ନୟନରେ
ତୁମ ଭାବନାରେ ବିଭୋର ହୋଇ
ମୁଁ ତୁମକୁ ଅନୁଭବ କରେ
ମୋ ପ୍ରତି ସ୍ପନ୍ଦନରେ ।

ତୁମପାଇଁ ମୁଁ ନିରବରେ ଭିଜେ
ତୁମ ପ୍ରେମର ପହିଲି ବର୍ଷାରେ
ତୁମର ସେ ମୃଦୁହସ, ମୃଦୁଭାଷ
ମୋପ୍ରତି ଥିବା ଭଲପାଇବାକୁ
ମୁଁ ନିତି ଖୋଜେ ମୋ ମନର
ପଥଧାରେ ।

ତୁମପାଇଁ ମୁଁ ହସେ
ତୁମପାଇଁ ମୁଁ କାନ୍ଦେ
ତୁମପାଇଁ ମୁଁ ଗଢିହୁଏ
ତୁମପାଇଁ ମୁଁ ଭାଙ୍ଗେ
ତୁମପାଇଁ ମୋ ଅଗଣିତ
ସ୍ୱପ୍ନସବୁ ମୁଁ ନିତି ସଜାଏ
ପାଗଳ ଚତାକଟିଏ ପରି
ମୁଁ ନିତି ତୁମପାଇଁ
ଅପେକ୍ଷା କରିଥାଏ ।


ନନ୍ଦିଗ୍ରାମ, ନାଉଗାଁ ଜଗତସିଂହପୁର
ମୋ - ୯୬୬୮୮୧୫୩୬୯








ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୨୭



ଡ.ସିନ୍ଧୁ ସେନ୍

ଓଃ ଏଇ କଥା । ବ୍ୟସ୍ତ ହୁଅନି ମାମୁଁ । ପରେ ପୁଣି ସେଟା ମଧ ତାଙ୍କ ଠାରୁ ମାଗିନେବା । ଲକ୍ଷ୍ୟକଲି ମୋ କଥା ଶୁଣି ବିଭୀଷଣ ଉତ୍‌କ୍ଷିପ୍ତ ହୋଇ ଉଠିଲେ । କହିଲେ ଭାଇ, କ'ଣ କହିଲ.... କ'ଣ କହିଲ... ପୁଷ୍ପକ ରଥଟି ପରେ ମାଗିନେବ। ତୁମର ଚିନ୍ତାଧାରା ତେବେ ଏତେ ଛୋଟ । ଏତେବଡ଼ ଲଙ୍କାରାଜ୍ୟ ଦାନସ୍ୱରୂପ ପାଇଲ।

ସେତିକିରେ ସନ୍ତୁଷ୍ଟ ହୋଇପାରୁନ । ଆହୁରି ପୁଣି ପୁଷ୍ପକ ରଥ ଉପରେ ତୁମର ଲୋଭ ଅଛି ? କୁବେର ଭାଇଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ପାଖରେ ମୋ ମୁଣ୍ଡ ତ ନଇଁ ଯାଉଛି। ଜଣେ ରାଜା ହୋଇ ନିଜ ରାଜ୍ୟ, ସିଂହାସନ ଶେଷରେ ରାଜମୁକୁଟ ବି ତୁମକୁ ଦାନ କରିଦେଲେ । ଆଉ ତାଙ୍କ ପାଖରେ କ'ଣ ରହିଲା ଯେ ? ତୁମେ ଆହୁରି ପାଇବାର ଆଶା କରୁଛ ? ତାଛଡ଼ା ତୁମେ କ'ଣ ଜାଣିନ ଦାନ ବାରବାର ମାଗିବାର ନିୟମ ନାହିଁ । ଦାତା ଯେତେ ଦାନ ଦିଅନ୍ତୁ ନା କାହିଁକି ଗ୍ରହୀତା ଥରୁଟିଏ ମାତ୍ର ଦାନ ମାଗିନେଇପାରେ । ଦ୍ୱିତୀୟବାର ଦାନ ମାଗିବା ଅଧର୍ମ । ମୁଁ ବିଭୀଷଣଙ୍କୁ ଜାଣେ ପ୍ରଥମରୁ ହିଁ ସେ ଧର୍ମପଥରେ ଆଶ୍ରିତ । ତାଛଡ଼ା ବ୍ରହ୍ମଦେବଙ୍କ ଠାରୁ ସେ ଧର୍ମରକ୍ଷାର ବରପ୍ରାପ୍ତ ହୋଇଛି । ତେଣୁ ଦୁନିଆ ପଛେ ପ୍ରଳୟ ହୋଇଯାଉ ଧର୍ମପଥରୁ ବିଭୀଷଣଙ୍କୁ କେହି ବି ବିଚ୍ୟୁତ କରିପାରିବେ ନାହିଁ । ମୁଁ ତେଣୁ ବାଧ ହୋଇ ବିଭୀଷଣଙ୍କ କଥା ଉପରେ କିଛି କହିବାକୁ ଉଚିତ ମନେ କଲିନି । ବରଂ ବର୍ତ୍ତମାନ ପରିସ୍ଥିତିରେ ନିରବ ରହିବା ଶ୍ରେୟ ମଣିଲି ।

ସେଦିନ ଆମ ଆଲୋଚନା ସେତିକିରେ ରହିଲା । ମାତାମହଙ୍କ ସହ ଆମେ ସମସ୍ତେ ଘରକୁ ଫେରିଲୁ । ମାଆ ଆମମାନଙ୍କୁ ଅପେକ୍ଷା କରିଥିଲେ । ମୋଟାମୋଟି ଭାବେ ମାମୁଁଙ୍କର ଲଙ୍କାଯାତ୍ରା, ଆଉ ଧନପତିଙ୍କର କରୁଣା ଆମ ମାନଙ୍କ ଉପରେ ଭରି ଦେଇଥିଲା ଅନେକ ଉତ୍କଣ୍ଠା ଓ ଉତ୍ସାହ । ଭବିଷ୍ୟତ ଦିନଗୁଡ଼ିକରେ ଏକ ମଧୁମୟ ସ୍ୱପ୍ନ ଦେଖି ସେଦିନ ରାତିରେ ମୁଁ ନିଘୋଡ଼ ନିଦରେ ଶୋଇପଡ଼ିଲି ।

(ବାର)

ଲଙ୍କା, ସପ୍ତଦ୍ୱୀପର ରାଜ୍ୟ । ଏବେବି ମୁଁ ଭଲରେ ଦେଖିନି । ସେଦିନ ଦଣ୍ଡକାରଣ୍ୟ ତପସ୍ୟାରୁ ଫେରି ଜଳପଥରେ ନଉକା ଯାତ୍ରା କରୁଥିବା ସମୟରେ ଦୂରରୁ ଯାହା ଦେଖିଥିଲି ଲଙ୍କାକୁ । ବିସ୍ତୀର୍ଣ୍ଣ ନାରିକେଳ ବୃକ୍ଷର ଶୀତଳ ଛାୟାକୁ ମନେମନେ କେବଳ କଳନା କରୁଥିଲି । ଲଙ୍କା ଯେ ଆମ ବାଲିଦ୍ୱୀପ ଠାରୁ ଯଥେଷ୍ଟ ବୃହତ୍ ଓ ସୁନ୍ଦର ହୋଇଥିବ ଏହା କେବଳ ମନେମନେ କଳ୍ପନା କରୁଥିଲି । ହେଲେ ବାସ୍ତବ କ୍ଷେତ୍ରରେ ସେଦିନର ଲଙ୍କା ମୋ ପାଇଁ ଏକ ସ୍ୱପ୍ନପୁରୀ ଥିଲା । ମୁଁ କ'ଣ କେବେ ଜାଣିଥିଲି ଦିନେ ମୁଁ ବି ବାଲିଦ୍ୱୀପ ଛାଡ଼ି ଲଙ୍କାକୁ ଆସିବି । ଲଙ୍କାର ସ୍ଥାୟୀ ବାସିନ୍ଦା ହୋଇଯିବି । ଖାଲି କ'ଣ ସେତିକି ଲଙ୍କାଗଡ଼ର ଜଣେ ସାଧାରଣ ପ୍ରଜା ନହୋଇ ଲଙ୍କାଗଡ଼ର ଅଧୀଶ୍ୱର ହୋଇଯିବି । ହେବି ରାଜା ପାଇବି ସିଂହାସନ ରାକ୍ଷସ ପ୍ରଜାମାନେ ମୋ ଅଧୀନରେ ରହିବେ । ଆଉ ମୁଁ ହେବି ଲଙ୍କାର ଶାସକ ।

ମଣିଷ ତ ସ୍ୱପ୍ନ ଦେଖେ ଅନେକ । ଅସୁମାରୀ ସେ ସ୍ୱପ୍ନ । ତେବେ ସତରେ କ'ଣ ଫଳବତୀ ହୁଏ । ଆଉ ସତରେ ଯଦି ସ୍ୱପ୍ନ ସବୁ ସାକାର ହୋଇଯାନ୍ତି ତେବେ ସେ ତ ଆନନ୍ଦରେ ଆତ୍ମହରା ହୋଇଯାଏ । ଆକାଂକ୍ଷିତ ବସ୍ତୁକୁ ଚରିତାର୍ଥ କରି ନପାରିଲେ ମନରେ ଜାତ ହୁଏ କ୍ଷୋଭ । କିନ୍ତୁ ମୋ ମନରେ କ୍ଷୋଭର ପ୍ରଶ୍ନ ଉଠୁଛି କେଉଁଠି ? ମୁଁ ତ ମୋ ଆକାଂକ୍ଷା, କାମନା, ବାସନାକୁ ଚରିତାର୍ଥ କରିପାରିଛି । ଆଉ ସେଇ ଆନନ୍ଦରେ ମୁଁ ଆତ୍ମହରା । ଯାହା ପାଇବା ପାଇଁ ମୋତେ ଯୁଦ୍ଧ, ହିଂସା, ରକ୍ତ କରିବାକୁ ପଡ଼ିଥାନ୍ତା । ତାହା ତ ମୋତେ ବିନା ରକ୍ତପାତରେ ମିଳିଗଲା । କୁବେର ଭାଇଙ୍କ ତ୍ୟାଗର ସୁଫଳ ଏବେ ମୋ ହାତମୁଠାରେ । ଭାଇଙ୍କୁ ମୋତେ ଜୋର କରି ଲଙ୍କା ରାଜ୍ୟରୁ ବାହାର କରିବାକୁ ପଡ଼ିବନି । କି ସେଥିପାଇଁ ତାଙ୍କ ସହ କଳହ କି ଯୁଦ୍ଧ କରିବାକୁ ପଡ଼ିବନି । ସେ ତ ସ୍ୱଇଚ୍ଛାରେ ଅଳକାପୁରୀକୁ ଚାଲିଯିବେ ।

ମୋ ଇପ୍‌ସିତ ଲଙ୍କା ଏବେ ମୋ ହାତରେ ମୁଁ ଏବେ ଲଙ୍କାର ଅଧିପତି । ରାକ୍ଷସ ମାନଙ୍କର ରାଜା । ସମଗ୍ର ରକ୍ଷ ସଂସ୍କୃତିର ରକ୍ଷକ । ଏ ଆନନ୍ଦ କେବଳ ଏକା ମୋର ନୁହେଁ, ସ୍ୱୟଂ ମାତାମହଙ୍କର ବହୁ ପ୍ରତୀକ୍ଷିତ ସ୍ୱପ୍ନ ଏବେ ଫଳପ୍ରଦ । ମାତାମହଙ୍କ ତେଣୁ ଗର୍ବ କରିବା ସ୍ୱାଭାବିକ । ବାସ୍ତବରେ ଆଶା, ସ୍ୱପ୍ନ, ଆକାଂକ୍ଷା ଏହାର ନଥାଏ କିଛି ସୀମା, ପରିସୀମା । ଆଶା ତ ଏକ ମଧୁର ସମ୍ଭାବନା, ଆକାଂକ୍ଷା ତ ଏକ ବିହନ, ଯାହାର ନିରୋଳାରେ ହୁଏ ଅଙ୍କୁରୋଦ୍‌ଗମ । ଆକାଶ ଭଳି ଆଶାର ସୀମା ବଢ଼ି ବଢ଼ି ଚାଲିଥାଏ । ବ୍ୟାପିଯାଏ ଦିଗ, ଦିଗନ୍ତକୁ । ଗୋଟିଏ ଆଶା ପୂର୍ଣ୍ଣ ହେଲେ ଆଉ ଗୋଟିଏ ଆଶା ମୁଣ୍ଡ ଟେକି ଉଠେ । ଯେତେ ଚାହିଁଲେ ବି ଆଶାର କେବେ ଇତି ହୁଏନି । ମୋ ମନରେ ସେମିତି ଗୋଟିଏ ପରେ ଗୋଟିଏ ଆଶା ସଂକ୍ରମଣ କରି ମୋତେ ଅସ୍ଥିର କରି ଦେଉଥିଲା । ସତେଯେମିତି ଆଶାର ଗଭୀର ସମୁଦ୍ରରେ ମୁଁ ଉବୁଟୁବୁ ହେଉଥିଲି । ଏମିତି ହେଉଥିଲା, ମୁଁ ଅଣନିଃଶ୍ୱାସୀ ହୋଇ ପଡୁଥିଲି । ନିଜକୁ ଭାଗ୍ୟବାନ ମଣୁଥିଲି । ସୁଖର ମଳୟ ପବନରେ ଘୂରି ବୁଲୁଥିଲି । ମୋତେ ଯେମିତି ଲାଗୁଥିଲା ମୁଁ ଏବେ କେବଳ ଲଙ୍କାର ଅଧିଶ୍ୱର ହୋଇଯିବିନି ଯେ, ସମଗ୍ର ବିଶ୍ୱର ଅଧିପତି ହୋଇପାରିଛି । ଏମିତି ଅନେକ ସୁଖ, ଆନନ୍ଦ ମଧ୍ୟରେ ମୋ ଭିତରର ଭାବନାରାଜି ମୋତେ ଆନମନା କରି ଦୋଳୁଥିଲା ।

ଭାବୁଥିଲି, ମୁଁ ଏବେ କେବଳ ଲଙ୍କାକୁ ଜିଣିଗଲି । ମୋତେ କିନ୍ତୁ ଏବେ ସମଗ୍ର ଆର୍ଯ୍ୟାବର୍ତ୍ତକୁ ଜିଣିବାକୁ ପଡ଼ିବ । ଦେବଭୂମିକୁ ମଧ ଜିଣିବାକୁ ପଡ଼ିବ । ଲଙ୍କାକୁ ସ୍ୱର୍ଣ୍ଣପୁରୀ କରି ଗଢ଼ି ତୋଳିବାକୁ ପଡ଼ିବ । ମୁଁ ରାବଣ, ଦୈବୀଶକ୍ତି ବଳରେ ବଳୀୟାନ୍ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ଅଧୀଶ୍ୱର ହେବାକୁ ପଡ଼ିବ । ମୁଁ ଜଗତକୁ ଦେଖାଇଦେବି ରାକ୍ଷସ ପ୍ରବୃତ୍ତି ହେଲେ ମଧ ରାବଣ କ'ଣ ନ କରିପାରେ ? ବିନା ଯୁଦ୍ଧରେ ଲଙ୍କା ମୋ ହାତମୁଠାକୁ ଆସିଗଲା ବୋଲି ମୁଁ କ'ଣ ଚୁପ୍‌ଚାପ୍ ବସିଯିବି । ନା ନା ରାବଣ କେବେ ଥକିନାହିଁ କି ଥକିବନି ମଧ । ମୋର ଆହୁରି ଅନେକ କାମ ବାକି ଅଛି । ଦୂର ଦିଗ୍‌ବଳୟ ମୋତେ ହାତଠାରି ଡାକୁଛି । ମୋତେ ଆହୁରି ଅନେକ ଆଗକୁ ଯିବାକୁ ପଡ଼ିବ । ସାରା ବିଶ୍ୱକୁ ଜୟ କରିବାକୁ ପଡ଼ିବ । ମୁଁ ହେବି ତ୍ରିଭୁବନ ବିଜୟୀ ରାବଣ ।

ଧନପତି କୁବେର ଏବେ ଲଙ୍କା ପରିତ୍ୟାଗ କର ଚାଲିଯାଇଛନ୍ତି । ପିତାଙ୍କ ନିର୍ଦ୍ଦେଶରେ ସେ ଅଳକାପୁରୀରେ ନୂତନ ରାଜ୍ୟ ପ୍ରତିଷ୍ଠା କରି ବସବାସ କରିବାକୁ ଆରମ୍ଭ କରିଦେଲେଣି । ତାଙ୍କର ସହ ଲଙ୍କାର କିଛି ଯକ୍ଷ ସଂସ୍କୃତି ସମ୍ପନ୍ନ ଯକ୍ଷ ପ୍ରଜାମାନେ ମଧ ଲଙ୍କା ପରିତ୍ୟାଗ କରି ଚାଲିଯାଇଛନ୍ତି । ଅନୁକମ୍ପା ଜାଗୁଥିଲା ଭାଇଙ୍କ ପ୍ରତି । କେତେ ଉଦାର, ସ୍ନେହବତ୍ସଳ । କେହି ଭାଇ କ'ଣ କେବେ ଆଉ ଗୋଟିଏ ଭାଇ ହାତରେ ଏମିତି ସର୍ବସ୍ୱ ଛାଡ଼ି ଦେଇ ଚାଲିଯାଇପାରେ । ତାଙ୍କର ଏଭଳି ଅଭୂତପୂର୍ବ ତ୍ୟାଗ ତାଙ୍କୁ ମହାନ୍ କରିଛି ସତ ହେଲେ ସେ କ'ଣ ପାଇଲେ ? ଯେଉଁ ଲଙ୍କାକୁ ସେ ନିଜ ହାତରେ ଏତେ ଯତ୍ନରେ ଗଢ଼ିଥିଲେ, ତାକୁ ଛାଡ଼ିଦେଇ ଅଳକାପୁରୀକୁ ଆଦରି ନେବାର ତାଙ୍କ ମାନସିକ ଅବସ୍ଥା ଯେ କିଭଳି ହୋଇଥିବ, ସେସବୁ ଭାବିଲା ବେଳକୁ ମୋ ମନରେ କ୍ଷୋଭ ହେଉଥିଲା । ହେଲେ ପରମହୂର୍ତ୍ତରେ ମୋତେ ଯେମିତି କିଏ ଚେତାଇ ଦେଉଥିଲା ତୁ ରାବଣ । ତୋ ନିକଟରେ ଏଭଳି କ୍ଷୋଭ ଶୋଭା ପାଏନା।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୫୫(କ) ॥

ନାଁ, ଧରାଯାଉ ପ୍ରଜାପତି ଦକ୍ଷ ଆଦୌ କଶ୍ୟପ ପ୍ରଜାପତିଙ୍କ ନିକଟକୁ ଯାଇ ନଥିଲେ । କାରଣ ଏହା ଶ୍ରୀମଦ୍ ଭାଗବତରେ ଲେଖା ନାହିଁ ।ତାହା ହେଉଛି ଆଧୁନିକ ପାଷାଣ ଯୁଗ ବସତ୍ୟ ଯୁଗ ଏବଂ ପ୍ରାକ୍ ଐତିହାସିକ ସମୟ। ସେହି ସମୟରେ ବାହ୍ୟ ବିଜ୍ଞାନ ଏପରି ଉନ୍ନତ ହୋଇ ନଥାଇ ପାରେ !!

ତେଣୁ ଦକ୍ଷ ପ୍ରଜାପତିଙ୍କ ଏହି ସୃଷ୍ଟି ଘଟଣାଟି ଅଧିକ ସରଳ ଭାବରେ ମଧ ଘଟି ଥାଇପାରେ। । ଏହା ନିଶ୍ଚିତ ଯେ, ଦକ୍ଷ ପ୍ରଜାପତି ମାନବ ଜାତିର ଥିଲେ ଏବଂ ତାଙ୍କର ପୂର୍ବଜ ମାନେ ଓଡ଼ିଶା ଆଦି ଅଞ୍ଚଳରେ ବାସ କରୁ ଥିଲେ। ପ୍ରଳୟ ତିନି ପ୍ରକାର ଥିଲା। ଅଗ୍ନି ପ୍ରଳୟ, ଜଳ ପ୍ରଳୟ ଏବଂ ରୋଗ ପ୍ରଳୟ। ସେହି ସମୟରେ କେତେକ ଅଦୈତ୍ୟବାଦୀ ଥିଲେ। କେତେକ ପ୍ରକୃତିର ଚନ୍ଦ୍ର, ସୂର୍ଯ୍ୟ, ତାରା,ତରୁ, ବାୟୁ ଆଦିଙ୍କ ପାଇଁ ମନ୍ତ୍ର ଉଚ୍ଚାରଣ କରୁଥିଲେ। କେତେକ ଦୈତ୍ୟବାଦୀ ଥିଲେ। କେତେକ ମାନବ କୃଷି କରୁଥିଲେ, କେତେକ ଗୋ ପାଳନ କରୁଥିଲେ, କେତେକ ଅଶ୍ୱ, ଗନ୍ଧର୍ଭ ପାଳନ କରୁଥିଲେ। କେତେକ ଶିକାରୀ ଶ୍ୱାନ ପାଳନ କରୁଥିଲେ। କେତେକ ସର୍ପ ଆଦି ପାଳି ସେମାନଙ୍କ ଚମଡା, ବିଷ ଆଦି ସଂଗ୍ରହ କରୁ ଥିଲେ, କେତେକ ପକ୍ଷୀ ପାଳନ କରୁଥିଲେ। ଆଉ କେତେକ ବିଭିନ୍ନ ସରୀସୃପ, କୀଟ, ପତଙ୍ଗ, ପକ୍ଷୀ ଆଦି ଭୋଜନ କରୁଥିଲେ। କେତେକ ନୃତ୍ୟ, ଗୀତ, କ୍ରୀଡା ଆଦି କରୁଥିଲେ। କେତେକ ତୃଣଭୋଜି ତ କେତେକ ମାଂସଭୋଜୀ ଥିଲେ। ଯିଏ ଯେଉଁ କାର୍ଯ୍ୟ କରୁଥିଲେ ସେ ସେହି ବିଷୟରେ ବିଶେଷ ଜ୍ଞାନ ଅର୍ଜ୍ଜନ କରିଥିଲେ। ଏହିପରି ରୁଦ୍ର ମଧ ନୀଳ ଲୋହିତଙ୍କ ବଂଶଜ ଏବଂ ପ୍ରେତ ଏକ ଜାତି, ଯେଉଁମାନଙ୍କ ନାମରେ ପ୍ରେତମାନେ ନାମିତ ହୋଇଥିଲେ। ଭାଗବତରେ ଲେଖା ଯାଇଅଛି ଯେ, ଦକ୍ଷ ପ୍ରଜାପତିଙ୍କ ପରେ ପ୍ରାଣୀମାନେ ମୈଥୁନ ଦ୍ୱାରା ଜନ୍ମ ହେବେ। ଅର୍ଥାତ୍ ତାଙ୍କଠାରୁ ଜନ୍ମ ହୋଇଥିବା କେହି ମଧ, କିମ୍ବା ଅଦିତିଙ୍କ ବ୍ୟତୀତ ଆଉ କେହି ମଧ ନିଜ କନ୍ୟା ନଥିଲେ। ସେମାନେ ପାଳିତା କନ୍ୟା ଥିଲେ। ପ୍ରଳୟ ପରେ ଯେତିକି ଜୀବ, ଜନ୍ତୁ, ମଣିଷ ବର୍ତ୍ତିଥିଲେ, ସେମାନଙ୍କ ଭିତରୁ ଉତ୍ତମ ପ୍ରାଣୀଙ୍କ ସହ ତାଙ୍କୁ ଉପଯୁକ୍ତ ଭାବେ ପାଳନ କରି ବଂଶ ବଢ଼ାଇବା ପାଇଁ ସେ ଏହି କନ୍ୟା ମାନଙ୍କୁ ମଧ ନେଇ ଆସି ଥିଲେ। ପରେ ସେ ସେହି ସମୟର ବିଭିନ୍ନ ବୈଜ୍ଞାନିକ ମାନଙ୍କ ସହ ଏମାନଙ୍କୁ ବିବାହ ଦେଇ ଜୀବ ଓ ମାନବ ମାନଙ୍କ ବଂଶ ବଢାଇଥିଲେ। ଏହି କନ୍ୟାମାନେ ବିଭିନ୍ନ ସ୍ଥାନରୁ ଆସିଥିଲେ ଏବଂ ବିଭିନ୍ନ ଭାଷା, ଭାଷୀଥିଲେ। ପରେ ସେମାନେ ମୂଳ ସଂସ୍କୃତ ବା ଭାରତୀୟ ଭାଷାରେ ମିଶି ଯାଇଥିଲେ।

ଅତ୍ରି, ଅଙ୍ଗିରା, ବଶିଷ୍ଠ, ମରିଚି ଆଦି ସପ୍ତର୍ଷି ମାନଙ୍କୁ ବ୍ରହ୍ମାଙ୍କକୁମାର ବୋଲି ଧରାଯାଉଥିଲା । ତନ୍ମଧ୍ୟରେ ମରିଚି କର୍ଦ୍ଦମ ଋଷିଙ୍କ କନ୍ୟା କଳାଙ୍କୁ ବିବାହ କରିଥିଲେ। ସେମାନଙ୍କଠାରୁ ଜନ୍ମ ଲାଭ କଲେ କଶ୍ୟପ ପ୍ରଜାପତି। କଶ୍ୟପ ପ୍ରଜାପତିଙ୍କର ଅନ୍ୟ ଦୁଇ ପତ୍ନୀ କାଳକା ଓ ପୁଲୋମାଙ୍କଠାରୁ ଷାଠିଏ ସହସ୍ର ଅକ୍ଷସୁର ସୃଷ୍ଟି ହୋଇ ଦେବତାମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ।

ଅନ୍ୟ ପକ୍ଷରେ ଦକ୍ଷ ସର୍ବଦା ସୃଷ୍ଟି କର୍ମରେ ମଗ୍ନ ରହିବା ପାଇଁ ଧ୍ରୁବଙ୍କର ଭାଇ (କକା) ପ୍ରିୟବ୍ରତଙ୍କୁ ଶାସନଭାର ଅର୍ପଣ କଲେ। ଜଣାଯାଏ ଯେ ପ୍ରିୟବ୍ରତ ଦକ୍ଷଙ୍କଠାରୁ ବହୁ ପୂର୍ବରୁ ଜନ୍ମ ହୋଇଥିଲେ। ତେଣୁ ବୋଧହୁଏ ସେ ତାଙ୍କ ବଂଶଜମାନଙ୍କୁ ଶାସନଭାର ଅର୍ପଣ କରିଥିଲେ। ଧ୍ରୁବଙ୍କ ସମ୍ରାଟ ହେବା ସମୟରେ ସେ ବିଶ୍ୱକର୍ମା ( ପ୍ରଜାପତି ବା ନିର୍ମାଣ ବୈଜ୍ଞାନିକ) ଙ୍କର ପୁତ୍ରୀ ବର୍ହିଷ୍ମଙ୍କୁ ବିବାହ କରିଥିଲେ। ତାଙ୍କର ଆଠ ଜଣ ପୁତ୍ର ଓ ଦୁଇ ଜଣ କନ୍ୟା ଥିଲେ। ସେହି ଦ୍ୱିତୀୟ ସୂର୍ଯ୍ୟ ସମାନ ପ୍ରିୟବ୍ରତ ଜଣେ ବୀର ବା ଯୋଦ୍ଧା ଥିଲେ କି ନାହିଁ ଜଣା ନାହିଁ, କିନ୍ତୁ ତାଙ୍କର ରଥ ସେହି ସମୟରେ ଅତି ଉନ୍ନତ ଓ ଦ୍ରୁତଗାମୀ ଥିଲା, ତେଣୁ ସେ ଯେଉଁଠାକୁ ଯାଉଥିଲେ ଏହି ରଥ ପ୍ରତି ପ୍ରଭାବିତ ହୋଇ ଲୋକ ତାଙ୍କର ଅଧୀନତା ସ୍ୱୀକାର କରୁଥିଲେ।

ସେ ତାଙ୍କ ରଥଚକ୍ରରେ ସମଗ୍ର ପୃଥିବୀ ପରିକ୍ରମା କରିବାକୁ ଇଚ୍ଛା କରିବାରୁ ପିତା ମନୁ ତାଙ୍କୁ ବାରଣ କରିଥିଲେ। ଗୋଟିଏ ରଥରେ ସେହି ସମୟର ଦୁର୍ଗମ ପଥରେ ସମଗ୍ର ପୃଥିବୀ ପରିକ୍ରମା କରିବା ସହଜ ନଥିଲା। ତାଙ୍କ ରଥ ପୃଥିବୀର ଯେତିକି ଦୂର ପର୍ଯ୍ୟନ୍ତ ଗତି କରିଥିଲା, ସେହି ବିଜିତ ସାମ୍ରାଜ୍ୟକୁ ସେ ତାଙ୍କ ସପ୍ତପୁତ୍ରଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ଏଥିରୁ ଜଣାଯାଏ ପୃଥିବୀର ସମସ୍ତ ଅଞ୍ଚଳ ଏହାର ଅନ୍ତର୍ଭୁକ୍ତ ନୁହେଁ। ତାଙ୍କର କନ୍ୟାଉର୍ଜ୍ଜସ୍ୱତୀ ଶୁକ୍ରଙ୍କୁ ବିବାହ କରିଥିଲେ। ସେ ତାଙ୍କର ବିଜିତ ବା ଅଧିକୃତ ପୃଥିବୀ କୁସାତଟି ଜଳଭାଗ ଓ ସାତଟି ସ୍ଥଳଭାଗ ରେ ପରିଣତ କରିଥିଲେ ।ଏହି ସାତଟିସ୍ଥଳ ଭାଗ ଜମ୍ବୁ, ଶାକ, ଶାଲ୍ମଳୀ, ପ୍ଲକ୍ଷ, କୁଶ, ପୁଷ୍କର ଓ କ୍ରୌଞ୍ଚ । ପୁଣି ସାତଟି ସମୁଦ୍ର ଯାହାର ନାମ ମହାସାଗର ନୁହେଁ, କେବଳ ସାଗର ଥିଲା। ଯଥା: ଲବଣ, ଇକ୍ଷୁ, କ୍ଷୀର, ଦଧି, ସୁରା ଓ ସ୍ୱାଦୁ ନାମରେ ନାମିତ ହୋଇଥିଲା।

ସେଥିମଧ୍ୟରୁ ଅଧୁନା ଭାରତ ବର୍ଷ ଜମ୍ବୁଦ୍ୱୀପ ନାମରେ ବିଖ୍ୟାତ ଥିଲା। ଏହାର ଚତୁଃ ପାର୍ଶ୍ୱରେ ଲବଣ ସମୁଦ୍ର ଘେରି ରହିଥିଲା। ପ୍ରିୟବ୍ରତଙ୍କର ପୁତ୍ର ଅଗ୍ନିଧ୍ର ଜମ୍ବୁ ଦ୍ୱୀପର ଶାସନକର୍ତ୍ତା ଥିଲେ। ଏହା କେବଳ ସମୁଦ୍ରର ସୀମାରୁ ଆରମ୍ଭ ହୋଇଥିବା ଦକ୍ଷିଣ ଭାରତ ହିଁ ଥିଲା। ବୋଧହୁଏ ସେହି ସମୟରେ ଗଙ୍ଗା ଆଦି ନଦୀ ତଥା ମରୁଭୂମି ଏହି ଉଭୟ ପାର୍ଶ୍ୱକୁ ଦୁଇ ଭାଗ କରି ଦେଇ ଥିଲା । ଏହି ଜମ୍ବୁ ଦ୍ୱୀପକୁ ଲବଣ ସାଗର ବା ଭାରତ ମହାସାଗର ଘେରି ରହିଥିଲା।

ଏହାପରେ ପ୍ଲକ୍ଷ ଦ୍ୱୀପ। ପ୍ଲକ୍ଷ ଶବ୍ଦର ଅର୍ଥ ସରସ୍ୱତୀ, ଜ୍ଞାନ, ସଂସାର ବୃକ୍ଷ, ପଛ ଦ୍ୱାର ଆଦି। ଯଦି ଏହା ଠିକ୍ ହୋଇଥାଏ, ଉତ୍ତର ଭାରତର ସରସ୍ୱତୀ ନଦୀ ତଥା ବେଦ ସହିତ ଏହାର ସମ୍ପର୍କ ରହିଥିଲା। ତେଣୁ ଏହା ହିମାଳୟର ପାଦ ଦେଶ ବା ବ୍ରହ୍ମା ବର୍ତ୍ତଠାରୁ ଉପର ରାସ୍ତାରେ ଏସିଆର କିଛି ଅଂଶ ଓ ଇଉରୋପରେ ଅଧିକ ଅଂଶକୁ ନେଇ ଗଠିତ ହୋଇ ଥିଲା କିମ୍ବା ପୂର୍ବରେ ବଙ୍ଗଳା ଦେଶ ଆଦି ଦେଇ ଉତ୍ତର ଆମେରିକା ସହ ଯୁକ୍ତ ଥିଲା। କାରଣ କାନାଡା ଭାଷାରେ ପ୍ଲକ୍ଷର ଅର୍ଥ ସରସ୍ୱତୀ ବା ଜ୍ଞାନ। ବୋଧହୁଏ ଭାରତ ଓ ଆମେରିକାଏକ ସ୍ଥଳପଥ ଦେଇ ସଂଯୁକ୍ତ ଥିଲା ଯାହା ସମୁଦ୍ର ଜୁଆରରେ ବୁଡି ଯାଇଛି। ଏହାକୁ ଇକ୍ଷୁ ସାଗର ଘେରି ରହିଥିଲା। ଭାରତ ମହା ସାଗର ସ୍ଥାନେ, ସ୍ଥାନେ ସୁନେଲୀ, ଲୋହିତ ରଙ୍ଗ ଧାରଣ କରେ। କାରଣ ଏହାର ଜଳରେ ଖଣିଜ ଅଛି। ତୃତୀୟରେ କୁଶ ଦ୍ୱୀପ। ଏହା ସପ୍ତ ସିନ୍ଧୁ ମଧ୍ୟରେ ଅବସ୍ଥିତ। ଏହା ଆଫ୍ରିକାର ସୁଦାନରୁ ଆରମ୍ଭ ହୋଇ ଆଫଗାନିସ୍ଥାନ, ପାକିସ୍ଥାନ, କାଜାକସ୍ଥାନ, ଇରାନ, ଉଜ୍‌ବେକିସ୍ଥାନ, ହିନ୍ଦୁ କୁଶ ଆଦି ଅନ୍ତର୍ଗତ ହୋଇପାରେ। ଏହାକୁ ବେଢ଼ି ଥିବା ସପ୍ତ ସିନ୍ଧୁ ହେଲେ ଲୋହିତ ସାଗର, କୃଷ୍ଣସାଗର, କାସ୍ପୀୟାନ ସାଗର, ଭୂମଧ୍ୟସାଗର, ଆରବ ସାଗର, ଭାରତ ମହା ସାଗର ଆଦି। ଚତୁର୍ଥରେ ଶାକ ଦ୍ୱୀପ। ଶାକର ଓଡ଼ିଆ ଅର୍ଥ ଶାଗ ବା ସବୁଜିମା ବା ଶାଗୁଆନ। ଶକ୍ତି ହେଉଛନ୍ତି ଶାକମ୍ବରୀ। ଏହି ଆଫ୍ରିକାରେ ହିଁ ସୃଷ୍ଟି ଆରମ୍ଭ ହୋଇ ଥିଲା। ଏହିଠାରେ ଅପରାଜିତା ନଦୀ ନୀଳ ନଦୀ ହୋଇଥିବ। ଏହା ପାଖରେ ଥିବା ଆଟଲାଣ୍ଟିକ ସାଗର ବରଫ ରେ ଅଧିକାଂଶ ସମୟ ଦହି ଭଳି ଦେଖାଯାଏ। ଏହା ଦଧି ସାଗର ହୋଇପାରେ। ପଞ୍ଚମରେ ପୁଷ୍କର ଦ୍ୱୀପ। ଏହା ଋଷିଆ ବା ଉତ୍ତର ମେରୁ ଅଞ୍ଚଳ ହୋଇ ପାରେ ବା ଉତ୍ତର ଆମେରିକା ହୋଇପାରେ, ଯାହା ଧ୍ରୁବ ତାରା ବା ଉତ୍ତର ମେରୁର ସମ୍ମୁଖୀନ ଅଛି। ଉତ୍ତର ମହାସାଗରର ଜଳ ଅଳ୍ପ ଲବଣାକ୍ତ କିମ୍ବା ଏଠି ସ୍ୱାଦୁ ଜଳ ଥିବା କୌଣସି ବୃହତ୍ ନଦୀ ଥିବ। ଷଷ୍ଠରେ ଶାଲ୍ମଳୀ ଦ୍ୱୀପ, ଅଷ୍ଟ୍ରେଲିଆ। ତା ସହ ପୂର୍ବ ଦକ୍ଷିଣ ଦ୍ୱୀପ ଗୁଡ଼ିକ ବୋଧ ହୁଏ ଯୁକ୍ତ ଥିଲା। ସେତେବେଳେ ସୁରାରରଙ୍ଗ ନୀଳ ଥିଲା ଓ ପ୍ରଶାନ୍ତ ମହାସାଗର ନୀଳ ରଙ୍ଗ। ସପ୍ତମରେ କ୍ରୌଞ୍ଚ । ଚୀନ୍‌ଠାରୁ ଉତ୍ତର ପୂର୍ବକୁ ଆମେରିକାଯାଏଁ ହୋଇ ପାରେ। ଏଠାରେ ବରଫା ଛନ୍ନ ଉତ୍ତର ମହା ସାଗର କ୍ଷୀର ବର୍ଣ୍ଣ। ଦକ୍ଷିଣ ମହାସାଗର ବି ରୂପେଲି ଧଳା ଓ ଗୋଲାପୀ ରଙ୍ଗ।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ



## ତୁମେ

ରତ୍ନକାନ୍ତି ମିଶ୍ର

ତୁମରି ଆଦେଶେ ସୂର୍ଯ୍ୟ ଚନ୍ଦ୍ର ତାରା
ଆକାଶରେ ଆତଯାତ
ତୁମେ ବି ଦେଇଛ ପକ୍ଷୀର ଓଠରେ
ମନଜିଣା ମିଠା ଗୀତ ।

ତୁମରି ସ୍ୱାକ୍ଷର ଦିବସ ରଜନୀ
ପକ୍ଷ ଋତୁ ମାସ ବର୍ଷ
ପର୍ବତ ନିର୍ଝର ତଟିନୀ ସାଗର
ପଞ୍ଚଭୂତ ଦଶଦିଶ ।

ତୁମରି ପରଶେ ଏ ମହୀମଣ୍ଡଳେ
ସ୍ନିଗ୍ଧ ସବୁଜିମା ଖେଳେ
ଅପୂର୍ବ ବିନ୍ୟାସେ ସସାଗରା ଧରା
ସୁରମ୍ୟ ସୁଷମା ଝଳେ ।

କୋଣେ ଅନୁକୋଣେ ଭୂମି ବା ଭୁମାରେ
ତୁମେ ପରା ପରିବ୍ୟାପ୍ତ
ସଜୀବ ନିର୍ଜୀବ ସ୍ଥାବର ଜଙ୍ଗମେ
ସତ୍ତା ତୁମ ସମାହିତ ।

ଜନମ ମରଣ ସବୁ ତୁମ ହାତେ
ତୁମେ ଜୀବନ କାରଣ
ଏ ସାରା ଜଗତେ ଦୃଶ୍ୟ ବା ଅଦୃଶ୍ୟେ
ଅନୁଭୂତ ତୁମ ଦାନ ।

ଭାବକୁ ନିକଟ ଅଭାବକୁ ଦୂର
ପ୍ରଭୁ ଭାବଗ୍ରାହୀ ତୁମେ
ଲଭି କୃପା ବାରି ଜୀଇଁଛି ସଂସାରେ
ତୁମରି ବିମଳ ପ୍ରେମେ ।

+ଆଳି, କେନ୍ଦ୍ରାପଡା



## ମାଆ

ଝରଣା ବାରିକ

ଜୀବନର ସୁନ୍ଦର ଆରମ୍ଭ ତ ମାଆ। ତା ପାଇଁ କଣ କିଛି ଲେଖିହୁଏ। ମାଟିରୁ ଆକାଶ ଯାଏ ବିଛୁରିତ ତାର ଭଲ ପାଇବା। ନିଃସ୍ୱାର୍ଥପର ସେବାର ବଳିଦାନ କେବଳ ମାଆ ହିଁ ଦେଇପାରେ। ତା ପାଇଁ ମୁଁ କଣ ବା ଲେଖିବି ସିଏ ତ ମତେ ଲେଖି ଦେଇଛି। ଯା ପାଇଁ ମୁଁ ଏ ସୁନ୍ଦର ଦୁନିଆଁକୁ ଆସିଛି। ଭୋକ ହେବା ଆଗରୁ ଯିଏ ଖାଇବା ବାଢ଼ିଦିଏ। ନିଦ ନହେଲେ ଯିଏ ଗପ କହି ଶୁଆଇ ଦିଏ। କିଛି ନ କହିଲେ ବି ଯିଏ ମନ କଥା ବୁଝିଯାଏ। ମାଗିବା ଆଗରୁ ଯିଏ ଆବଶ୍ୟକ ତା ପୁରଣ କରିଦିଏ। ମୋ ଆଖିରେ ଲୁହ ଦେଖି ଯିଏ ନିଜେ କାନ୍ଦି କାନ୍ଦି ମୋ ଲୁହକୁ ପୋଛୁଥାଏ ।

ସବୁ ଦୁଃଖ କଷ୍ଟକୁ ସହି ଯିଏ ଆମକୁ ସୁଖ ଦେବାକୁ ଚେଷ୍ଟା କରେ । ପାଠ ନ ପଢି ଯିଏ ଆମକୁ ପାଠ ପଢ଼ାଇ ବଡ଼ କରିବାର ସ୍ୱପ୍ନ ଦେଖୁଥାଏ। ରାତିର ଅନ୍ଧାର ପରି ନିଜ ସୁଖକୁ ଜଳାଜଂଳି ଦେଇ ଯିଏ ଆମ ଖୁସିରେ ଖୁସି ହେଉଥାଏ। ନିଜ ପସନ୍ଦ ନା ପସନ୍ଦକୁ ଭୁଲି ଯାଇ ଯିଏ ଆମ ପାଇଁ ଭଲ ଭଲ ଖାଇବା ରାନ୍ଧି ଯୋଗାଇ ଦିଏ । ମାଆ ପାଖରେ ଥିଲେ ଦୁନିଆଁର କାହାକୁ ବି ଭୟ ଲାଗେନାହିଁ। । ମାଆ ନ ଥିଲେ ନିଜ ଛାଇକୁ ବି ଡର ଲାଗେ। ଭଗବାନ ସବୁ ଜାଗାରେ ଅଛନ୍ତି ସତ କିନ୍ତୁ ଆମ ପାଖାପାଖି ରହି ଆମକୁ ସୁରକ୍ଷା ଦେବା ପାଇଁ ମାଆକୁ ହିଁ ପଠେଇଛନ୍ତି। ଯିଏ ଆମକୁ ଭଲପାଇବା ଆମ, ଅଳି ଅର୍ଦ୍ଦଳି ସହି ଯାଏ। ଆମ କଷ୍ଟ ବେଳେ ତ ତାରି ନାଆଁ ହିଁ ଆମ ପାଟିରୁ ବାହାରି ଆସେ। ମାଆ ସବୁ ଜିନିଷ ପାଇ ଯାଏ, ଜେଜେଙ୍କ ଚଷମା, ବାପାଙ୍କ ରୁମାଲ ମୋର ଯାହା ଦରକାର ସବୁ ମାଆଙ୍କୁ ଖୁବ୍‌ଶୀଘ୍ର ମିଳିଯାଏ । ମାଆ ଯାହା ଲୁଚେଇ କି ରଖିଥାଏ ତାହା ଆମକୁ କେବେବି ମିଳେ ନାହିଁ । ତାର ଦୁଃଖ କଷ୍ଟ ତା ଆଖିର ଲୁହ ଆମେ କେବେବି ଖୋଜି ପାଉନା। ସବୁ ବେଳେ ଛୋଟିଆ ହସଟିଏ ତା ଓଠରେ ଝଲସୁ ଥାଏ। ସେତେବେଳେ ବେଶୀ ଖୁସି ହୁଏ ଯେତେବେଳେ ମୁଁ ତା ହାତ ରନ୍ଧା ଖାଇ ଆହୁରି ଦିଟା ଭାତ କି ରୁଟି ମାଗିଦିଏ। ସେତେବେଳେ ସିଏ ଖୁସି ହୁଏ ଯେତେବେଳେ ମୁଁ ସ୍କୁଲରୁ ଫେରି ଘର ସାରା ବୁଲି ବୁଲି ତାକୁ ଖୋଜୁଥାଏ। ସେତେବେଳେ ସିଏ ଖୁସି ହୁଏ ଯେତେବେଳେ ମୁଁ ତାକୁ କୁହେ ସବୁଠୁ ଭଲ ମୋ ମାଆ ।

ନିଜେ ମାଡ ଦେଇ ମୁହଁ ଲୁଚେଇ କାନ୍ଦି କାନ୍ଦି ମତେ ବୁଝେଉଥାଏ। ମୁଁ ରୁଷି ବସିଲେ ନଖାଇ ମୋତେ ଅପେକ୍ଷା କରିଥାଏ। ମୁଁ ଖାଇ ସାରିବା ପରେ ନିଜ ପାଇଁ ଖାଇବା ବାଢେ।

ମାଆ ପାଇଁ କ'ଣ ବା ଆଉ ଲେଖିବି ପ୍ରଥମେ ଯେତେବେଳେ ମୁଁ ଖଡ଼ି ସିଲଡ ଧରି ଲେଖିବା ଶିଖିଲି ସେତେବେଳେ ମା ହିଁ ହାତ ଧରି ଲେଖିବା ଶିଖେଇ ଥିଲା । କଥା କହିବା ଶିଖିବା ବେଳେ ପ୍ରଥମେ ତାରି ନାଁ ଧରି ଡାକିବା ଶିଖିଥିଲି (ମାଆ)।

ଆମେ ଚାହିଁଲେ ଆମ ଜୀବନକୁ ଶେଷ କରିଦେବା କାରଣ ମରିବା ପାଇଁ ଅନେକ ବାଟ ଅଛି। କିନ୍ତୁ ଜନ୍ମ ନେବା ପାଇଁ ସେଇ ଏକା, ଯାହା ଆମ ମାଆ ହିଁ ଆମକୁ ଦେଇ ପାରିଛି । କିଏ ଦେଖିଛି ସ୍ୱର୍ଗକୁ ଆମେ ଦେଖିଛେ କାରଣ ମାଆ କୋଳଠୁ ବଳି ଆଉ ସ୍ୱର୍ଗ ସୁଖ ବୋଧେ ଏ ଦୁନିଆଁରେ କିଛି ନାହିଁ।

ଶେଷରେ ଏତିକି କହିବି ଆମ ସହିତ ଯୋଡି ହୋଇଥିବା ସବୁ ସମ୍ପର୍କ ଆମେ ଜନ୍ମ ହେବା ପରେ। କିନ୍ତୁ ମାଆ ସହିତ ଆମର ସମ୍ପର୍କ ଜନ୍ମ ହେବାର ନଅ ମାସ ପୂର୍ବରୁ ।

ସମଲ, ତାଳଚେର, ଅନୁଗୋଳ

ମୋବାଇଲ :୯୫୫୬୮୪୬୯୩୨



# ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନା

ଜୟପୁର, ୨୪/୦୭ (ନି.ପ୍ର): କୋରାପୁଟ ଜିଲା କାକରିଗୁମ୍ମା ଥାନା ଅଂଚଳରେ ଘଟିଥିବା ୪ ବର୍ଷ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ୨୨ଟି ସାକ୍ଷ୍ୟ ପ୍ରମାଣ ଓ ୨୭ଟି ଦସ୍ତାବିଜକୁ ଭିତି କରି କାକିରିଗୁମ୍ମା ପରଜା ସାହିର ରାଜା ରାମ ମୁଦୁଲି (୨୪) କୁ ବିଭିନ୍ନ ଦଫାରେ ଆଜି ଜୟପୁର ସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୋଷିକୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦୟ ହେଲେ ଦୋଷୀକୁ ଅଧିକ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ଅଦାଲତ । ସରକାରଙ୍କ ତରଫରୁ ପିଡିତାକୁ ଆଇନସେବା ପ୍ରାଧିକରଣ ମାଧମରେ ୧୦ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ମାମଲା ରୁଜୁ ସମୟରେ ପିଡିତାଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଛି । ପିଡିତା ୭ ଲକ୍ଷ ଟଙ୍କା ପାଇବେ । ମାମଲାର ବିବରଣିରୁ ପ୍ରକାଶ ଯେ, ନାବାଳିକା ୧୯.୫.୨୦୨୦ ଦିନ ୧୨ଟା ବେଳେ ଘର ବାରଣ୍ଡାରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ଦୋଷୀ ରାଜା ରାମ ମୁଦୁଲି ଚକଲେଟ ଦେବା ବାହାନାରେ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ଅଚେତ ଅବସ୍ଥାରେ ଛାଡି ଚାଲିଯାଇଥିଲ । ପରିବାର ଲୋକେ ନାବାଳିକା ନିଖୋଜ ଥିବା ଜାଣି ଖୋଜା ଖୋଜି କରିବା ସମୟରେ ପାଖରେ ଥିବା ନିଳଗିରି ଜଙ୍ଗଲରୁ ରକ୍ତ ଜୁଡୁବୁଡୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ । ପ୍ରଥମେ କାକରିଗୁମ୍ମା ମେଡିକାଲ ଓ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ । କାକରିଗୁମ୍ମା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ. ଗାୟତ୍ରୀ ଦେବି ମାମଲା ପରିଚାଳନା କରିଥିଲେ ।

# ଶିକ୍ଷାନୁଷ୍ଠାନରେ ଶିଶୁ ସୁରକ୍ଷା ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ପୁରୀ, ୨୪/୦୭ (ନି.ପ୍ର): ପ୍ରତିଟି ପିଲା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରେ । ପରିବାର ସହ ବା ପରିବାର ଠାରୁ ବିଭିନ୍ନ କାରଣରୁ ବିଛିନ୍ନ ସମସ୍ତ ପିଲା ମାନଙ୍କୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ଶିଶୁ ଅଧିକାର ସୁରକ୍ଷା ର ଜାତୀୟ କମିଶନର ପ୍ରତିନିଧି ଇଲା ଗୌରବ ସିହ୍ନା । ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଶିଶୁ ଅଧିକାର ସୁରକ୍ଷାର ଜାତୀୟ କମିଶନର, ରାଜ୍ୟ କମିଶନର ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ଶିଶୁ ସୁରକ୍ଷା ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ଶ୍ରୀମତୀ ସିହ୍ନା ଶିଶୁ କୋମଳ ଓ ନରମ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ଗୃହରେ ଗୃହ ବାହାରେ ତା ପ୍ରତି ଘଟୁଥିବା ନିର୍ଯ୍ୟାତନାକୁ ପ୍ରକାଶ କରିପାରେ ନାହିଁ । ଶିକ୍ଷାନୁଷ୍ଠାନ ମାନଙ୍କରେ ସେହି ପିଲା ମାନଙ୍କ ସହ ସ୍ନେହ ଓ ବିଶ୍ୱାସର ବାତାବରଣ ସୃଷ୍ଟି କରିପାରିଲେ ସେମାନଙ୍କ ସମସ୍ୟାର କାରଣ ବୁଝି ତାହାର ନିରାକରଣ କରିପାରିବା ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସରତ ଚନ୍ଦ୍ର ବେହେରା ଶିକ୍ଷାନୁଷ୍ଠାନର ବାତାବରଣ ସଠିକ ରଖିବା, ପିଲା ମାନଙ୍କ ମନୋଭାବକୁ ଅନୁଧ୍ୟାନ କରି ଉପଯୁକ୍ତ ମାର୍ଗଦର୍ଶନ କରାଇବା, ବର୍ତମାନ ସମୟରେ ଯେପରି ସାଇବର ଅପରାଧ ମାନ ଘଟୁଛି ଉପଯୁକ୍ତ ପରାମର୍ଶ ମାଧମରେ ପିଲା ମାନଙ୍କୁ ସେଥିରୁ ଦୂରେଇ ରଖିବାକୁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା କମିଶନର ରାଜ୍ୟ ସଦସ୍ୟ ଅନିତା ବେହେରା, ରୁବି ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଆଇଇଟିର ଅଧକ୍ଷ ସନ୍ତୋଷ କୁମାର ପରିଡା ପ୍ରମୁଖ ଶିକ୍ଷାନୁଷ୍ଠାନରେ ପିଲା ମାନଙ୍କ ଶୈକ୍ଷିକ ବାତାବରଣ, ଭିତିଭୂମିର ବିକାଶ, ପିଲା ମାନଙ୍କ ମନସ୍ତାତିକ ସ୍ଥିତିର ଅନୁଶୀଳନ ଓ ଆଚାର ବ୍ୟବହାରରେ ପରିବର୍ତନକୁ ନିୟମିତ ଅନୁଧ୍ୟାନ କରି ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଭଳି କର୍ମଶାଳା ଦ୍ୱାରା ପିଲା ମାନେ ବିଶେଷ ଭାବରେ ଉପକୃତ ହେବା ସହ ଶିକ୍ଷାନୁଷ୍ଠାନ ର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ଭାବର ଆଦାନ ପ୍ରଦାନ ସହଜ ହୋଇ ପାରିବ ବୋଲି କହିଥିଲେ । ଶିକ୍ଷୟିତ୍ରୀ ଅଳକାନନ୍ଦା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ସମର୍ଥ । ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଏଲିମେଂଟାରୀ ଓ ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଆରସିସି, ସିଆରସିସି,ଓଏଭିର ଅଧ୍ୟକ୍ଷ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

# ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦର ନୂଆଁଖାଇ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୨୪/୦୭ (ନି.ପ୍ର): ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ, ଆଦର୍ଶ ପଡା, ବଲାଙ୍ଗିରର କର୍ମକର୍ତା ବୈଠକ ପୁଇନ୍ତଲା ବ୍ଲକ୍, ବନ୍ଧପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ରକ୍ତଦାତା ତଥା ସମାଜସେବୀ ସଞ୍ଜୟ ମହାକୁଡଙ୍କୁ ଉପଢୌକନ, ମାନପତ୍ର ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ସେପଟ୍ମେର ମାସ ୧୪ ତାରିଖ ରବିବାର ଦିନ ଅନୁଷ୍ଠାନର ୩ୟ ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ ଉପ କମିଟୀ ଗଠନ କରି ଦାୟିତ୍ୱ ବଣ୍ଟନ କରାଯାଇଥିଲା । ରାଜ୍ୟ ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ବିଭିନ୍ନ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଗହଣରେ ପ୍ରତିଭା ଚୟନ କରି ସମ୍ମାନୀତ କରାଯିବ । ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ସଂସ୍କୃତ ଭାଷାର ଗବେଷଣାତ୍ମକ ପୁସ୍ତକକୁ ପୁରସ୍କୃତ କରିବା ପାଇଁ ନିଷ୍ପତି ନିଆଗଲା । ଡ଼ା.ଚିତରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଅମ୍ବରୀଶ କୁମାର ଦାଶ, ମୁଖ୍ୟ ବକ୍ତା ବ୍ରଜ କୃଷ୍ଣ ମିଶ୍ର, ସମ୍ପାଦକ କବିଶ୍ରୀ ନବକିଶୋର ବେହେରା ମଂଚାସୀନ ଥିବାବେଳେ ଉପସଭାପତି ବୈଦ୍ୟ ଶିରୋମଣି ଝସକେତନ ଗୁରୁ ପରିଚୟ ତଥା ସଂଯୋଜନା କରିଥିଲେ । ଅଧାପକ ଦୁର୍ବାଦଳ ଘିବେଲା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଧାପକ ରଞ୍ଜନ କୁମାର ପାଣିଗ୍ରାହୀ, ଶାନ୍ତନୁ କୁମାର ପୂଜାହାରୀ, ବୀରେନ୍ଦ୍ର କୁମାର ଗଡୁଆ, ମଧୁସୂଦନ ଦାଶ,ପ୍ରଭାତ କୁମାର ମିଶ୍ର, ସଂମାରୁ ସେଲମା, ସତ୍ୟ ବସ୍ତିଆ, ସଞ୍ଜୀବ ସେଠ୍, ସତ୍ୟ ନାଏକ, ହିମାଂଶୁ ବଗର୍ତୀ ଓ ମୋହନ ପଧାନ ସହଯୋଗ କରିଥିଲେ । ପରିଶେଷରେ ଅଶ୍ୱତଥ ଓ ଔଷଧୀୟ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

# ପୌର ୱାର୍ଡ କୋର୍ଡିନେଟର ୟୁନିଅନ୍ ୩ ଦଫା ଦାବି ନେଇ ଆସନ୍ତା ୨୯ ତାରିଖ ଦିନ ବିଧାନସଭା ଘେରାଉ

ବଲାଙ୍ଗିର, ୨୪/୦୭ (ନି.ପ୍ର): ନିଖିଳ ଓଡିଶା ପୌର ୱାର୍ଡ କୋର୍ଡିନେଟର ୟୁନିଅନ୍ ୩ ଦଫା ଦାବି ନେଇ ଆସନ୍ତା ୨୯ ତାରିଖ ଦିନ ବିଧାନସଭା ଘେରାଉ କରିବ । ବିଭିନ୍ନ ପ୍ରକାର ସରକାରୀ ସେବାରେ ୱାର୍ଡ କୋର୍ଡିନେଟର ମାନଙ୍କୁ ନିଯୁକ୍ତ କରାଯାଉଥିଲେ ହେଁ ସେମାନଙ୍କୁ ପାରିତୋଷିକ ବା ଦରମା ପ୍ରଦାନ କରାଯାଉ ନାହିଁ । ପୌରାଞ୍ଚଳର ଶହ ଶହ ଶିକ୍ଷତା ଯୁବତୀ ମାନଙ୍କୁ ଚୟନ କରି ଅଣଔପଚାରିକ ଭାବରେ କାମ କରାଇ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟରେ ଛାଡି ଦିଆଯାଇଛି । ସେମାନଙ୍କୁ ବିଧୀବଦ୍ଧ ଭାବରେ ନିଯୁକ୍ତ କରାଯାଇନାହିଁ । ପ୍ରକାଶ ଯେ, ଗତ ୨୦୨୨ ମସିହାରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ମିଶନ ଶକ୍ତି ଗ୍ରୁପ୍ ଜରିଆରେ ୱାର୍ଡ ଅଫିସ ଗଠନ କରିବା ପାଇଁ ମ୍ୟୁନିସିପାଲଟି ଓ ଏନ୍?ଏସି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନୁଯାୟୀ ୱାର୍ଡ ଅଫିସ ଗଠନ କରି ତାର ପରିଚାଳନା ପାଇଁ ଜଣେ ଜଣେ ୱାର୍ଡ କୋର୍ଡିନେଟର ମାନଙ୍କୁ ନିଯୁକ୍ତ କରାଯାଇଥିଲା । ପାରିଶ୍ରମିକ ବାବଦକୁ ୧୦ ହଜାର ଟଙ୍କା ଓ ଅଫିସ ପରିଚାଳନା ବାବଦକୁ ୨ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା । ଏହି ୱାର୍ଡ ଅଫିସର ମାନେ ୟୁଏଲ୍?ବି ପକ୍ଷରୁ ହୋଲଡିଂ ଟିକସ ଆଦାୟ ଠାରୁ ଆରମ୍ଭ କରି ନୂତନ ଭୋଟର ପରିଚୟ ପତ୍ର, ରାସନ କାର୍ଡ ପ୍ରସ୍ତୁତି, ଟ୍ରେଡ଼ ଲାଇସେନ୍ସ, ମାସିକ ଭତା ବଂଟନ, ନୂତନ ଏସ୍ଏଚ୍ଜି ଗଠନ, ଏସ୍ଏଚ୍ଜି ମାନଙ୍କର ଡାଟା ଏଂଟ୍ରି, ପରିମଳ ଅନୁଧ୍ୟାନ ଭଳି ଅନେକ କାମ କରୁଛନ୍ତି । କିନ୍ତୁ ନିଯୁକ୍ତି ଦେବାର ୨ ବର୍ଷ ବିତିଯାଇଥିଲେ ହେଁ ବର୍ତମାନ ସୁଦ୍ଧା ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଇନାହିଁ । ତେଣୁକରି ଆସନ୍ତା ୨୯ ତାରିଖ ଦିନ ୩ ଦଫା ଦାବି ନେଇ ବିଧାନସଭା ଘେରାଉ ଡାକରା ଦେଇଛନ୍ତି । ରାଜ୍ୟର ସମସ୍ତ ୟୁଏଲବି ୱାର୍ଡ କୋର୍ଡିନେଟର ମାନଙ୍କୁ ବିଧିବଦ୍ଧ ଭାବରେ ନିୟୋଜନ କରିବା ସହିତ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି ।

## ପୂର୍ବତନ ବିଧାୟକଙ୍କ ଜନ୍ମଦିନ ଅବସରରେ ସମୂହ ଦୀପଦାନ ଓ ଚାରାରୋପଣ

ଧର୍ମଶାଳା, ୨୪/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଜନ୍ମଦିନ ଅବସରରେ ଯୁବ ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହିକ୍ରମରେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ୧୨ ନଂ ଜୋନର ସାହାଣୀଡିହ ପଂଚାୟତସ୍ଥ କଠୋଉଣୀ ମଠ ପରିସରରେ ପ୍ରଥମେ ସମୂହ ଦୀପଦାନ କରାଯାଇଥିଲା । ପରେ ଜଳାଭିଷେକ କରାଯିବା ସହିତ ମଠ ପରିସରରେ ଥିବା ପଡିଆରେ ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡିର କର୍ମକର୍ତା ଓ ସଦସ୍ୟ ସାମିଲ ହୋଇ ପୂର୍ବତନ ବିଧାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ସମସ୍ତେ ଗୋଟିଏ ଲେଖାଁ ବିଭିନ୍ନ କିସମର ଚାରାରୋପଣ କରିଥିଲେ । ଏହି ଅବସରରେ ଆଗାମୀ ଦିନରେ ଯୁବ ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯିବା ସହ ପୂର୍ବତନ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ସଙ୍କଳ୍ପ ନିଆ ଯାଇଥିଲା । ପରେ ମଠ ପରିସରରେ ଏକତ୍ର ହୋଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ଅନ୍ୟପକ୍ଷେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଜନ୍ମଦିନ ଅବସରରେ ଧର୍ମଶାଳା ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତଙ୍କ ନେତୃତ୍ୱରେ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହିତ ବୃକ୍ଷରୋପଣ କରି ଶୁଭେଚ୍ଛା ଜଣାଇଥିଲେ ।

# ଏମ.ଭି. ୭୯ ସ୍ଥିତ ଡ଼ଃ ଏସପି ଡିଗ୍ରୀ ମହାବିଦ୍ୟାଳୟ ଛାତରୁ ଗଳୁଛି ପାଣି

ମାଲକାନଗିରି, ୨୪/୦୭ (ନି.ପ୍ର): ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ବେହାଲ ହୋଇଯାଇଥିବା ବେଳେ ୨୦୧୦ ମସିହାରେ କାଲିମେଳା ବ୍ଲକ ତାଣ୍ଡବାଇ ପଂଚାୟତ ଏମ.ଭି-୭୯ ଠାରେ ସ୍ଥାପିତ ହୋଇଥିବା ଡ଼ଃ. ଶ୍ୟାମପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି । ଏହି କଲେଜରେ କାଲିମେଳା ଓ ପଡିଆ ବ୍ଲକର ବହୁ ଦୁରଦୁରାନ୍ତ ଗ୍ରାମରୁ ଅନେକ ଆଦିବାସୀ ହରିଜନ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି । କଲେଜର ଛାତର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ ପ୍ରତ୍ୟେକ ଶ୍ରେଣୀ ଗୃହରେ ପାଣି ଗଳୁଛି । ଏହି ଘର ବହୁ ପୁରୁଣା ହୋଇଥିବାରୁ ଏହିପରି ସମସ୍ୟା ପ୍ରତ୍ୟେକ ବର୍ଷ ବର୍ଷା ଦିନରେ ଦେଖିବାକୁ ମିଳୁଛି । ଗତ ବର୍ଷ ଛାତ୍ର-ଛାତ୍ରୀ ମାନଙ୍କର ପରୀକ୍ଷା ଚାଲୁଥିବା ସମୟରେ ମଧ୍ୟ ଏହି ସମସ୍ୟା ହୋଇଥିଲା । ଏହା ସେହି ସମୟରେ ଗଣମାଧ୍ୟମ ଜରିଆରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଜଣାଯାଇଥିଲା, କିନ୍ତୁ ଏହାର କୌଣସି ସୁଫଳ ମିଳିନଥିଲା । ପୁନର୍ବାର ସେହି ଶୋଚନୀୟ ଅବସ୍ଥାକୁ ଛାତ୍ର ଛାତ୍ରୀ ଓ କର୍ମଚାରୀମାନେ ସାମନା କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱଳ୍ପ ସାହାଯ୍ୟରେ ଏକ ନୂତନ ଗୃହ ନିର୍ମାଣ କରାଯାଇଛି, ଯଦି ତାହା ତିଆରି ହୋଇଯାଏ, ତେବେ ଏହି ଅଂଚଳର ଏକମାତ୍ର ଡିଗ୍ରୀ କଲେଜ ଓ ଛାତ୍ର-ଛାତ୍ରୀମାନେ ଉପକୃତ ହେବେ ।

# ବ୍ରାହ୍ମଣୀଗାଁରେ ଅତିରିକ୍ତ ତହସିଲଦାର ନିଯୁକ୍ତି ପାଇଁ ଜନ ପ୍ରତିନିଧିଙ୍କ ଦାବି

କନ୍ଧମାଳ, ୨୪/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁରେ ଜଣେ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତ କରିବା ପାଇଁ ଦାରିଙ୍ଗବାଡି ବ୍ଲକ ୧୧ନମ୍ବର ଜୋନ ଅନ୍ତର୍ଗତ ୮ଟି ପଂଚାୟତ ଜନପ୍ରତିନିଧି ମାନେ ମଙ୍ଗଳବାର ଦିନ କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କୁ ସାକ୍ଷାତ କରି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ମୁତାବକ ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଅଂଚଳର ୮ଟି ପଂଚାୟତର ଜନସାଧାରଣ ଅତି ଦୁର୍ଗମ ଅଂଚଳ ତଥା ଗଞ୍ଜାମ, ଗଜପତି, ରାୟଗଡା ଜିଲ୍ଲାର ସୀମାନ୍ତ ବର୍ଗ ଅଂଚଳ ଭାବେ ପରିଚିତ ବ୍ରାହ୍ମଣୀଗାଁ ସମେତ ସରାମୂଳି, ଗଦାପୁର, ତାଜୁଙ୍ଗିଆ, ହାତୀମୁଣ୍ଡା, ଝିଞ୍ଜିରିଗୁଡା, କୁମ୍ଭାରୀଗାଁ, କାଟିଙ୍ଗିଆ ପଂଚାୟତ ଓ ଏହାର ଆଭ୍ୟନ୍ତରୀଣ ଗ୍ରାମ ଗୁଡ଼ିକ ବ୍ଲକ କାର୍ଯ୍ୟାଳୟ ଠାରୁ ପ୍ରାୟ ୪୦ ରୁ ୭୦ କିମି ଦୂରରେ ରହିଛି । ମିଞ୍ଜାପଙ୍କା, ସାଲବା, ରାମ୍ଭୁଲି, ହରଗୁଡ଼ା ଆଦି ଗ୍ରାମରୁ ଅତ୍ୟାବଶ୍ୟକୀୟ କାର୍ଯ୍ୟ ପାଇଁ ବ୍ଲକ୍ କିମ୍ବା ତହସିଲ କାର୍ଯ୍ୟାଳୟକୁ ଯାଇ ଫେରିବା ପାଇଁ ୧ରୁ ୨ ଦିନ ଲାଗିଥାଏ । ଯାହାଦ୍ୱାରା ଲୋକଙ୍କୁ ଶାରୀରିକ, ମାନସିକ ଓ ଆର୍ଥିକ ପୀଡ଼ା ଭୋଗିବାକୁ ପଡ଼ିଥାଏ । ଲୋକସଂଖ୍ୟା ଦୃଷ୍ଟିରୁ ଏହି ୮ଟି ପଂଚାୟତର ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ଦିନ ମଜୁରିଆ ଭାବେ କାମ କରନ୍ତି । ବ୍ଲକ କାର୍ଯ୍ୟାଳୟ ଠାରୁ ଅନେକ ଗ୍ରାମ ଅପହଂଚ ଇଲାକାରେ ରହୁଥିବାରୁ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ପହଂଚିପାରୁ ନଥିବା ବେଳେ ବିଭିନ୍ନ ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି ଜନସାଧାରଣ । ବିଶେଷ କରି ପିଲାଙ୍କ ଭବିଷ୍ୟତ ପାଠପଢା ଓ ବିଭିନ୍ନ ସରକାରୀ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଜାତିଗତ ପ୍ରମାଣ ପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣ ପତ୍ର, ଜମି ବନ୍ଦୋବସ୍ତ, ଜମି ଚିହ୍ନଟ ଆଦି କାର୍ଯ୍ୟ ପାଇଁ ବାରମ୍ବାର ଦାରିଙ୍ଗବାଡ଼ି ତହସିଲ ଅଫିସକୁ ଯାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୦୭ ମସିହାରେ ହୋଇଥିବା ସାମ୍ପ୍ରଦାୟିକ ହିଂସା ପରେ ୨୦୧୦ ମସିହାରେ ତତ୍କାଳୀନ ଜିଲ୍ଲାପାଳ ମନୀଷ ବର୍ମା ଜଣେ ଅତିରିକ୍ତ ତହସିଲଦାର ପ୍ରତାପ ପ୍ରଧାନଙ୍କୁ ବ୍ରାହ୍ମଣୀଗାଁ ରେ ନିଯୁକ୍ତ କରିଥିଲେ । କିନ୍ତୁ କିଛି ମାସ କାର୍ଯ୍ୟ କରିବା ପରେ ତାଙ୍କର ବଦଳି ହେବା ପର ଠାରୁ ଆଜି ପର୍ଯ୍ୟନ୍ତ ସେହି ସ୍ଥାନଟି ଖାଲି ପଡିଛି ।

# ୪ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୬୦ ହଜାର ଜୋରିମାନା

କନ୍ଧମାଳ, ୨୪/୦୭ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ଓ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ ଆଜି ଏକ ୪ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାରଣା କରି ମାମଲାର ସାକ୍ଷୀ, ଡାକ୍ତରୀ ରିପୋର୍ଟ୍ ଓ ପିଡିତାଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ପବନ ଓରଫ ହେମନ୍ତ ମଲ୍ଲିକକୁ ଦୋଷୀ ସାବ୍ୟସ୍ତ କରି ୨୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୬୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ଆଉ ଅଧିକ ୭ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି. ଅସୀମ କୁମାର ପ୍ରହରାଜ ମାମଲାର ପରିଚାଳନା କରୁଥିଲେ । ସୂଚନା ଅନୁସାରେ, ଗତ ୨୦୨୨ ମସିହା ଜୁନ୍ ୯ ତାରିଖ ଦିନ ପୀଡ଼ିତାର ଗାଁ ରେ ଏକ ଉତ୍ସବ ହୋଇଥିଲା । ସେହି ଉତ୍ସବରେ ଭୋଜି ଆୟୋଜନ କରାଯାଇଥିଲା । ପୀଡିତା ଭୋଜି ଖାଇ ସାରିବା ପରେ ଅଭିଯୁକ୍ତ ତାକୁ ତା ର ଘରେ ଛାଡିଦେବ କହି ନିଜ ସାଙ୍ଗରେ ନେଇଥିଲା । ହେଲେ ସେ ପୀଡ଼ିତାକୁ ଛାଡିବା ପରିବର୍ତେ କ୍ଷେତ ଆଡ଼େ ନେଇଯାଇ ତା ସହ ଦୁଷ୍କର୍ମ କରିଥିଲା । ଏହା ସହିତ ଏହି ଘଟଣା ବିଷୟରେ କାହାକୁ କହିଲେ ତତେ ଟଂଟି ଚିପି ମାରିଦେବି ବୋଲି ଧମକ ଦେଇଥିଲା । ଭୟରେ ପୀଡିତା କାହାକୁ କିଛି କହି ନଥିଲା । ପରେ ପୀଡିତା ଘଟଣା ବାବଦରେ ସମସ୍ତ ବିଷୟ ତାର ମାଆକୁ କହିଥିଲା । ପୀଡିତାର ମାଆ ଜୁନ୍ ୧୨ ତାରିଖ ୨୦୨୨ରେ ଏକ ଏତଲା ଖଜୁରୀପଡ଼ା ଥାନାରେ ଦେଇଥିଲେ । ଅଭିଯୋଗ ପ୍ରକାରେ ଥାନାଧିକାରୀ ଏକ ମାମଲା ୭୪/ ୨୨ ରେ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ । ଆଜି ଉକ୍ତ ମାମଲାର ବିଚାରଣା କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ବିଚାରପତି । ଏଥି ସହିତ ପୀଡ଼ିତାକୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବନ୍ୟା ପରିସ୍ଥିତି ନେଇ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ

ମାଲକାନଗିରି, ୨୪/୦୭ (ନି.ପ୍ର): ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ, ଆର୍ ଏସ୍ ଗୋପାଳନ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାଲକାନଗିରି ଜିଲ୍ଲାର ବନ୍ୟା ପରିସ୍ଥିତି ମୁକାବିଲା ନେଇ ପ୍ରସ୍ତୁତି ଉପରେ ସମୀକ୍ଷା କରିଛନ୍ତି । ଶ୍ରୀ ଗୋପାଳନ ସମ୍ପ୍ରତି ପରିସ୍ଥିତିରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ଉପରେ ଜିଲ୍ଲାପାଳ ସଚିନ ପାୱାର ଆରଡିସିଙ୍କୁ ଅବଗତ କରାଇଥିଲେ । ବନ୍ୟା ପ୍ରଭାବିତ ଅଂଚଳରେ କ୍ଷତିଗ୍ରସ୍ତ ହୋଇଥିବା ଜନସାଧାରଣଙ୍କ ସମ୍ପଦର ଆକଳନ କରି କ୍ଷତିପୂରଣ ବ୍ୟବସ୍ଥା କରିବା ନିମନ୍ତେ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି । ଜୀବନଜୀବିକା ସ୍ୱାଭାବିକ ହେବା ନିମନ୍ତେ ଯୋଗାଯୋଗ ଓ ଯାତାୟାତ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି । ଜଳବନ୍ଦୀ ଅଂଚଳରେ ଜଳ ନିଷ୍କାସନ ସହ ଆରଡବ୍ଲୁଏସଏସ ବିଭାଗକୁ ନଷ୍ଟ ହୋଇଥିବା ନଳକୂପ ମରାମତି ପାଇଁ କୁହାଯାଇଛି । ଉକ୍ତ ଅଂଚଳରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନୁରୂପ ଭାବେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ପର୍ଯ୍ୟାପ୍ତ ଔଷଧର ଉପଲବ୍ଧତା ସହ ଡ଼ାକ୍ତର ଓ କର୍ମଚାରୀଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷା ଋତୁରେ ସର୍ପ ଦଂଶନର ଆଶଙ୍କା ଅଧିକ ଥିବା ହେତୁ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କର ପରିଷ୍କାର ଓ ପରିଚ୍ଛନ୍ନତା, ସ୍ୱଚ୍ଛ ପାନୀୟ ଜଳ, ଶତ ପ୍ରତିଶତ ବିଜୁଳି ସେବା, ଅଙ୍ଗନୱାଡ଼ି କେନ୍ଦ୍ରରେ ଶୁଖିଲା ରାସନ୍ ଓ ଆଶ୍ରମ ବିଦ୍ୟାଳୟରେ ଶୁଖିଲା ରାସନ୍ ସୁନିଶ୍ଚିତ ପାଇଁ କୁହାଯାଇଛି । ଏହିଭଳି ପରିସ୍ଥିତିରେ ସାଧାରଣ ଜନତାଙ୍କ ସହ ବିନମ୍ରତାର ସହ ବ୍ୟବହାର କରି ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ ପାଇଁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି । ଆରଡିସିଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲାପାଳ ବୈଠକରେ ଜଣାଇଥିଲେ ।

ସେ ଆହୁରି ମଧ୍ୟ କହିଥିଲେ ଯେ, ପରିସ୍ଥିତିର ମୁକାବିଲା ପାଇଁ ସାତଟି ବ୍ଲକରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ କାର୍ଯ୍ୟ କରୁଛି । ସେହିପରି ଆନ୍ଧ୍ରପ୍ରଦେଶର ଜଳ ସମ୍ପଦ ବିଭାଗ ସହ ଯୋଗାଯୋଗ ରଖାଯାଇଛି ଏବଂ ସ୍ଥିତି ପର୍ଯ୍ୟବେକ୍ଷଣ କରାଯାଉଛି । ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ଉନ୍ନତି ଆସିଛି ଏବଂ ପ୍ରଶାସନ ଏଥିପ୍ରତି ପୂର୍ଣ୍ଣ ସଜାଗ ଥିବା କଥା ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଉପ ଜିଲ୍ଲାପାଳଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ସମ୍ପଦ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଲେ ବିଜେପି ପ୍ରତିନିଧି ମଣ୍ଡଳୀ

ମାଲକାନଗିରି, ୨୪/୦୭ (ନି.ପ୍ର): ଭାରତୀୟ ଜନତା ପାର୍ଟି ମାଲକାନଗିରି ଜିଲ୍ଲା ବିଜେପି ସଭାପତି ନିମାଇଁ ଚନ୍ଦ୍ର ପାଲ ଓ ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଯାଇ ଓଡିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାରେ ନୂତନ ରାଜସ୍ୱ ଗ୍ରାମ ଘୋଷଣା, ଭୂମିହିନଙ୍କୁ ପଟ୍ଟା ଓ ଗ୍ରାମକଣ୍ଠ ପରମବକ ପଟ୍ଟା ପ୍ରଦାନ । ମାଲକାନଗିରି ଜିଲ୍ଲାରେ ମେଡିକାଲ କଲେଜ ନିର୍ମାଣ ନିମନ୍ତେ ଘୋଷଣା ଓ ଖାଲି ଥିବା ଡାକ୍ତର ପଦବୀ ପୂରଣ । ମାଲକାନଗିରି ଜିଲ୍ଲାରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ, ବଙ୍ଗାଳୀ ଶିକ୍ଷକ ନିଯୁକ୍ତି ଓ ବନ୍ଦ ଥିବା ବିଦ୍ୟାଳୟ ଗୁଡିକୁ ପୁନର୍ବାର ଆରମ୍ଭ ସମ୍ବନ୍ଧରେ ବିଧାନସଭାରେ ସାକ୍ଷାତ କରି, ମାଲକାନଗିରି ଜିଲ୍ଲାର ବିଭିନ୍ନ ପ୍ରକାରର ଅସୁବିଧା ସମ୍ପର୍କରେ ଅବଗତ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତୀ, ଅକ୍ଷୟ କୁମାର ବିଶାଳ, ଜିଲ୍ଲା ସମ୍ପାଦକ ନବଘନ ଲୋକେଇ ଜିଲ୍ଲା କୋଷାଧକ୍ଷ ସଞ୍ଜୟ ସରକାର, ନିହାର ରାୟ ଓ ବରିଷ୍ଠ ବିଜେପି ନେତା ମନୋଜ କୁମାର ନାୟକ ଉପସ୍ଥିତ ଥିଲେ ।

# ଗୋଶାଳା ବନ ମହୋତ୍ସବରେ ମା'ଙ୍କ ପାଇଁ ଗଛଟିଏ ଅଭିଯାନ

ସମ୍ବଲପୁର, ୨୪/୦୭ (ନି.ପ୍ର): ମା'ଙ୍କ ପାଇଁ ଗଛଟିଏ ଅଭିଯାନ ଏବଂ ପଲ୍ଲିଶ୍ରୀ କଥାର ଏକାଦଶ ସ୍ୱନକ୍ଷତ୍ର ଦିବସ ଅବସରରେ ଗୋଶାଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ସମାଜସେବୀ ସଂସ୍କୃତିରନ୍ କାର୍ତିକ ପ୍ରସାଦ ବହିଦାର ସଭାପତିତ୍ୱରେ ବୃକ୍ଷରୋପଣ ଓ ସଚେତନତା ସଭା କରାଯାଇଥିଲା । ଏଥିରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସବିତାକାନ୍ତି ପାଣିଗ୍ରାହୀ ଓ ସମାଜସେବୀ ବାଳକୃଷ୍ଣ ସାହୁ ସମ୍ମାନୀତ ଅତିଥି ବିଶିଷ୍ଟ ସାହିତ୍ୟିକ ସୁଶାନ୍ତ କୁମାର ଶତପଥି ମୁଖ୍ୟବକ୍ତା ଓ ସାମାଜିକ କର୍ମୀ ରାମକୃଷ୍ଣ ନାୟକ ସମ୍ମାନୀତ ବକ୍ତା ଭାବରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଦେଶର ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀ, କ୍ରାନ୍ତିକାରୀ, ଅମର ସହିଦ୍, ମୁକ୍ତି ସଂଗ୍ରାମୀ ମାନଙ୍କୁ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିବା ସମସ୍ତଙ୍କ କର୍ତବ୍ୟ ବୋଲି ଆହ୍ୱାନ ଦେଇଥିଲେ ।

ପ୍ରାରମ୍ଭରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସଂସ୍କୃତ ଭାଷାରେ ପ୍ରାରମ୍ଭିକ ସ୍ୱାଗତ ସଂଗୀତ ଗାନ କରିଥିଲେ । ପ୍ରସାର ଭାରତୀର କଣ୍ଠଶିଳ୍ପୀ କାହ୍ନୁ କେଶବ ବହିଦାର୍ ପରିବେଶ ସୁରକ୍ଷା ଉପରେ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ । ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀ, ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା ମାନଙ୍କୁ ସଭାର ସଭାପତି ଶପଥ ପାଠ କରାଇଥିଲେ । ସ୍ଥାନୀୟ ସରପଂଚ ତଥା ସଭାର ମୁଖ୍ୟଅତିଥି ଡ଼. ସୁଷମା ସାହୁ ନିଜ ବକ୍ତବ୍ୟରେ 'ମା ଙ୍କ ପାଇଁ ଗଛଟିଏ' ଅଭିଯାନ ଓ ବନ ମହୋତ୍ସବ ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀ ମାନେ ବୃକ୍ଷ ରୋପଣ କରି ତାର ଉପଯୁକ୍ତ ଯତ୍ନ ଓ ରକ୍ଷଣା ବେକ୍ଷଣ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଅତିଥି କାରଗିଲ୍ ଯୁଦ୍ଧର ବୀରଯୋଦ୍ଧା ସୁବେଦାର୍ ମେଜର୍ ଶିବ ନାରାୟଣ ବେହେରାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଏବଂ କାହ୍ନୁ କେଶବ ବହିଦାର, ଜୟପ୍ରଭା ପଟ୍ଟନାୟକ, ସଂଯୁକ୍ତା ପ୍ରଧାନ ଓ ଆରାଧନା ମିଶ୍ରଙ୍କୁ ସମ୍ମାନୀତ କରାଯାଇଥିଲା । ପରେ ସାଧାରଣ ସମ୍ପାଦକ ହରି ଶଙ୍କର ମିଶ୍ର ସହଯୋଗୀ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଢ଼ୀପଦର ସ୍ଥିତ ଗ୍ରାମୀଣ ପାର୍କକୁ ପରିଦର୍ଶନ କଲେ ଜିଲ୍ଲାପାଳ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବଲାଙ୍ଗିର, ୨୪/୦୭ (ନି.ପ୍ର): ଆଜି ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ସ୍ଥିତ ଗ୍ରାମୀଣ ପାର୍କ କୁ ସରପଂଚ ଶ୍ରୀମତୀ ଲକ୍ଷ୍ମୀ ପଧାନଙ୍କ ଉପସ୍ଥିତିରେ ପରିଦର୍ଶନରେ ପହଂଚିଥିଲେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ତାଙ୍କ ସହ ଉପ ଜିଲ୍ଲାପାଳ ପ୍ରସନ୍ନ ପଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ବିଡ଼ିଓ ଅକ୍ଷୟପାଣି ଉଦ୍ଧୁ, ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ତହସିଲ୍ଦାର ସୁଶ୍ରୀ ସଂଘମିତ୍ରା କାଲୋ ଓ ଷ୍ଟାଫ, ଏ. ଇ ସିଦ୍ଧାର୍ଥ ପାଢୀ, କନିଷ୍ଠ ଯନ୍ତ୍ରୀ ଶ୍ରୀ ମହାରଣା । ପ୍ରଥମେ ସରପଂଚ ଶ୍ରୀମତୀ ପଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'କାଜଲ': ଆଧାର କାର୍ଡ଼ରେ ତ୍ରୁଟି ଓ କରୋନା ଯୋଗୁଁ ଲକ୍‌ଡ଼ାଉନର ପ୍ରଭାବ ସାଜିଲା ବାଧକ

ଉଦଳା , ୨୪/୭ (ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ରାଜାବସା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦିବାକର ନାଏକଙ୍କ କନ୍ୟା 'କାଜଲ' ପାଠ ପଢ଼ାରେ ଡ଼ୋରିବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି 'କାଜଲ' ରାଢ଼ୋ ଗ୍ରାମସ୍ଥିତ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ । କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣି ଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ । କାଜଲଙ୍କୁ ବର୍ତମାନ ବୟସ ୧୪ ବର୍ଷ ଛୁଇଁଲା । ସେହିପରି କାଜଲଙ୍କୁ ମିଳିଥିବା ଆଧାର କାର୍ଡ଼ରେ ବ୍ୟାପକ ତୃଟି ଥିବା ଯୋଗୁଁ ଏହି କାର୍ଡ଼ଟି କୌଣସି କାମରେ ଲାଗୁନାହିଁ ବୋଲି ସେ ଜଣାଇଛନ୍ତି । ଏପରିକି ସରକାର ମୁଣ୍ଡପିଛା ଯୋଗାଇଦେଉଥିବା ୫ କିଗ୍ରା ଚାଉଳ ମଧ 'କାଜଲ' ପାଇବାରୁ ବଂଚିତ ଅଛନ୍ତି । ବିଭାଗୀୟ କତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜଙ୍ଗଲ ଜମି ଅଧିକାର ଆଇନ ଉପରେ ସମୀକ୍ଷା ବୈଠକ

ଜୟପୁର , ୨୪/୭ (ନି.ପ୍ର): ଜୟପୁର ଉପ ଜିଲାପାଳ ଙ୍କ କାଯ୍ୟାଳୟରେ ଜଙ୍ଗଲ ଜମି ଆଧିକାର ଆଇନ ଉପରେ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଉପଖଣ୍ଡ ସ୍ତରିୟ ଜଙ୍ଗଲ, ଜମି ଅଧିକାର ଆଇନ ର ବୈଠକରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରି ବୈଶାଳି ଦୋରା, ଆଟିଡିଏର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରି ଜଜନ ବେହେରା ,ଏସିଏଫ ପ୍ରଶନ୍ନ କୁମାର ମିଶ୍ର, ଜୟପୁର ତହସିଲଦାର ମୋନାଲିସା ଆଚାର୍ଯ୍ୟ, ବୋରିଗୁମ୍ମା ତହସିଲଦାର ଅମୃତ ଲାଲା ବେହେରା,କୋଟପାଡ ତହସିଲଦାର କିତ୍ତି ଚନ୍ଦ୍ର ପଧାନ,ବୈପାରିଗୁଡା ତହସିଲଦାର ସ୍ନିଗ୍ଧା ଚୈଧୁରି, କୁନ୍ଦୁରା ତହସଲିଦାର ବିନୋଦ କୁମାର ନାୟକ,ଡବ୍ଲୁଇଓ,ଏଫଆରଏ କୋଡିନେଟର ଉପସ୍ଥିତ ଥିଲେ । ବୈପାରିଗୁଡା ବ୍ଲକର ୫ଟି ଗ୍ରାମ୍ୟ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇଛି ।

# ଜିଲ୍ଲାପାଳଙ୍କ ଅଧକ୍ଷତାରେ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ବାରିପଦା, ୨୪/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ୭୮ତମ ସ୍ୱାଧୀନତା ଦିବସ -୨୦୨୪ ଜାତୀୟ ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ମହାସମାରୋହରେ ପାଳନ କରାଯିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ତା.୨୩-୦୭-୨୦୨୪ ରିଖ ଅପରାହ୍ନ ଘ.୦୫:୦୦ ମି. ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟକ୍ଷଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ, ମୟୂରଭଞ୍ଜ ,ଶ୍ରୀଯୁକ୍ତ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ,ଭା.ପ୍ର.ସେ. ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ଶ୍ରୀଯୁକ୍ତ ନେତ୍ରାନନ୍ଦ ମଲ୍ଲିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ବୈଠକରେ ଚଳିତ ସ୍ୱାଧୀନତା ଦିବସ -୨୦୨୪ ଜାତୀୟ ଉତ୍ସବ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯିବା ସହ ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟକ୍ଷଦାର ସହିତ ଜାତୀୟତାବୋଧ ବଜାୟ ରଖି ଜିଲ୍ଲା ସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବି ସଂଗଠନ, ସର୍ବପରି ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡି.ଏସ.ପି., ଡି.ଆଇ.ବି., ରିଜର୍ଭ ପୋଲିସ ଇନ୍ସପେକ୍ଟର , ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ (ରାସ୍ତା ଓ ଗୃହ), ବାରିପଦା ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନ ର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟତ୍ରୀ , ଅଧ୍ୟାପକ ଅଧ୍ୟାପିକା , ସ୍ୱେଚ୍ଛାସେବି ଅନୁଷ୍ଠାନ ର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଗଣମାଧ୍ୟମ ର ପ୍ରତିନିଧି ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ମତପୋଷଣ କରିଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ସବିଶେଷ ଆଲୋଚନା ପରେ, ପୂର୍ବବର୍ଷର ସମସ୍ତ କାର୍ଯ୍ୟ ବିବରଣୀ ଦ୍ୱାରା ଏ ବର୍ଷର କାର୍ଯ୍ୟକ୍ରମ ମାନ ସ୍ଥିରୀକୃତ ହୋଇ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା. ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ, ରାମଧୂନ, ପ୍ରଭାତଫେରୀ ଜାତୀୟ ପତାକା ଉତ୍ତୋଳନ ଓ ମୁଖ୍ୟ ଅତିଥିଙ୍କ ଅଭିବାଦନ ଗ୍ରହଣ, ବହୁ ଭାଷା କବି ସମ୍ମିଳନୀ, ଫଳ-ବିସ୍କୁଟ /ମିଷ୍ଟାନ୍ନ ବଣ୍ଟନ, ପୁରସ୍କାର ବିତରଣୀ ଉତ୍ସବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମ ବିଷୟରେ ଜିଲ୍ଲାପାଳ ଆଲୋଚନା କରି ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଯଥାରୀତି ଦାୟିତ୍ୱ ନେବା ବିଷୟରେ ଅବଗତ କରାଇଥିଲେ। ଏହି ବୈଠକରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଭୁତିଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମ ଶଙ୍କର ମହାରଣା, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବୀଶ ସୁଶ୍ରୀ ଆଶନି ଏ.ଏଲ ପ୍ରମୁଖ ଉପସ୍ଥିତ ଥିଲେ. ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି, ଜିଲ୍ଲାପାଳଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରିବାକୁ ଘୋଷଣା କରିଥିଲେ।

**OFFICE OF THE PRINCIPAL**
**KAPTIPADA HIGHER SECONDARY SCHOOL, NUASAHI**
**DIST-MAYURBHANJ, PIN-757040, ODISHA**
Email-id-kaptipadacollege.nuasahi@gmail.com,
Mobile No-9937819190

**WALK-IN-INTERVIEW**

Wanted Guest faculty in the Subject logic, Political Science, Odia & a Night Watchman. Desirous candidates having minimum 55% marks in P.G Level for Lecturers and 8th pass for Night Watchman may attend the interview in the office of the Principal at 11.00 A.M. on dt.02.08.2024 with all testimonials. No TA/DA is allowed for attending the Interview.

S/d Principal I/C-Cum Secretary
Mobile No - 9937819190

# ସମ୍ବାଦ ପରିବେଷଣ ପରର ଦୃଶ୍ୟ : 'କାଳିଆ' ଷଷ୍ଠ ଓ 'ରାଇସେନ' ହେଲେ ସପ୍ତମ ଶ୍ରେଣୀର ଛାତ୍ର



ଉଦଳା , ୨୪/୭ (ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ରାଜାବସା ଗ୍ରାମର ବାସିନ୍ଦା ଦିବାକର ନାଏକଙ୍କ ପୁତ୍ର 'କାଳିଆ' ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିଲେ । ସେହିପରି କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ନୟାରଙ୍ଗାମାଟିଆ ଗ୍ରାମର ବାସିନ୍ଦା ଦାକ୍ଷିନ ହେମ୍ବ୍ରମଙ୍କ ପୁତ୍ର 'ରାଇସେନ' ପଂଚମ ଶ୍ରେଣୀ ପାସ କରିବା ପରେ ଦିର୍ଘ ୩ ବର୍ଷ ଧରି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିଲେ । ଉକ୍ତ ଘଟଣା ସମ୍ପର୍କରେ ଖବରକାଗଜରେ ସମ୍ବାଦ ପରିବେଷିତ ହେବା ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶେଷରେ ଶ୍ରୀଦାମଚନ୍ଦ୍ରପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ 'କାଳିଆ' ଓ ସପ୍ତମ ଶ୍ରେଣୀରେ 'ରାଇସେନ' ନାମ ଲେଖାଇଥିବାର ଜଣାଯାଇଛି । ଚଳିତ ଜୁଲାଇ ୨୩ ତାରିଖ ମଙ୍ଗଳବାର ଦିନ 'କାଳିଆ' ଓ ୨୪ ତାରିଖ ବୁଧବାର ଦିନ 'ରାଇସେନ'ଙ୍କ ନାମ ବିଦ୍ୟାଳୟରେ ଲେଖାଯାଇଥିବାର ଜଣାଯାଇଛି । ଶିକ୍ଷା ବିଭାଗର ଏପରି ତତ୍ପରତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

**AFFIDAVIT**

An affidavit before the executive Magistrate Balasore, I, Annapurna Dash, aged 67 yrs, W/o. Debendra nath Parida, At/Po. Deopada, P.S. Baisinga, Dist. Mayurbhanj declare that My surname was Annapurna Dash which was mentioned in Aadhar Card No. 949211296291. I have married to Debendra Nath Parida so according to Hindu Customs in some documents my name has been changed from Annapurna Das to Annapurna Parida which was mentioned in my Maruti Alto LXI BS IXI Regd. No. is OR01N5820. In which my name has been mentioned Annapurna Parida for which I want to change my name from Annapurna Parida to Annapurna Dash. Both Annapurna Dash and Annapurna Parida is one and same person.

ANNAPURNA DASH

# ଡାକ୍ତରୀ ଶିକ୍ଷାପ୍ରାପ୍ତ କରିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ନିଷ୍ଠା ଉପରେ ଏକ ଶୀର୍ଷକ ଆଲୋଚନା




ବୈଶିଙ୍ଗା, ୨୪/୭ (ନି.ପ୍ର): ସୁଦୁର ସ୍ୱିଡେନରେ ଅବସ୍ଥାପିତ ଓଡ଼ିଶାର ଶ୍ରୀରାମ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରୁ ଏମ୍.ବି.ବି.ଏସ୍. ଏବଂ ସ୍ୱିଡେନର ଲୁଣ୍ଡ୍ ବିଶ୍ୱବିଦ୍ୟାଳୟରୁ ଏମ୍.ଡି. (ରୁମାଟୋଲୋଜି), ଏମ୍.ଡି. (ଆଭ୍ୟନ୍ତରୀଣ ଭେଷଜ), ଏମ୍.ପି.ଏଚ୍. ଡିଗ୍ରୀ ହାସଲ କରିଥିବା ବିଶିଷ୍ଟ ରୁମାଟୋଲୋଜି ବିଶେଷଜ୍ଞ ଡା: ରବିନାରାୟଣ ଦାଶ ବୈଶିଙ୍ଗାର ସ୍ୱିୟାଂଶୀ ରାଧେ ଆବାଶିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରରେ ଡାକ୍ତରୀ ଶିକ୍ଷାପ୍ରାପ୍ତ କରିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ନିଷ୍ଠା ଉପରେ ଏକ ଶୀର୍ଷକ ଆଲୋଚନାକରି ବାଲେଶ୍ୱରର ଏକ ଗ୍ରାମରେ ଜନ୍ମଗ୍ରହଣ କରି ସେହି ଗାଁ ବିଦ୍ୟାଳୟରୁ ମାଧ୍ୟମିକ ଶିକ୍ଷା, ବାଲେଶ୍ୱରର ଟାଉନ ହାଇସ୍କୁଲରୁ ମାଧ୍ୟମିକ ଶିକ୍ଷା ଓ ଫକୀରମୋହନ ମହାବିଦ୍ୟାଳୟରୁ ବିଜ୍ଞାନରେ ମାଧ୍ୟମିକ ଶିକ୍ଷାଲାଭ କରି ତାଙ୍କ ଜୀବନରେ ଚିକିତ୍ସା ବିଜ୍ଞାନ ଅଧ୍ୟୟନ ଉଚ୍ଚରୁ ଉଚ୍ଚୋତ୍ତର ଶିକ୍ଷାଲାଭ କରି ସୁଦୁର ସ୍ୱିଡେନ୍ ତାର ଆଖପାଖ ଇଉରୋପ ମହାଦେଶର ଅନେକ ରାଷ୍ଟ୍ରରେ ଚିକିତ୍ସା ବିଜ୍ଞାନରେ ଅଧ୍ୟାପନା ଓ ରୁମାଟୋଲୋଜି ବିଶେଷଜ୍ଞ ଭାବରେ ଚିକିତ୍ସା ପ୍ରଦାନ କରିବାର ସଫଳତାର ସଂଘର୍ଷମୟ ଅଭିଜ୍ଞତା ଗୁଡିକ ବିଜ୍ଞାନରେ ମାଧ୍ୟମିକ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଆଲୋକପାତ କରାଇଛନ୍ତି। ଆହୁରିମଧ୍ୟ, ତାଙ୍କର ଚିକିତ୍ସା ବିଜ୍ଞାନକୁ ପେଷା ଭାବରେ ଗ୍ରହଣକରିବା ସହିତ ତାଙ୍କ ଜୀବନର ନିଶାମାନ ଯଥା ଏକାଧାରରେ ଓଡ଼ିଆ, ଇଂରାଜୀ ଓ ସ୍ୱିଡିସ୍ ଭାଷାରେ କବି, ଔପନ୍ୟାସିକ, ପ୍ରାବନ୍ଧିକ ହୋଇପାରିବା ଦିଗର ସଫଳତା ଉପରେ ଆଲୋଚନା କରିଥିଲେ। ଖାଲି ସେତିକି ନୁହେଁ, ତାଙ୍କର ଜନ୍ମମାଟିର ମୋହ ଓ ଦେଶପ୍ରତି କର୍ତ୍ତବ୍ୟ ଯଥା ବର୍ଷରେ ଚାରିଥର ସ୍ୱିଡେନରୁ ଓଡିଶା ଆସି ତାଙ୍କ ମା'ଙ୍କ ସ୍ମୃତିରେ ବର୍ଷକୁ ପ୍ରାୟ ୬୦ ଦିନ ଗ୍ରାମକୁ ଗ୍ରାମ ବୁଲି ବୁଲି ଚିକିତ୍ସା ଶିବିର ଆୟୋଜନ କରାଇ ନିଶୁଳ୍କ ଚିକିତ୍ସା ଯୋଗାଇବା ସହିତ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇବାର ଅନବରତ ପ୍ରୟାସ ଜାରିରଖିବା ନିଶାକୁ ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ, ତାଙ୍କ ସହିତ ତାଙ୍କର ବାଲ୍ୟବନ୍ଧୁ ଭାରତ ସରକାରଙ୍କ କୋଲ ଇଣ୍ଡିଆର ଭୂତପୂର୍ବ ମହାପ୍ରବନ୍ଧକ ଇଂ. ଅସୀତ ଭଞ୍ଜ, ତାଙ୍କର ସାନ ଭାଇ ବାଲେଶ୍ୱରରେ ଭାରତ ସଞ୍ଚାର ନିଗମ ଲିମିଟେଡର ଅତିରିକ୍ତ ମହାପ୍ରବନ୍ଧକ ଇଂ. ସତ୍ୟନାରାୟଣ ଦାଶ ଓ ଜଣେ ସାମାଜିକ କର୍ମୀ ତଥା ଆଧାତ୍ମବାଦୀ ବିବେକାନନ୍ଦ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ ଶିକ୍ଷା ଦିଗରେ ବିଭିନ୍ନ ଟିପ୍ପଣୀ ଦେଇଛନ୍ତି। ବିଶେଷକରି ସତ୍ୟନାରାୟଣ ଦାଶଙ୍କ ଦ୍ୱାରା ତାଙ୍କ ନିଜ ଗାଁ ବାଲଶ୍ୱର ଜିଲ୍ଲାର ବଡ଼ସିନ୍ଧିଆ ଠାରେ ଚାକିରୀ କରିବା ସହିତ ପ୍ରାୟ ୨୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଜଙ୍ଗଲ ସୃଷ୍ଟିକରିବାର ପରିବେଶ ପ୍ରେମର ନିଶାକୁ ପ୍ରକାଶକରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଜୀବନ କାଳ ମଧ୍ୟରେ ଅତି କମରେ ପାଞ୍ଚଟି ଲେଖାଏଁ ଗଛ ଲଗାଇ ଯତ୍ନର ସହିତ ବୃଦ୍ଧି କରାଇବାକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ଓ ଉପଦେଷ୍ଟା ତଥା ଜଣାଶୁଣା ସାମାଜିକ କର୍ମୀ ବିଜୟ କୁମାର ଆଚାର୍ଯ୍ୟ ପରିଚାଳନା କରାଇଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ଓ ସମ୍ପାଦକ ଇଶାନ କୁମାର ସାହୁ ଆୟୋଜନ କରିଛନ୍ତି।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବଜେଟ୍ ପୂର୍ବରୁ ଅର୍ଥନୈତିକ...

ରାଜ୍ୟର ପ୍ରାୟ ୬୨ ଲକ୍ଷରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହେଇଛନ୍ତି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ତେବେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ୩.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଶିଳ୍ପକ୍ଷେତ୍ରର ଅଭିବୃଦ୍ଧି ହାର ୮.୭ ପ୍ରତିଶତ, ସେବା କ୍ଷେତ୍ରର ଅଭିବୃଦ୍ଧି ହାର ୯.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି, ପୂର୍ବ ସରକାରଙ୍କ ଯୋଜନା, ନୀତି, ନୀତିକୁ ପ୍ରଣୟନ କରିବାର ଦକ୍ଷତା ଯୋଗୁଁ ଓଡ଼ିଶାର ଅଭିବୃଦ୍ଧି ଘଟିଛି। ଆମେ ବିଗତ ୨୪ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ କାମ କରିଛୁ।

### ୨୦ ହଜାର ଲାଞ୍ଚ ...

ଏନେଇ ଅନୁଗୋଳ ଭିଜିଲାନ୍ସ ବିଭାଗକୁ ଅବଗତ କରାଇଥିଲେ ହିତାଧିକାରୀ ଜଣଙ୍କ। ଏହାପରେ ଯୋଜନା ମୁତାବକ ଗତକାଲି ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କଠାରୁ ସରପଞ୍ଚ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ମାଡ଼ିବସିଥିଲା ଭିଜିଲାନ୍ସ ଟିମ୍। ଆଉ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ସରପଞ୍ଚଙ୍କ ଘର ଓ ଅଫିସରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ଏଥିସହ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରିଥିଲା ଭିଜିଲାନ୍ସ ଟିମ୍।

### ଭବାନୀ ଶଙ୍କର ଭୋଇ ହେଲେ...

ପରିଚାଳନା କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଭବାନୀ ଶଙ୍କର ଭୋଇ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲା ତଳସରା ବିଧାନସଭାରୁ ନିର୍ବାଚିତ ବିଧାୟକ। ସାଧାରଣ ନିର୍ବାଚନ-୨୦୨୪ରେ ସେ ତଳସରାରୁ ବିଜେପି ଟିକେଟରେ ବିଜୟୀ ହୋଇଛନ୍ତି। ଏହା ପୂର୍ବରୁ ସେ ୨୦୧୯ ନିର୍ବାଚନରେ ମଧ୍ୟ ଏହି ଆସନରୁ ବିଜୟୀ ହୋଇଥିଲେ। ୪୪ ବର୍ଷୀୟ ଶ୍ରୀ ଭୋଇ ୧୯୮୦ ମସିହା ଏପ୍ରିଲ ୨୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଗତକାଲି ଶ୍ରୀ ଭୋଇ ଉପ ବାଚସ୍ପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ଅବସର ରେ ବିଧାନସଭା ସଚିବ ଙ୍କ ପ୍ରକୋଷ୍ଠ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ, ପ୍ରଭାତି ପରିଡା , ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବୃନ୍ଦ ଏବଂ ବିଧାୟକଗଣ ଉପସ୍ଥିତ ଥିଲେ ।

### ଯାଞ୍ଚ ଆରମ୍ଭ କଲାଣି ...

ଓ ଫିଟନେସ ସାର୍ଟିଫିକେଟ ଏବଂ ଅଣବାଣିଜ୍ୟିକ ଗାଡ଼ିଗୁଡ଼ିକ ପାଇଁ ବୈଧ ରେଜିଷ୍ଟ୍ରେସନ ସାର୍ଟିଫିକେଟ ବାଧ୍ୟତାମୂଳକ। ଏହା ନଥିଲେ ଗାଡ଼ି ରାସ୍ତାରେ ଚାଲିବା ଧର୍ତ୍ତବ୍ୟ ଅପରାଧ। ନିୟମ ଉଲ୍ଲଂଘନକାରୀ ଏଭଳି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଲେ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ। ଯାହା ଫଳରେ ଦୁର୍ଘଟଣାର ଶିକାର ବ୍ୟକ୍ତି କ୍ଷତିପୂରଣ ପାଇପାରୁ ନାହାନ୍ତି। ତେଣୁ ସଡ଼କ ସୁରକ୍ଷା ଦୃଷ୍ଟିରୁ ଏଭଳି ଗାଡ଼ିଗୁଡ଼ିକୁ ନିୟନ୍ତ୍ରଣ କରିବା ଓ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। କେବଳ ଯେ, ବାଣିଜ୍ୟିକ ଓ ଘରୋଇ ଗାଡ଼ିମାନଙ୍କ କ୍ଷେତ୍ରରେ ଏ ନିୟମ ଲାଗୁ ହେବ ତା' ନୁହେଁ। ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ଏ ନିୟମ ଉଲ୍ଲଂଘନ ହେବା ଧରାପଡ଼ିଲେ, ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା ରୁଜୁ ହେବ। ଏଣେ ସହର ହେଉ କି ଗାଁ ଗହଳିରେ ଚାଲୁଥିବା ଯାନବାହାନ ହେଉ ଅବା ଖଣି ଖାଦାନ ଅଞ୍ଚଳରେ ଟ୍ରକ୍। ସବୁଠି କାହାର ନମ୍ବର ପ୍ଲେଟ୍ ଠିକରେ ଦିଶୁନି, ତ କାହାର ଫିଟନେସ୍ ବି ନାହିଁ। ଯାହାକି ଜନଜୀବନ ପାଇଁ ବଡ଼ ବିପଦ ବୋଲି କହିଲେଣି ସାଧାରଣ ଜନତା। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ବି କହିଲେଣି ସରକାରଙ୍କ କଡ଼ା ନିୟମ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ସେପଟେ ଟ୍ରାନ୍ସପୋର୍ଟ ବିଭାଗର କଡ଼ା ନିର୍ଦ୍ଦେଶନାମା ପରେ ସଜାଗ ହୋଇଛି ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ)। ଏସଟିଏର ସିନିୟର ଏନଫୋର୍ସମେଣ୍ଟ ଅଧିକାରୀ ଲାଲମୋହନ ସେଠୀ କହିଛନ୍ତି, ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଦକ୍ଷ ଅଫିସରଙ୍କୁ ନେଇ ସ୍ପେଶାଲ୍ ଟିମ୍ ଗଠନ ହୋଇଛି। ଆସନ୍ତା ୨୯ ତାରିଖରୁ ଏମାନେ ଅତର୍କିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟର ଯାନ ଆଇନ ଉଲ୍ଲଙ୍ଘନକାରୀ ଗାଡିକୁ ସିଜ କରିବା ସହ ମାମଲା ରୁଜୁ କରିବେ। ଏମିତିକି ବେଆଇନ ଫିଟନେସ୍ ସାର୍ଟିଫିକେଟ ପ୍ରଦାନରେ କେଉଁଠି ଆରଟିଓ କର୍ମଚାରୀଙ୍କ ତ୍ରୁଟି ପରିଲକ୍ଷିତ ହେଲେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଫିଟନେସ୍ ନଥାଇ ଚାଲୁଥିବା ଗାଡ଼ି, ଓଭର ଲୋଡିଂ ଓ ଅଧିକା ଭଡ଼ା ନେଉଥିବା ଗାଡ଼ିଙ୍କ ବିରୋଧରେ ତୁରନ୍ତ ଆକ୍ସନ ହେବ। ସ୍କୁଲ ଓ କଲେଜରେ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ଗାଡ଼ି ଗୁଡିକ ଉପରେ କଡା ନଜର ରଖାଯିବ ବୋଲି ଶ୍ରୀସେଠୀ କହିଛନ୍ତି। ସବୁଠୁ ବଡ଼ କଥା ହେଲା ଫିଟନେସ୍ ଓ ରେଜିଷ୍ଟ୍ରେସନ ନଥାଇ ଚାଲୁଥିବା ଗାଡ଼ି ଗୁଡ଼ିକର ତାଲିକା କରି ଆରଟିଓମାନେ ବିଭିନ୍ନ ଟୋଲ୍ ଗେଟ୍ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ। ଯହାଦ୍ୱାରା ସଂପୃକ୍ତ ଗାଡ଼ିଗୁଡ଼ିକ ଟୋଲ ଗେଟ୍ ଦେଇ ଗଲା ବେଳେ ସହଜରେ ଧରା ପଡ଼ିବେ।

### ଏବେ ମିଳିବନି ନୂଆ ...

କହିଛନ୍ତି ଯେ, ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଆଧାରଭିତ୍ତିକ ଇ-କେୱାଇସି ଯାଂଚ ପ୍ରକ୍ରିୟା ଆରମ୍ଭ କରାଯିବାକୁ ପଦକ୍ଷେପ ନିଆଯାଉଛି । ଏହି ଯାଂଚ ପ୍ରକ୍ରିୟା ଶେଷ ହେବାପରେ ନୂଆ ରାସନ କାର୍ଡ ଯୋଗାଇ ଦେବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ । ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ ୯୨.୬୬ଲକ୍ଷ ପରିବାରର ୩ କୋଟି ୨୫ଲକ୍ଷ ୯୩ହଜାର ୮୭୫ଜଣ ହିତାଧିକାରୀ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩.୧୫ଲକ୍ଷ ପରିବାରର ୧୦.୦୨ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି । ଏବେ ଏହି ଦୁଇଟି ଯୋଜନାରେ ସାମିଲ ହେବା ପାଇଁ ମୋଟ ୬ଲକ୍ଷ ୧୯ହଜାର ୮୩୬ଟି ପରିବାର ଆବେଦନ କରିଛନ୍ତି । ନୂଆ ହିତାଧିକାରୀ ଚୟନ ପାଇଁ ସରକାର ୧୨ଟି ମାନଦଣ୍ଡ ଓ ଅଯୋଗ୍ୟଙ୍କୁ ବାଦ୍ ଦେବା ପାଇଁ ୧୦ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ଜିଲ୍ଲାସ୍ତରରେ ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ଏହାର ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ଏଥିରେ ସାମିଲ କରାଯାଇଥାଏ । ତେବେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ହିତାଧିକାରୀ ଚୟନର ସର୍ବୋଚ୍ଚ ସୀମାକୁ ଦୃଷ୍ଟିରେ ରଖି ଖାଲି ପଡ଼ିଥିବା ସ୍ଥାନରେ ଏହି ହିତାଧିକାରୀଙ୍କୁ ସାମିଲ କରାଯିବାର ବ୍ୟବସ୍ଥା ରହିଛି ।

### ଅବଦୁଲ କଲାମ ଦ୍ୱୀପରୁ ...

ସମେତ ବିଭିନ୍ନ ସ୍ଥାନରେ ଆଇଟିଆର, ଚାନ୍ଦିପୁର ଦ୍ୱାରା ନିୟୋଜିତ ଇଲେକ୍ଟ୍ରୋ-ଅପ୍ଟିକାଲ୍ ସିଷ୍ଟମ, ରାଡାର ଏବଂ ଟେଲିମେଟ୍ରି ଷ୍ଟେସନ ପରି ରେଞ୍ଜ ଟ୍ରାକିଂ ଉପକରଣ ଦ୍ୱାରା କଏଦ ହୋଇଥିବା ଫ୍ଲାଇଟ୍ ତଥ୍ୟରୁ ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତା ଉପରେ ନଜର ରଖାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଏଣ୍ଡୋ-ବାୟୁମଣ୍ଡଳୀୟ କ୍ଷେପଣାସ୍ତ୍ର ହେଉଛି ଏକ ସ୍ୱଦେଶୀ ବିକଶିତ ଦୁଇଟି ପର୍ଯ୍ୟାୟ କଠିନ ଚାଳିତ ଭୂମି ଉତକ୍ଷେପଣ କ୍ଷେପଣାସ୍ତ୍ର ପ୍ରଣାଳୀ ଯାହା ଏଣ୍ଡୋର ଉଚ୍ଚତା ବ୍ରାକେଟ୍‌ରେ ନିମ୍ନ ଏକ୍ସୋ-ବାୟୁମଣ୍ଡଳୀୟ ଅଞ୍ଚଳର ଅନେକ ପ୍ରକାରର ଶତ୍ରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବିପଦକୁ ନିରପେକ୍ଷ କରିବା ପାଇଁ ଉଦ୍ଦିଷ୍ଟ। ବିଭିନ୍ନ ଡିଆରଡିଓ ଲାବୋରେଟୋରୀ ଦ୍ୱାରା ବିକଶିତ ଅନେକ ଅତ୍ୟାଧୁନିକ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା କ୍ଷେପଣାସ୍ତ୍ର ପ୍ରଣାଳୀରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ର ରାଜନାଥ ସିଂ ଆଜିର ସଫଳ ବିମାନ ପରୀକ୍ଷଣ ପାଇଁ ଡିଆରଡିଏକୁ ପ୍ରଶଂସା କରିଛନ୍ତି ଏବଂ ଏହା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷମତା ପ୍ରଦର୍ଶନ କରିଥିବା ଦର୍ଶାଇଛନ୍ତି। ସେହିପରିପ୍ରତିରକ୍ଷା ବିଭାଗର ସଚିବ (ଆରଆଣ୍ଡଡି) ଏବଂ ଚେୟାରମ୍ୟାନ୍ ଡିଆରଡି ଡ ସମୀର ଭି କାମାଥ ସମଗ୍ର ଡିଆରଡିଓ ଦଳକୁ ସେମାନଙ୍କର ନିରନ୍ତର ପ୍ରୟାସ ଏବଂ ଅବଦାନ ପାଇଁ ଆଜିର ସଫଳ ବିମାନ ପରୀକ୍ଷଣରେ ଅଭିନନ୍ଦନ ଜଣାଇଛନ୍ତି।

### ରେଳ ପାଇଁ ଓଡ଼ିଶାକୁ ୧୦...

ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଢ଼ାଖୋଲ, ରାଇରଙ୍ଗପୁର,ରାଜଗାଙ୍ଗପୁର, ରାୟଗଡ଼ା, ରାଉରକେଲା, ସାକ୍ଷୀଗୋପାଳ, ସମ୍ବଲପୁର, ସମ୍ବଲପୁର ସିଟି, ତାଳଚେର ରୋଡ୍, ସୋର ଓ ଟିଟିଲାଗଡ଼ ଜଂସନ୍। ଏଥିରୁ କିଛି ଷ୍ଟେସନ୍‌ର ନବୀକରଣ କାମ ଚାଲିଥିବା ବେଳେ ଆଉ କେତେକ ଷ୍ଟେସନ୍‌ର କାମ ଆରମ୍ଭ ହେବ। କିଛି ଷ୍ଟେସନ୍‌ର ସ୍ଥିତି ଅନୁଧ୍ୟାନ ମଧ୍ୟ କରିଛି। ୨୦୧୪ରୁ ଆଜି ପର୍ଯ୍ୟନ୍ତ ୪୨୭ଟି ଫ୍ଲାଏଓଭର ଓ ଅଣ୍ଡରପାସ୍ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ।

### ବଜେଟ୍‌କୁ ବିରୋଧ: ନୀତି ଆୟୋଗ...

ଏହି ବୈଠକକୁ ଯିବେନି। ସେଥିମଧ୍ୟରୁ କଂଗ୍ରେସ ଶାସିତ ରାଜ୍ୟର ତିନିଜଣ ମୁଖ୍ୟମନ୍ତ୍ରୀ ଅଛନ୍ତି। କହିରଖୁ ଯେ, ଇଣ୍ଡିଆ ମେଣ୍ଟର ପ୍ରମୁଖ ସହଯୋଗୀ ଡିଏମ୍‌କେ ସୁପ୍ରିମୋ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ରାଜ୍ୟ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ପୂର୍ବରୁ ହିଁ ନୀତି ଆୟୋଗ ବୈଠକକୁ ବହିଷ୍କାର ଘୋଷଣା କରିସାରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଇଣ୍ଡିଆ ମେଣ୍ଟର ନେତାଙ୍କ ବୈଠକ ବସିଥିଲା। ଏହି ବୈଠକରେ ବଜେଟ ଉପରେ ଚର୍ଚ୍ଚା ହୋଇଥିଲା। ଅଣ ବିଜେପି ଶାସିତ ରାଜ୍ୟ ପ୍ରତି ଭେଦଭାବ କରାଯାଥିବା ନେଇ ବିରୋଧୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଇଣ୍ଡିଆ ମେଣ୍ଟର ସମସ୍ତ ମୁଖ୍ୟମନ୍ତ୍ରୀ ମଧ୍ୟ ନୀତି ଆୟୋଗ ବୈଠକକୁ ବହିଷ୍କାର କରିବାକୁ ଘୋଷଣା କରିଥିଲେ।

### ଖୁବଶୀଘ୍ର କୋଷ୍ଟାଲ...

ଏଥିପାଇଁ ଡିପିଆର୍ ସହ ଆନୁଷଙ୍ଗିକ ମଞ୍ଜୁରୀ ପ୍ରାୟ ସମ୍ପୂର୍ଣ୍ଣ ହେବା ସ୍ଥିତିରେ ଅଛି । ଖୁବ ଶୀଘ୍ର କୋଷ୍ଟାଲ ହାଇୱେ ନିର୍ମାଣ କାମ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପୂର୍ବୋଦୟ କଳ୍ପନା ସାକାର କରିବା ଦିଗରେ ଉପକୂଳ ରାଜପଥ ଓଡ଼ିଶା ସମେତ ପୂର୍ବ ଭାରତର ସାମାଜିକ ଓ ଆର୍ଥିକ ବିକାଶ ଦିଗରେ ଗେମ୍ ଚେଞ୍ଜର ହେବ । ସଡ଼କପଥ କ୍ଷେତ୍ରରେ ଓଡ଼ିଶାରେ ନୂଆ ସୂର୍ଯ୍ୟୋଦୟ ହେବ । ସେହିପରି କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ମୋଦୀ ସରକାରରେ ସଡ଼କପଥ ଭିତ୍ତିଭୂମି ଓ ଗମନାଗମନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ଭାରତମାଳା ପରିଯୋଜନାରେ ଓଡ଼ିଶାରେ ୬,୦୯୨ କୋଟି ଟଙ୍କା ବ୍ୟୟରେ ୧୧୧ କିମି ବିଶିଷ୍ଟ କ୍ୟାପିଟାଲ ରିଜିୟନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆଗକୁ ବଢ଼ିଛି। ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକକୁ ସଂଯୋଗ କରୁଥିବା ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଏହି ରିଙ୍ଗ୍ ରୋଡ୍ ପ୍ରକଳ୍ପ 'ପୂର୍ବୋଦୟ' ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

ଗୁରୁବାର, ୨୫ ଜୁଲାଇ ୨୦୨୪

ଧ୍ୱନି ପ୍ରତିଧ୍ୱନି

# ଶିକ୍ଷା ସପ୍ତାହରେ ୭୫ଟି ପାରମ୍ପରିକ କ୍ରୀଡ଼ାକୁ ବିଦ୍ୟାଳୟସ୍ତରରେ ବ୍ୟାପକ କରିବାକୁ ପ୍ରୟାସ

ଭୁବନେଶ୍ୱର, ୨୪/୭ (ନି.ପ୍ର): ଜାତୀୟ ଶିକ୍ଷାନୀତି -୨୦୨୦ର ଚତୁର୍ଥ ବର୍ଷ ପୂର୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଫଳତାର ସହ 'ଶିକ୍ଷା ସପ୍ତାହ' ପାଳନ କରାଯାଉଛି । ଏହା ଆଧାରରେ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ସମେତ ଶାରୀରିକ ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବୁଧବାର ଦିନ ଶିକ୍ଷା ସପ୍ତାହର ତୃତୀୟ ଦିବସକୁ କ୍ରୀଡ଼ା ଦିବସ ରୁପେ ପାଳନ କରାଯାଇଛି। କ୍ରୀଡ଼ାକୁ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ ବରଂ ମୁଖ୍ୟ ପାଠ୍ୟକ୍ରମ ଭାବରେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କ୍ରୀଡ଼ାର ଗୁରୁତ୍ୱକୁ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ପହଞ୍ଚାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ତେବେ ଭାରତର କୋଣ ଅନୁକୋଣରେ ଥିବା ପାରମ୍ପାରିକ ଖେଳକୁ ଶିକ୍ଷାନୀତି-୨୦୨୦ରେ ସାମିଲ କରାଯାଇଛି । ଶିକ୍ଷା ସପ୍ତାହର ଏହି ଦିବସଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହଭାଗିତା, ଦଳଗତ କାର୍ଯ୍ୟ ମନୋଭାବ ବୃଦ୍ଧି, ଶୃଙ୍ଖଳିତ ଆଚରଣ ବୃଦ୍ଧି, ଖେଳୁଆଡ଼ ମନୋଭାବ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ। ରାଜ୍ୟ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତିରେ ଥିବା ୭୫ ଟି ପାରମ୍ପରିକ କ୍ରୀଡ଼ାକୁ ନେଇ ଏହି କ୍ରୀଡ଼ା ଦିବସ ପାଳନ କରାଯାଇଛି। ସ୍ଥାନୀୟ ଅଂଚଳର ହଜିଯାଉଥିବା କ୍ରୀଡ଼ା ଉପରେ ଅଧିକ ଧ୍ୟାନ ଦିଆଯାଉଛି। ଭାରତର ପ୍ରାଚୀନ ସଭ୍ୟତା ସହିତ ଅନେକ ପାରମ୍ପାରିକ କ୍ରୀଡ଼ା ଯୋଡ଼ି ହୋଇରହିଛି। ଏହାର ଐତିହାସିକ ମୁହୂର୍ତ୍ତକୁ ଭବିଷ୍ୟତ ପିଢ଼ିଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ କ୍ରୀଡ଼ା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଖେଳ ଶିକ୍ଷକମାନେ ପାରମ୍ପାରିକ ଖେଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ଆଉଟଡ଼ୋର ଖେଳକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା।

# ଦୁଇ ବର୍ଷ ହେଲା ବସୁଧା ପାଣି ପାଇପାରୁନାହାଁନ୍ତି ତୈଲକ ଗ୍ରାମବାସୀ: ପିଇବା ପାଣି କଷ୍ଟରେ ଗ୍ରାମବାସୀଙ୍କ ବିତୁଛି ଜୀବନ



ଲଙ୍ଗଳେଶ୍ୱର, ୨୪/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତର ତୈଲ୍ୟକ ଗ୍ରାମର ଗ୍ରାମବାସୀ ଆଜକୁ ଦୁଇ ବର୍ଷ ହେବ ବସୁଧା ପାଣି ପାଇ ପାରୁ ନାହାଁନ୍ତି। ସେଥିପାଇଁ ପିଇବା ପାଣି କଷ୍ଟରେ ଗ୍ରାମବାସୀଙ୍କ ଜୀବନ ବିତୁଛି । ବସୁଧା ଯୋଜନାର ଗ୍ରାମରେ ସବୁଠି ପାଣି ପାଇପ ପଡି ଘରକୁ ପାଣି ଯୋଗାଇବାର ବ୍ୟବସ୍ଥା ହୋଇଛି। ମାତ୍ର ପାଣି ର ପ୍ରେସର ଠିକ ହେଉ ନଥିବାରୁ ଗ୍ରାମର ଅଧାରୁ ଶେଷ ମୁଣ୍ଡ ଯାଏ ପାଣି ଠିକ ଭାବରେ ଯାଇ ପାରୁନି। ତେଣୁ ବହୁ ଲୋକେ ପାଣି ପାଇପାରୁ ନଥିବାରୁ ଗ୍ରାମବାସମାନେ ବହୁ ଅସୁବିଧାରସମ୍ମୁଖୀନ ହେଉଛନ୍ତି । ଏହାର ସମାଧାନ ପାଇଁ ଗ୍ରାମବାସମାନେ ପଞ୍ଚାୟତ ର ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ବାରମ୍ବାର ଗୁହାରୀ କରି ଫଳ କିଛି ନହେବାରୁ ବୁଧବାର ପୂର୍ବାହ୍ନରେ ଗ୍ରାମର ମହିଳା ମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରି ଥିଲେ। ମାତ୍ର ସରପଞ୍ଚ କିମ୍ବା ନାଏବ ସରପଞ୍ଚ କାର୍ଯ୍ୟାଳୟରେ ନଥିବାରୁ ମହିଳା ମନେ ସରପଞ୍ଚ ଙ୍କୁ ଫୋନରେ ଯୋଗ ଯୋଗା କରିବାରୁ ସରପଞ୍ଚ ପାଣି ସମସ୍ୟାକୁ ସମାଧାନ କରିପାରିବେ ନାହିଁ ବୋଲି କହିବା ସହିତ ଉକ୍ତ ସମସ୍ୟା ବିଷୟରେ ବିଡିଓ ଙ୍କୁ ଜଣାଇବାକୁ କହିଥିଲେ। ତେବେ ଏକ ସପ୍ତାହ ଭିତରେ ଯଦି ପାଣି ସମସ୍ୟାର ସମାଧାନ ନହୁଏ ତେବେ ଗ୍ରାମବାସୀ ଆଗମୀ ଦିନରେ ପଞ୍ଚାୟତ ଅଫିସ ରେ ତାଲା ପକାଇ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଉକ୍ତ ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପଙ୍କଜ ତ୍ରିପାଠୀ କହନ୍ତି ବାସୁଧା ଯୋଜନା ଠିକ କାର୍ଯ୍ୟ କରୁଛି । ମାତ୍ର ଗ୍ରାମର ଘରୋଇ ପାଣି ସଂଯୋଗରେ ଗ୍ରାହକ ସଂଖ୍ୟା ବଢ଼ିବା ସହିତ ଗ୍ରାହକ ମାନେ ଟୁଲୁ ପାଣି ପମ୍ପ ଲଗାଇ ପାଣିଟାଙ୍କିକୁ ପାଣି ଟାଣୁଥିବାରୁ ପ୍ରେସର କମି ଯାଉଛି। ଯାହା ଫଳରେ ଗାଁ ମୁଣ୍ଡକୁ ପାଣି ପହଞ୍ଚି ପରୁନି।

# ଅନ୍ତର୍ଜାତୀୟ ୨ ରଗ୍‌ବୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



ବାରିପଦା , ୨୪/୭ (ନି.ପ୍ର): ଜୁନ୍ ମାସ ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଫ୍ରାନ୍ସଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ରଗବୀ ପ୍ରତିଯୋଗିତାରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ପ୍ରତ୍ୟାବର୍ତ୍ତନ କରିଥିବା ମୟୁରଭଞ୍ଜ ଜିଲ୍ଲାର ସନ୍ଧ୍ୟାରାଣୀ ଟୁଡୁ ଓ ଡୁମୁନି ମାର୍ଣ୍ଡୀଙ୍କୁ ଜିଲ୍ଲାପାଳ ଦତ୍ତଓତ୍ରେୟ ଭାଉସାହେବ ଶିନ୍ଦେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଉଭୟ ଖେଳାଳିଙ୍କୁ ପ୍ରୋତ୍ସାହନ ରାଶି ସ୍ୱରୂପ ୧୦ ହଜାର ଲେଖାଏଁ ଟଙ୍କା ପ୍ରଦାନ କରିଛନ୍ତି ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟ ଏକାଡେମୀ ତରଫରୁ ମଧ ଜିଲ୍ଲାପାଳଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ତତସହିତ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୌଲତ ଚନ୍ଦ୍ରକାର, ଉଦୟନାଥ ମହାପାତ୍ର, ଉପ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ପ୍ରମୁଖ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ସନ୍ଧ୍ୟାରାଣୀ ବାରିପଦା ବ୍ଲକ୍ ଅନ୍ତର୍ଗତ ରାଧିକାଶୋଳ ଲକ୍ଷ୍ମୀଧର ଟୁଡୁ ଓ ଫୁଲମଣୀ ଟୁଡୁଙ୍କ କନିଷ୍ଠ ଝିଅ ହୋଇଥିବା ବେଳେ ଡୁମୁନି କୁଳିଅଣା ବ୍ଲକ ଅନ୍ତର୍ଗତ ଗେଣ୍ଡାପୋଖରୀ ଗ୍ରାମର ଦୁଲବ କିଶୋର ମାର୍ଣ୍ଡି ଓ ସାଲଖା ମାର୍ଣ୍ଡିଙ୍କ ଝିଅ ଅଟନ୍ତି। ସନ୍ଧ୍ୟାରାଣୀ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ରହି ଖେଳ ଜାରି ରଖିଥିବା ବେଳେ ଡୁମୁନି ଭୁବନେଶ୍ୱର ସ୍ଥିତ କିସ୍ ବିଦ୍ୟାଳୟରେ ପ୍ରଶିକ୍ଷଣ ନେଉଥିଲେ । ପୂର୍ବରୁ ଦୁହେଁ ବହୁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିଧ୍ୱନିତ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଭାରତ ପ୍ରଥମ ଥର ପାଇଁ ବିଶ୍ୱ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନବମ ସ୍ଥାନରେ ରହିଥିଲେ ଓ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ତଥା ସମାଜସେବୀ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂ, ଜିଲ୍ଲାଶିକ୍ଷା କ୍ରୀଡ଼ା ଅଧିକାରୀ ଭାଗିରଥି ମଲ୍ଲିକ ଓ ଏକାଡେମୀ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, କୋଚ ଚନ୍ଦନ ସିଂ ଓ ତରଣୀସେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ଜାହାଜରୁ ଜାହାଜକୁ ତୈଳ ପରିବହନ




ପାରାଦୀପ, ୨୪/୭ (ନି.ପ୍ର): ପାରାଦୀପ ବନ୍ଦର ଦ୍ୱାରା ପ୍ରଥମ ଥର ପାଇଁ ବନ୍ଦର ପୋତାଶ୍ରୟ ମଧ୍ୟରେ ଜାହାଜରୁ ଜାହାଜକୁ ସ୍ୱତନ୍ତ୍ରମାନର ଡିଜେଲ ପରିବହନ ସଫଳତାର ସହିତ ବୋଝେଇ କରାଯାଇଛି । ଯାହାକି ବନ୍ଦର ଇତିହାସରେ ପ୍ରଥମ ଥର ଏହି ସଫଳତା ହାସଲ କରିଛି । ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ନର୍ଥ ଅଏଲ୍ ଜେଟି ନିକଟରେ ଏମଭି ଓରକିମ୍ ଫରଟିଚ୍ୟୁଡ୍ ଜାହାଜରୁ ଅନ୍ୟ ଏକ ତୈଳବାହୀ ଜାହାଜ ଏମଭି ଟର୍ମ ରିପବ୍ଲିକାନ୍‌ରେ ବୋଝେଇ କରାଯାଇଛି । ଏହା ଦ୍ୱାରା କମ୍ ସମୟ ମଧ୍ୟରେ ଜାହାଜରୁ ଜାହାଜକୁ ପଣ୍ୟ ପରିବହନ କରିବା ଦ୍ୱାରା ଜାହାଜ ବର୍ଥିଙ୍ଗ ଖର୍ଚ୍ଚକୁ କମ୍ କରାଯାଇ ପାରିଛି । ଏହି ସଫଳତା ପରେ ଅଭିଯାନରେ ସାମିଲ ହୋଇଥିବା ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ, ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଅଭିନନ୍ଦନ ଜଣାଇଛନ୍ତି । ଜାହାଜରୁ ଜାହାଜକୁ ପଣ୍ୟ ପରିବହନ ଏକ କଷ୍ଟକର କାର୍ଯ୍ୟ ହୋଇଥିବା ବେଳେ ବନ୍ଦର ଅଧିକାରୀ, କର୍ମଚାରୀ ସଫଳତାର ସହିତ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି ।

# କୋର୍ଟ କେଶ୍ ପରିଚ୍ଛଳନାରେ ୱେବ୍ ଆପ୍ଲିକେଶନ୍ ନେଇ କର୍ମଶାଳା



ଭଦ୍ରକ, ୨୪/୭ (ନି.ପ୍ର): ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସହ ସଂପୃକ୍ତ ନ୍ୟାୟିକ ମୋକଦ୍ଦମା ସବୁର ସମାଧାନ, କାଉଁଟର ଆଫିଡେବିଟ୍ ଆଦିର ସହଜ ଶୀଘ୍ର ସୁପରିଚ୍ଛଳନା ପାଇଁ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରଥମଥର ପାଇଁ ୱେବ୍ ବ୍ୟବସ୍ଥାର ପ୍ରଚଳନ ଆରମ୍ଭ କରାଯିବା ପରିପ୍ରେକ୍ଷୀରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସି.ଡି.ଓ. ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡ଼େପୁଟୀ କଲେକ୍ଟର, କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ହାଇକୋର୍ଟ, ଏନ୍.ଏଚ୍.ଆର.ସି., ଓ.ଏଚ୍.ଆର୍.ସି., ଡବ୍ଲୁ.ପି.ସି., ଜିଲ୍ଲା କୋର୍ଟ, ଜିଲ୍ଲାପାଳଙ୍କ କୋର୍ଟ ଆଦି ଜରିଆରେ ଆଗତ ହେଉଥିବା ବିଭିନ୍ନ କେଶ୍‌ର ସମାଧାନ ଦିଗରେ ସୁପରିଚ୍ଛଳନା ପାଇଁ ନୂତନ ଏବଂ ପ୍ରଥମଥର ଭାବେ ପ୍ରଚଳନ କରାଯିବାକୁ ଥିବା ୱେବ୍ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଏଚ୍.ଡି.ଏଫ୍.ସି. ବ୍ୟାଙ୍କର ପୃଷ୍ଠପୋଷକତାରେ ପ୍ରଚଳନ କରାଯାଇଥିବା ଏହି ୱେବ୍ ବ୍ୟବସ୍ଥା ସମ୍ବନ୍ଧରେ ଉକ୍ତ ବ୍ୟାଙ୍କର ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ସଂପୃକ୍ତ କର୍ମଚ୍ଛରୀ ମାନେ ଏହି ବ୍ୟବସ୍ଥାର ବୈଷୟିକ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିପାଇଁ ସମସ୍ତ ବିଭାଗକୁ ଲିଙ୍କ୍, ୟୁଜର ଆଇଡ଼ି ପାସ୍‌ୱାର୍ଡ଼ ପ୍ରଦାନ କରାଗଲା, ଯାହା ଜରିଆରେ ଲଗ୍‌ଇନ୍ କରି ବିଭାଗୀୟ ଅଧିକାରୀ ତଥା ପ୍ରତି ବିଭାଗ ପାଇଁ ଥିବା ନୋଡ଼ାଲ ଅଧିକାରୀ ମାନେ ପ୍ରତିଦିନ ନିଜନିଜ ବିଭାଗ ସମ୍ବନ୍ଧୀୟ କେଶ୍ ବିଷୟ ଦେଖିପାରିବେ ଏବଂ ସମାଧାନ ପାଇଁ ଗୃହୀତ ପଦକ୍ଷେପ ବିଷୟରେ ମଧ୍ୟ ୱେବ୍ ଜରିଆରେ ଅପ୍‌ଲୋଡ୍ କରିପାରିବେ। ଜିଲ୍ଲା ସ୍ତରୀୟ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଜିଲ୍ଲାର ସମସ୍ତ ବିଭାଗୀୟ କେଶ୍ ବିଷୟରେ ମନିଟରିଂ କରିପାରିବେ। ଏହି ବ୍ୟବସ୍ଥାରେ ବିଭାଗୀୟ ଅଧିକାରୀମାନେ କେବଳ ନିଜ ନିଜ ବିଭାଗ ସଂପୃକ୍ତ କେଶ୍‌କୁ ଦେଖିପାରିବେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତ ଏହି ପ୍ଲାଟଫର୍ମରେ କାର୍ଯ୍ୟ କରିବା ଅଭ୍ୟାସ ହେଲା ପରେ ମେଲ ଜରିଆରେ ଆଉ କେଶ୍ ସମ୍ବନ୍ଧରେ ଅବଗତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହା ଜରିଆରେ ଜନସାଧାରଣ ତ୍ୱରିତ ନ୍ୟାୟ ପାଇବା ସହିତ ବିଭାଗୀୟ ଅଧିକାରୀ ମାନଙ୍କୁ କଣ୍ଟେମ୍ପଟ୍ କେଶ୍ କିମ୍ବା ସଂପୃକ୍ତ କୋର୍ଟ ମାନଙ୍କରୁ ଷ୍ଟ୍ରିକଚର ର ସମ୍ମୁଖୀନ ହେବାକୁ ପଡ଼ିବନି ବୋଲି ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ଜିଲ୍ଲାର ସମସ୍ତ ବି.ଡି.ଓ., ତହସିଲଦାର ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

# ପଚାଶ ହଜାର ଲାଂଚ ନେଇ ପାଟଣାଗଡ ସହ ଅଧିକ୍ଷଣ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ

ବଲାଙ୍ଗିର, ୨୪/୭ (ନି.ପ୍ର): ଫାଇନାଲ ବିଲ ପାଇଁ ପଚାଶ ହଜାର ଲାଂଚ ନେଇ ପାଟଣାଗଡ ସହ ଅଧିକ୍ଷଣ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ଧରାପଡ଼ି ଗିରଫ ।ଭିଜିଲାନ୍ସ ଦ୍ୱାରା ଧରା ପଡିଲେ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ସହ ଅଧୀକ୍ଷଣ ଯନ୍ତ୍ରୀ ସୁଜିତ କୁମାର ପାଢ଼ୀ। ଆଜି ଅପରାହ୍ନରେ ଶ୍ରୀ ପାଢ଼ୀ ଜଣେ ଠିକାଦାର ଙ୍କ ଠାରୁ ୫୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡି ଗିରଫ ହୋଇ ଛନ୍ତି । ସରକାରୀ ନିର୍ମାଣ କାମରେ ଏକ ବକେୟା ବିଲ୍ ଫାଇନାଲ କରାଇ ଦେବା ପାଇଁ ଠିକାଦାରଙ୍କ ଠାରୁ ୧ଲକ୍ଷ ଟାଙ୍କା ଲାଂଚ ମାଗିଥିଲେ ଶ୍ରୀ ପାଢ଼ୀ । ପ୍ରଥମ କିସ୍ତି ଅଗରୁ ଦେବା ପରେ ଦ୍ୱିତୀୟ କିସ୍ତି ଆଜି ୫୦ହଜାର ଟଙ୍କା ଲାଂଚ ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ବିଭାଗ ମାଡି ବସିଥିଲା ।

# ବେତନଟୀରୁ ପାଞ୍ଚ ଜଣିଆ ପ୍ରତିନିଧିଙ୍କର ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ପାଇଁ ଦିଲ୍ଲୀ ଯାତ୍ରା

ବେତନଟୀ , ୨୪/୭ (ନି.ପ୍ର): ବେତନଟୀ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ନିମନ୍ତ୍ରଣ ପାଇ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ମୟୁରଭଞ୍ଜ ଜିଲ୍ଲାର ବରିଷ୍ଠ ସଂଚାଳିକା ବିକେ ସାବିତ୍ରୀଙ୍କର ନେତୃତ୍ୱରେ ଏକ ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳୀ ଆଜି ରାଷ୍ଟ୍ରପତି ଭବନ ନୂଆ ଦିଲ୍ଲୀକୁ ଯାତ୍ରା କରିଛନ୍ତି । ଏହି ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳୀରେ ଅଛନ୍ତି ମୟୁରଭଞ୍ଜ ଜିଲ୍ଲାର ସଂଚାଳିକା ବିକେ ସାବିତ୍ରୀ,ସହ ସଂଚାଳିକା ବିକେ ବନିତା, ଉଦଳା ସେଣ୍ଟରର ମୁଖ୍ୟ ସଂଚାଳିକା ବିକେ ଦମୟନ୍ତୀ, ବେତନଟୀର ବରିଷ୍ଠ ଭ୍ରାତା ବିକେ ଡାକ୍ତର କୃପାସିନ୍ଧୁ ଏବଂ ରାସ ଗୋବିନ୍ଦପୁର ସେଣ୍ଟରର ବିକେ ଭରତ ଚନ୍ଦ୍ର । ସେମାନେ ଦିଲ୍ଲୀରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ବେତନଟୀକୁ ଆସିବା ପାଇଁ ନିମନ୍ତ୍ରଣ କରିବେ ବୋଲି ବିଶେଷ ସୂତ୍ରରୁ ପ୍ରକାଶ । ଏହି ଈଶ୍ୱରୀୟ ଯାତ୍ରାର ସଫଳତା କାମନା କରି ସିଭିଲ ସୋସାଇଟିର ସମ୍ପାଦକ ଏଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି, କବିସଙ୍ଗମର ସଭାପତି ଆଶୁ କବି ବାସୁଦେବ ନାପିତ, ସମ୍ବାଦ ସାହିତ୍ୟ ଘର ବେତନଟୀର ସଭାପତି ଡ଼କ୍ଟର ମନ୍ଦାକିନୀ ସାହୁ, ବିକାଶ ମଞ୍ଚର ଆବାହକ ସାମ୍ବାଦିକ ହରିଶ୍ଚନ୍ଦ୍ର ଗୋସ୍ୱାମୀ, ବେତନଟୀ ସାମ୍ବାଦିକ ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ,ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ,ପଦ୍ମମାଳି ଅନୁଷ୍ଠାନର ସଭାପତି ସଂଯୁକ୍ତା ଜୀ, ସମ୍ପାଦିକା ପ୍ରଭାତୀ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ବାଲିଆପାଳ ରାଧା ମୋହନ ମନ୍ଦିରରେ ମାସିକ ମହାମିଳନ ଉତ୍ସବ ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୨୪/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତରେ ଥିବା ରାଧା ମୋହନ ମନ୍ଦିର ରେ ବୁଧବାର ମନ୍ଦିରର ମାସିକ ମହାମିଳନ ଉତ୍ସବ ଏକ ଭବ୍ୟ ପାରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ମହାମିଳନ ଉତ୍ସବରେ ଦୂର ଦୁରନ୍ତ ସହିତ ସ୍ଥାନୀୟ ଅଞ୍ଚଳରୁ ଗୌଡିୟ ଓ ଇସ୍କନ୍ ବୈଷ୍ଣବ ଙ୍କ ସହିତ ବାଲିଆପାଳ ଅଞ୍ଚଳର ବହୁ ସନାତନ ଧର୍ମୀ ମହିଳା ଓ ପୁରୁଷ ଭକ୍ତ ମାନେ ଯୋଗ ଦେଇଥିଲେ। ପ୍ରତି ଦିନ ପରି ଆଜି ମଧ୍ୟ ପ୍ରାତଃ ରେ ମଙ୍ଗଳ ଆଳତୀ ହୋଇ ପୂଜାର୍ଚ୍ଚନା ହେବା ପରେ ଦର୍ଶନ ଆରତୀ ହୋଇଥିଲା। ପରେ ଶ୍ରୀ ପାଦ ପୂର୍ଣ୍ଣ ଚନ୍ଦ୍ର ଦାସ ଅଧିକାରୀଙ୍କ ହରି କଥାରେ ଭକ୍ତ ମାନେ ଭାବ ବିହୋଲ ହୋଇ ଭକ୍ତି କଥାରେ ଝୁମୀ ଥିଲେ। ଅପରାହ୍ନ ଏକ ଟା ତିରିଶ ମିନିଟ ଯାଏ ହରିକଥା ଆଲୋଚନା ହୋଇଥିଲା। ପରେ ରାଧା ମୋହନ ଙ୍କ ଠାରେ ପ୍ରାଦ ଲାଗିବା ଉପସ୍ଥିତ ଭକ୍ତ ମାନେ ମହା ଆନନ୍ଦରେ ପ୍ରାସାଦ ସେବନ କରିଥିଲେ। ଭଗତା ଚରଣ ନନ୍ଦୀ ପ୍ରାସାଦ ସେବା ମହାଆନନ୍ଦରେ ତୁଲାଇ ଥିବା ବେଳେ ମନ୍ଦିର ର ପ୍ରତିଷ୍ଠାତା ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

# ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଆୟୋଜିତ ହେଲା 'ଅଶ୍ରୁ ସନ୍ଧ୍ୟା'




ବାଲେଶ୍ୱର, ୨୪/୭ (ନି.ପ୍ର): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ପରିଚାଳକ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ସ୍ଥାନୀୟ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ସଭାଗୃହରେ ସୋମବାର ସନ୍ଧ୍ୟାରେ 'ଅଶ୍ରୁ ସନ୍ଧ୍ୟା' କାର୍ଯ୍ୟକ୍ରମ ହୋଇଥିଲା। 'ପ୍ରତିଭାଶ୍ରୀ' ଅନୁଷ୍ଠାନ ଓ ଫକୀରମୋହନ ଗୋଲେଇ ଚା' ଆସର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ପ୍ରଶାନ୍ତ ଦାସ ପୌରୋହିତ୍ୱ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଏକମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ନାୟକ, ଡା. ଶାନ୍ତନୁ ଦାସ, ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ବରିଷ୍ଠ ଆଇନଜୀବୀ ପର୍ଶୁରାମ ପ୍ରଧାନ, ସୁକୁମାର ଘୋଷ, ଶରତ ବିଶ୍ୱାଳ, କବି ଶ୍ରୀଦେବ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି ଉତ୍ପଳ ମହାନ୍ତି, ସମାଜସେବୀ ରାଜେଶ ଗିରି, ବରିଷ୍ଠ ସାମ୍ବାଦିକ ରଞ୍ଜନକୁମାର ବାଗ, ମଧୁସୂଦନ ଦାସ, ବିପ୍ଳବକୁମାର ମହାନ୍ତି, ଅମୃତାଂଶୁ ପଟ୍ଟନାୟକ, ସାମ୍ବାଦିକ ଶୁଭେନ୍ଦୁ ଦାସ, କବି ଅଭୟ ଦାସ, ରତିକାନ୍ତ ପାତ୍ର, ପ୍ରଶାନ୍ତ ପଟେଲ, କବି ମଧୁସୂଦନ ମିଶ୍ର, ସଞ୍ଜୟ ସାହୁ, ମାନସ ବିଶ୍ୱାଳ, ଗୋପୀକୃଷ୍ଣ ମହାନ୍ତି, କଳ୍ପନା ନାୟକ, ସରସ୍ୱତୀ ମହାନ୍ତି, ନନ୍ଦିତା ନାୟକ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ପ୍ରତିଭାଶ୍ରୀ ପକ୍ଷରୁ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜଣେ ଭଜନ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଘୋଷଣା କରାଯିବା ସହିତ ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଦେବଜ୍ୟୋତି ମହାନ୍ତିଙ୍କୁ ପ୍ରତିଭାଶ୍ରୀ ସ୍ୱପ୍ନବାହକ ଶାଖା ମୁଖ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

# ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ଼ଃ ବିଜୟ ସିଙ୍କ ମୃତ୍ୟୁରେ ଗଭୀର ଶୋକ

ଲଙ୍ଗଳେଶ୍ୱର , ୨୪/୭ (ନି.ପ୍ର): ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ତଥା ସୁ ସହିତ୍ୟିକ ଡଃ ବିଜୟ କୁମାର ସି ଙ୍କ ଗତ ୧୭ ତାରିଖ ଏକାଦଶୀ ତିଥିରେ ମୃତ୍ୟୁ ହୋଇ ଯାଇଛି। ତାଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଗଭୀର ଶୋକ ଖେଳି ଯାଇଛି। ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର ଗ୍ରାମରେ ଜନ୍ମିତ ବିଜୟ କୁମାର ସି କଠୋର ପରିଶ୍ରମ ଓ ଅଧ୍ୟବସାୟ ବଳରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ହୋଇ ଥିଲେ। ଚାକିରୀ ଜୀବନ କାଳରେ ବହୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦକ୍ଷ ଡାକ୍ତର ଭାବରେ କାର୍ଯ୍ୟ କରିବା ସହିତ କଟକ, ବ୍ରହ୍ମପୁର , ସମ୍ବଲପୁର ଆଦି ମେଡିକାଲ କଲେଜରେ ଅଧ୍ୟାପକ/ ପ୍ରାଧ୍ୟାପକ ଭାବରେ କାର୍ଯ୍ୟ ସମ୍ପାଦନ କରିଥଲେ। ଶେଷରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପଦବୀକୁ ଯାଇ ଅବସର ଗ୍ରହଣ କରିଥିଲେ। ଜଣେ ସୁ ସହିତ୍ୟିକ ଭାବେ ସେ ମଧ୍ୟ ସୁଖ୍ୟାତି ଅର୍ଜନ କରିଥିଲେ। ଅନେକ ପୁସ୍ତକ ରଚନା କରି ଜଣେ ଲେଖକ ଭାବରେ ନିଜର ପରିଚୟ ସୃଷ୍ଟି କରି ଥିଲେ। ଅବସର ଗ୍ରହଣ ପରେ ସେ ନିଜ ପରିବାର ସହିତ ଭୁବନେଶ୍ୱରରେ ରହୁଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ବ୍ୟାଙ୍କ ମେନେଜର ସୁଧୀର କୁମାର ଖଣ୍ଡା, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ, ଆବାହକ ଡଃ ସୁକାନ୍ତ କୁମାର ଗିରି, ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ, ଉତ୍କଳ ସମ୍ମିଳନୀ ବାଲିଆପାଳ ବ୍ଲକ ସମ୍ପାଦକ ସନ୍ନ୍ୟାସୀ ବେହେରା, ସୁବର୍ଣ୍ଣ ରେଖା ପ୍ରେସ କ୍ଲବର ଗୋପ ନାରାୟନ ଜେନା ,ସଞ୍ଜୟ କୁମାର ଗିରି, କବିତା ପ୍ରଧାନ, ଅବସର ପ୍ରାପ୍ତ ପ୍ରଧାପିକା ବିନୋଦିନୀ ପାତ୍ର, ଡଃ ସୁଶାନ୍ତ କୁମାର ଦାସ , ଶବ୍ଦ କୁଞ୍ଜ ପ୍ରତିଷ୍ଠାତା କାର୍ତ୍ତିକ ସେଠୀ, ଅଶୋକ କୁମାର ସାହୁ, ଯୁଗଳ କିଶୋର ପାତ୍ର, ଗାଳ୍ପିକା ସ୍ମୃତି ଦାସ, ଡଃ ପ୍ରଦୀପ କୁମାର ମିଶ୍ର, ସାମ୍ବାଦିକ ବାଞ୍ଛା ନିଧି ଦେ, ରାଧା କୃଷ୍ଣ ଦାସ ମହାପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo